ବର୍ଷ-୨୬, ସଂଖ୍ୟା-୧୩୫
ଭୁବନେଶ୍ୱର
୧୯, ମଇ, ୨୦୨୬ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 135
Bhubaneswar
19 May, 2026 Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ପଞ୍ଜାବ ପରାଜୟ ପାଇଁ ପ୍ରୀତିଙ୍କ ମନ ଖରାପ



# କର୍ମକର୍ତ୍ତାଙ୍କୁ ନବୀନ ଦେଲେ ୫ ଗୁରୁମନ୍ତ୍ର

ଭୁବନେଶ୍ୱର,୧୮।୫(ମହାଭାରତ): ରାଜ୍ୟରେ ଶାସନ କ୍ଷମତା ହାସଲ କରିବା କେବଳ ଏକମାତ୍ର ଲକ୍ଷ୍ୟ ନୁହେଁ ବରଂ ଦୀର୍ଘକାଳୀନ ସଂଘର୍ଷ ଓ ସମର୍ପଣ ମନୋଭାବ ନେଇ ସାଧାରଣ ଲୋକଙ୍କ ସେବା କରିବା ଏବଂ ସଂଗଠନକୁ ତୃଣମୂଳସ୍ତରରୁ ଅଧିକ ସୁଦୃଢ଼ କରିବା ହେଉଛି ପ୍ରତିଟି କର୍ମକର୍ତ୍ତାଙ୍କ ମୂଳ କର୍ତ୍ତବ୍ୟ। ଏଭଳି ଢଙ୍ଗରେ ଦଳୀୟ କର୍ମକର୍ତ୍ତାମାନଙ୍କ ଉତ୍ସାହ ଭରିଛନ୍ତି ଓଡିଶା ଗସ୍ତରେ ଆସିଥିବା ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ। ଦଳୀୟ କର୍ମୀ ଓ ନେତାମାନଙ୍କୁ ୫ଟି ଗୁରୁମନ୍ତ୍ର ଦେବା ସହ 'ବିକଶିତ ଓଡିଶା' ଗଠନ ମୂଳଲକ୍ଷ୍ୟ ବୋଲି କହିଛନ୍ତି।

ପ୍ରଥମଥର ଓଡିଶା ଗସ୍ତରେ ଆସଥିବା ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ନବୀନଙ୍କର ଆଜି ଦିନତମାମ ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ରହିଥିଲା। ଆଜି ସକାଳ ସାଢେ ୮ଟାରୁ କୋର କମିଟି ବୈଠକରୁ ନିଜର ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ଆରମ୍ଭ କରିଥିବା ନବୀନ ଜଟଣୀରେ ପ୍ରଶିକ୍ଷଣ ଶିବିରକୁ ଉଦଘାଟନ, ମହାପ୍ରଭୁ ଶ୍ରୀଜଗନ୍ନାଥ ଦର୍ଶନ, ବିଭିନ୍ନ ମୋର୍ଚ୍ଚାର କର୍ମକର୍ତ୍ତାଙ୍କ ସହ ସାଂଗଠନିକ ପ୍ରସଙ୍ଗରେ ଆଲୋଚନା ଓ ମନ୍ତ୍ରିପରିଷଦ ସଦସ୍ୟଙ୍କ ସହ ବୈଠକ କରି ସଂଗଠନକୁ ସୁଦୃଢ ପାଇଁ ଗୁରୁତ୍ୱପୂର୍ଣ୍ଣ ଟାସ୍କ ଦେଇଥିବା ଜଣାପଡିଛି।

ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ଦ୍ୱାରା ଆୟୋଜିତ ଦୁଇଦିନିଆ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ- ୨୦୨୬କୁ ଆନୁଷ୍ଠାନିକ ଉଦଘାଟନ କରିବା ସହ କର୍ମକର୍ତ୍ତାଙ୍କୁ ସମ୍ବୋଧିତ କରିଥିଲେ ନୀତିନ ନବୀନ। ସେ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ମୋଦିଙ୍କ ସଫଳ ନେତୃତ୍ୱରେ ଆଜି ସମଗ୍ର ବିଶ୍ୱରେ ଭାରତ ଏକ ସ୍ୱତନ୍ତ୍ର ଓ ଗୌରବମୟ ସ୍ଥାନ ସୃଷ୍ଟି କରିପାରିଛି। 'ରାଷ୍ଟ୍ର ସର୍ବୋପରି' ଭାବନାକୁ ପାଥେୟ କରି ମୋଦି ସରକାର ୨୦୨୪ ସୁଦ୍ଧା ବିକଶିତ ଭାରତ ଗଠନ ନିମନ୍ତେ ଦିନରାତି ପରିଶ୍ରମ କରୁଛନ୍ତି।

ତେବେ ବର୍ତ୍ତମାନର ରାଜନୈତିକ ସ୍ଥିତି ଉପରେ ଚିନ୍ତାପ୍ରକଟ କରି ସେ କହିଛନ୍ତି ଯେ, ଅତୀତରେ ବିରୋଧୀ ଦଳଗୁଡିକ ଗଠନାତ୍ମକ ସହଯୋଗ କରୁଥିଲେ, କିନ୍ତୁ ଏବେ ସେମାନଙ୍କ ଆଚରଣ ଓ ଉଚ୍ଚାରଣରେ ନକରାତ୍ମକତା ସ୍ପଷ୍ଟ ବାରି ହୋଇପଡୁଛି। ବିରୋଧୀ ଦଳଗୁଡିକ 'ଜେନ୍ ଜି' ନାମରେ ଦେଶର ସୃଜନଶୀଳ ଓ ନବସୃଜନକ୍ଷମ ଯୁବବର୍ଗଙ୍କୁ ପଥଭ୍ରାନ୍ତ କରି ବିକାଶର ଧାରାକୁ ରୋକିବାକୁ ଚେଷ୍ଟା କରୁଛନ୍ତି।




ଏହି ଅବସରରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଦଳୀୟ କର୍ମକର୍ତ୍ତାଙ୍କୁ ୫ଟି ଗୁରୁମନ୍ତ୍ର ଦେଇଛନ୍ତି। ସେ କହିଛନ୍ତି ଯେ, "ଜେନ-ଜି ଯୁବପିଢ଼ିଙ୍କ ମନରେ ଯେପରି ନକରାତ୍ମକତା ନରହେ ସେଥିପାଇଁ କାର୍ଯ୍ୟ କରିବା, ରାଷ୍ଟ୍ର ପ୍ରତି ସମ୍ପୂର୍ଣ୍ଣ ସମର୍ପିତ ହେବା, ଦେଶର ଗଣତନ୍ତ୍ରରେ ଯେପରି ଅନୁପ୍ରବେଶକାରୀମାନେ ଭାଗିଦାରୀ ନହୁଅନ୍ତି ତାହା ସୁନିଶ୍ଚିତ କରିବା, ପ୍ରଧାନମନ୍ତ୍ରୀଙ୍କ ଭଳି ଦଳୀୟ ମତଭେଦ ଭୁଲି ବିକାଶ ଦିଗରେ କାର୍ଯ୍ୟ କରିବା ଓ ତୃଣମୂଳ ସ୍ତରରୁ ସାଂଗଠନିକ ସ୍ଥିତିକୁ ସୁଦୃ? କରିବା।" ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଏକ ନିରନ୍ତର ପ୍ରକ୍ରିୟା ବୋଲି ବର୍ଣ୍ଣନା କରି ସେ ଦଳ ଓ ସଂଗଠନକୁ ଅଧିକ ଶକ୍ତିଶାଳୀ କରିବା ପାଇଁ କାର୍ଯ୍ୟ ଜାରି ରଖିବାକୁ କହିଛନ୍ତି। ସେହିପରି ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ପୋଷ୍ଟ କରି ସେ ଉଲ୍ଲେଖ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ମାର୍ଗଦର୍ଶନ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଚାଲିଥିବା ଡବଲ ଇଞ୍ଜିନ ସରକାର ଓଡିଶାକୁ ବିକାଶର ଏକ ନୂତନ ଦିଗକୁ ନେଇଛି।

ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବା ମହାଅଭିଯାନ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସମେତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରୀୟ ପ୍ରଶିକ୍ଷଣ ସହସଂଯୋଜିକା ସାଂସଦ କବିତା ପାଟିଦାର, କ୍ଷେତ୍ରୀୟ ସଂଯୋଜକ ଦୀନେଶାନନ୍ଦ ଗୋସ୍ୱାମୀ, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ରଙ୍କ ସମେତ ବିଧାୟକ ବାବୁ ସିଂ ଓ ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ।

ସେହିପରି ସକାଳେ ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନଙ୍କ ଉପସ୍ଥିତିରେ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ କୋର କମିଟି ବୈଠକ ପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗଣମାଧ୍ୟମକୁ ପ୍ରତିକ୍ରିୟାରେ କହିଥିଲେ ଯେ, ସରକାର ଓ ସଂଗଠନ କିଭଳି ଅଧିକ ନିଖୁଣତାର ସହ ଲୋକଙ୍କ ନିକଟତର ହେବ, ସରକାରଙ୍କ ଯୋଜନାଗୁଡିକୁ ସମାଜର ଶେଷ ଧାଡିରେ ଥିବା ବ୍ୟକ୍ତିଙ୍କ ପାଖକୁ ପହଂଚାଇବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

୨୦୩୬ ମସିହା ସୁଦ୍ଧା ଏକ ବିକଶିତ ଓଡିଶା ଗଠନର ରୋଡମ୍ୟାପ୍ ପ୍ରସ୍ତୁତି ପାଇଁ ୫ଟି ପ୍ରମୁଖ ପରାମର୍ଶ ଦେଇଛନ୍ତି। ସରକାରୀ ନିଯୁକ୍ତି ପ୍ରସଙ୍ଗରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ମନ୍ତ୍ରି ପରିଷଦ ବୈଠକରେ ବିଭିନ୍ନ ବିଭାଗର ଉପଲବ୍ଧି ଓ ଆଗାମୀ ଲକ୍ଷ୍ୟ ସମ୍ପର୍କରେ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କୁ ଅବଗତ କରାଯାଇଛି। ସଂଗଠନ ପାଇଁ କାର୍ଯ୍ୟ କରିବାବେଳେ 'ଅଳ୍ପରେ ସନ୍ତୁଷ୍ଟ ନହୋଇ ନିରନ୍ତର ପ୍ରୟାସ ଜାରି ରଖିବାକୁ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିବା ସେ ସୂଚନା ଦେଇଛନ୍ତି।

ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ନବୀନ ଜଟଣୀରେ ପ୍ରଶିକ୍ଷଣ ଶିବିର ପରେ ସପରିବାର ପୁରୀ ଗସ୍ତ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଥିଲେ। ଏହାସହିତ ମହାପ୍ରଭୁଙ୍କ ମହାପ୍ରସାଦ ସେବନ କରିଥିଲେ। ଶ୍ରୀ ନବୀନଙ୍କ ପୁରୀ ଗସ୍ତବେଳେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ପୁରୀ ସାଂସଦ ସମ୍ବିତ ପାତ୍ର ମଧ୍ୟ ତାଙ୍କ ସହ ରହିଥିଲେ। ପୁରୀରୁ ଫେରି ପୁଣିଥରେ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଦୁଇ ଘଣ୍ଟାରୁ ଅଧିକ ସମୟ ଧରି ବିଭିନ୍ନ ମୋର୍ଚ୍ଚାର ରାଜ୍ୟ କର୍ମକର୍ତ୍ତାଙ୍କ ସହ ବୈଠକ କରି ଗୁରୁମନ୍ତ୍ର ଦେଇଥିଲେ। ରାଜ୍ୟ ପଦାଧିକାରୀ, ସାଂସଦ ଓ ବିଧାୟକଙ୍କ ବୈଠକରେ ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ଓଡିଶା ପ୍ରଭାରୀ ଓ ସହପ୍ରଭାରୀଙ୍କ ସମେତ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ।ବିଶେଷକରି ସଂଗଠନକୁ ସୁଦୃ? କରିବା ନିମନ୍ତେ ପରାମର୍ଶ ଦେବା ସହ କର୍ମକର୍ତ୍ତାଙ୍କ ସଙ୍ଗେ ସିଧାସଳଖ ଆଲୋଚନା ମଧ୍ୟ କରିଥିଲେ।

ଏହାପରେ ରାଜ୍ୟ ମନ୍ତ୍ରୀ ପରିଷଦ ସଦସ୍ୟଙ୍କ ବୈଠକ କରି ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ରାତି ସାଢେ ୮ଟାରେ ଭୁବନେଶ୍ୱର ବିମାନବନ୍ଦରରୁ ନୂଆଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି।

## ଗୁଳି ଫୁଟାଇ ଲୁଟି ନେଲେ ୮ ଲକ୍ଷ

କେନ୍ଦୁଝର୧୮।୫(ମହାଭାରତ): ବାଉରିପଦା ପଞ୍ଚାୟତରେ ଆଜି ଦେବାକୁ ଥିଲା ଭତ୍ତା। ଏଣୁ ସକାଳ ୯ ଟା ୪୫ ମିନିଟରେ କେନ୍ଦୁଝର ଏଚଡିଏଫସି ବ୍ୟାଙ୍କରୁ ବାଉରିପଦା ପିଇଓ ଏବଂ ଏଡିଇଓ ମିଶି ୮ଲକ୍ଷ ୧୮ ହଜାର ଏକ ଶହ ଟଙ୍କା ଉଠାଇ ପଞ୍ଚାୟତ ଅଭିମୁଖେ ବାଇକରେ ଯାଉଥିଲେ। ଉଭୟଙ୍କୁ ଜଣା ନ ଥିଲା ଏକ ନାଲି ରଙ୍ଗର ପଲସର ମୋଟର ସାଇକଲ ତାଙ୍କୁ ପିଛା କରୁଛି ବୋଲି। ସଦର ଥାନା ମୁକୁନା ବଜାର ଠାରୁ କିଛି ଦୂରରେ ପଲସର ବାଇକରେ ଥିବା ତିନି ଜଣ ହଠାତ ତାଙ୍କ ସାମ୍ନାରେ ବାଇକରଖି ତାଙ୍କୁ ଟଙ୍କା ଭରା ବ୍ୟାଗ ମାଗିଥିଲେ।ଏ ଦୁଇ ଜଣ ନ ଦେବାରୁ ବନ୍ଧୁକ ବାହାର କରି ଏକ ରାଉଣ୍ଡ ଗୁଳି ଫୁଟାଇ ଥିଲେ। ଗୁଳି ଫୁଟାଇ ଦୁଇ ଅଧିକାରୀଙ୍କ ଦୁଇଟି ବ୍ୟାଗକୁ ଛଡାଇ ନାଲି ପଲସର ( ନମ୍ବର- ଓଡି୦୨ଜେ୫୨୦୩) ଗାଡ଼ିରେ ବେଲଦା ଅଭିମୁଖେ ପଳାଇଯାଇଥିଲେ। ପରେ ପିଇଭି ଫୋନ ମାଧ୍ୟମରେ ସଦର ବିଡିଓ ଙ୍କୁ ଅବଗତ କରାଇଥିଲେ। ସବୁ କଥା ଶୁଣିବା ପରେ ଅଧିକାରୀମାନେ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ୟୁକ୍ରେନ ଡ୍ରୋନ୍ ଆକ୍ରମଣରେ ଗଞ୍ଜାମର ଜଣେ ମୃତ

ଭୁବନେଶ୍ୱର,୧୮।୫(ମହାଭାରତ): ନିକଟରେ ରୁଷ୍ ଉପରେ ୟୁକ୍ରେନ୍ ଡ୍ରୋନ୍ଆକ୍ରମଣରେ ଜଣେ ଭାରତୀୟଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ହୋଇଛନ୍ତି। ଏହି ମୃତାହତମାନେ ଗଞ୍ଜାମଜିଲ୍ଲା ଚିକିଟି ବ୍ଲକର ବୋଲି ଜଣାଯାଇଛି।

ସରକାରଙ୍କ ପକ୍ଷରୁ ପ୍ରକାଶିତ ସୂଚନାନୁସାରେ, ମୃତକ ଜଣକ ଚିକିଟି ବ୍ଲକ୍ କେ ନୂଆଗାଁ ମାଧବନ୍ଦର ବାସିନ୍ଦା ଥିଲେ। ସେହିଭଳି ଆହତ ଦୁଇଜଣ ରଙ୍ଗେଇଲୁଣ୍ଡା ବ୍ଲକର ଗୋଳନ୍ଥରା ଥାନା ଅଧୀନ କୋଠାରସିଙ୍ଗି ଗାଁର ବାସିନ୍ଦା ଅଟନ୍ତି। ସେମାନେ ସମସ୍ତେ କୁଶଳୀ କାରିଗର ଥିଲେ। ଆହତ ବ୍ୟକ୍ତିମାନେ ହେଲେ- ଜି କ୍ଷେତ୍ରବାସୀ ରେଡ୍ଡୀ ଓରଫ ବଡ୍ଡାନ୍ନାଙ୍କ ପୁତ୍ର ଜି ତେଜା (୨୨) ଏବଂ ଜି କ୍ଷେତ୍ରବାସୀ ରେଡ୍ଡୀ (୩୫)। ଆହତଙ୍କ ପରିଚୟ ମିଳିଥିଲେ ମଧ୍ୟ ମୃତକଙ୍କ ପରିଚୟ ସମ୍ପର୍କରେ ମସ୍କୋ ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ କେଣସି ସୂଚନା ଜାରି କରାଯାଇନାହିଁ। ସୂଚନାଯୋଗ୍ୟ, ଗଞ୍ଜାମ ଜିଲ୍ଲାରୁ ଅନେକ ସାଉଦୀ, ଦୁବାଇ, ଆବୁଧାବି, ଓମାନ୍, କୁଏତ୍ ଆଦି ମଧ୍ୟପ୍ରାଚ୍ୟରେ ନିର୍ମାଣ ଆଦି କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଅଳ୍ପସଂଖ୍ୟକ କୁଶଳୀ କାରିଗର ରୁଷ୍ ଓ ଅନ୍ୟ ଇଉରୋପୀୟ ରାଷ୍ଟ୍ରରେ କାର୍ଯ୍ୟ କରୁଛନ୍ତି।

## ଭୁବନେଶ୍ୱରରେ କାର୍ଯ୍ୟାଳୟ ଖୋଲିବ 'ସେବି'

ଭୁବନେଶ୍ୱର,୧୮।୫(ମହାଭାରତ): ପୁଞ୍ଜି ବଜାରର ନିୟାମକ ସଂସ୍ଥା ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ଭୁବନେଶ୍ୱରରେ ଏକ ନୂତନ କାର୍ଯ୍ୟାଳୟ ଖୋଲିବାକୁ ଯାଉଛି। ଆଜି ଏଥିପାଇଁ ଭଡା ଚୁକ୍ତି ସ୍ୱାକ୍ଷର ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ଏକ ଛୋଟ କାର୍ଯ୍ୟାଳୟ ଆରମ୍ଭ ହେବ। ପୂର୍ବରୁ ସେବିର ମୁମ୍ବାଇ ଓ କୋଲକାତା କାର୍ଯ୍ୟାଳୟ ଜରିଆରେ କରାଯାଉଥିବା କାମଗୁଡିକୁ ଆଗକୁ ଭୁବନେଶ୍ୱରରୁ କରାଯିବ। ଏଥି ସହିତ ଭବିଷ୍ୟତରେ ଏଠାରେ ଏକ ସ୍ଥାୟୀ କାର୍ଯ୍ୟାଳୟ ସ୍ଥାପନ କରାଯିବ ବୋଲି ସେବିର ଅଧ୍ୟକ୍ଷ ତୁହିନକାନ୍ତ ପାଣ୍ଡେ କହିଛନ୍ତି।



ଆସୋସିଏସନ୍ ଅଫ୍ ମ୍ୟୁଚୁଆଲ୍ ଫଣ୍ଡସ ଇନ୍ ଇଣ୍ଡିଆ (ଆମ୍ଫି) ପକ୍ଷରୁ ଆୟୋଜିତ ଆଞ୍ଚଳିକ ନିବେଶକ ସଚେତନତା କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଶ୍ରୀ ପାଣ୍ଡେ ମୁନସିପାଲିଟି ବଣ୍ଡର ବୁଥିବା ଗ୍ରହଣୀୟତା ଉପରେ ଆଲୋକପାତ କରିଥିଲେ। ମୁନିସପାଲିଟିଗୁଡିକ ପାଇଁ ପାଣ୍ଠି ସଂଗ୍ରହ କରିବାର ଏହି ବ୍ୟବସ୍ଥାକୁ ଓଡିଶା ଗମ୍ଭୀରତାର ସହ ଗ୍ରହଣ କରିବା ଦରକାର ବୋଲି ସେ କହିଥିଲେ। ସେ କହିଲେ, ବର୍ତ୍ତମାନ ସୁଦ୍ଧା ଦେଶର ୨୨ଟି ସହରାଞ୍ଚଳ ପେର ସଂସ୍ଥା ୩୩ ମୁନସିପାଲିଟି ବଣ୍ଡ ଜାରି କରି ୪୫୦୦ କୋଟି ଟଙ୍କା ସଂଗ୍ରହ କରିଛନ୍ତି। ଉତ୍ତରପ୍ରଦେଶ, ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶର ମୁନସିପାଲିଟିଗୁଡିକ ଏହି ବଣ୍ଡ୍ ଜାରି କରିଛନ୍ତି। ଓଡିଶା ମଧ୍ୟ ସେଥିରେ ସାମିଲ ହୋଇ ସେହି ବଣ୍ଡର ଲାଭ ହାସଲ କରିବା ଉଚିତ୍। ଦ୍ରୁତ ଗତିରେ ବୁଥିବା ସହରାଞ୍ଚଳ ବିକାଶ ପାଇଁ ପାଣ୍ଠି ଆବଶ୍ୟକତା ପୂରଣ କରିବାରେ ଏହି ବଣ୍ଡ୍ ସହାୟକ ହୋଇପାରିବ। କେନ୍ଦ୍ର ସରକାର ଏହି ବଣ୍ଡ୍ ଉପରେ ଅନୁଦାନ ଆକାରରେ ପ୍ରୋତ୍ସାହନ ମଧ୍ୟ ଦେଉଛନ୍ତି ବୋଲି ଶ୍ରୀ ପାଣ୍ଡେ କହିଥିଲେ। ଦେଶର ମ୍ୟୁଚୁଆଲ୍ ଫଣ୍ଡ୍ ବଜାର ସମ୍ପର୍କରେ ସେ କହିଥିଲେ ଯେ ୨୦୧୫-୧୬ରେ ଏହାର ଆକାର ୧୨ ଲକ୍ଷ କୋଟି ଟଙ୍କା ଥିଲା ଯାହା ବର୍ତ୍ତମାନ ୮୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ସେଥି ପ୍ରତି ଓଡିଶାର ଅବଦାନ ପ୍ରାୟ ୭୧ ହଜାର କୋଟି ଟଙ୍କା ରହିଛି ଯାହା ଜାତୀୟ ବଜାରର ୧ ପ୍ରତିଶତରୁ ମଧ୍ୟ କମ୍। ଦେଶର ଅର୍ଥନୀତି ପ୍ରତି ଓଡିଶାର ଅବଦାନ ୩ ପ୍ରତିଶତ ପାଖାପାଖି ରହିଛି। ମ୍ୟୁଚୁଆଲ୍ ଫଣ୍ଡ୍ ବଜାରର ଅବଦାନ ଅନ୍ତତଃ ୩ ପ୍ରତିଶତକୁ ବୃଦ୍ଧି ପାଇବା ଦରକାର ବୋଲି ସେ କହିଥିଲେ। ସିଷ୍ଟମେଟିକ୍ ଇନଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍ଆଇପି)ର ମାସିକ ଅଭିବୃଦ୍ଧିରେ ଓଡିଶା ବଜାର ସାରା ଦେଶରେ ଅଗ୍ରଣୀ ସ୍ଥାନରେ ଥିବା ସେ ସୂଚନା ଦେଇଥିଲେ।

## ୨୦ରେ ପ୍ରକାଶ ପାଇବ ଯୁକ୍ତ ଦୁଇ ରେଜଲ୍ଟ

ଭୁବନେଶ୍ୱର,୧୮।୫(ମହାଭାରତ): ଯୁକ୍ତ ୨ ପରୀକ୍ଷା ଫଳକୁ ନେଇ ୨୦ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ଆସନ୍ତା ମେ ୨୦ ତାରିଖରେ ଚଳିତ ବର୍ଷର ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶ ପାଇବ। ଏକାସଙ୍ଗେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ପାଠ୍ୟକ୍ରମର ରେଜଲ୍ଟ ଘୋଷଣା କରାଯିବ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଜି ଏହି ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ବିଗତ ବର୍ଷଗୁଡ଼ିକରେ ସାଧାରଣତଃ ବିଜ୍ଞାନ ଓ ବାଣିଜ୍ୟ ରେଜଲ୍ଟ ପ୍ରଥମେ ଏବଂ ପରେ କଳା ବିଭାଗର ରେଜଲ୍ଟ ପ୍ରକାଶ ପାଉଥିଲା। ମାତ୍ର ଚଳିତ ବର୍ଷ ଛାତ୍ରଛାତ୍ରୀଙ୍କ ସୁବିଧା ଏବଂ ପରବର୍ତ୍ତୀ ନାମଲେଖା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ଏକ ବଡ଼ ନିଷ୍ପତ୍ତି ନିଆଯାଇଛି। ଚଳିତ ବର୍ଷ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ପ୍ରାୟ ୪ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଯୁକ୍ତ ଦୁଇ ବୋର୍ଡ ପରୀକ୍ଷା ଦେଇଛନ୍ତି। ପରୀକ୍ଷା ଶେଷ ହେବା ଦିନଠାରୁ ହିଁ ସମସ୍ତ ପରୀକ୍ଷାର୍ଥୀ ଓ ସେମାନଙ୍କ ଅଭିଭାବକମାନେ ରେଜଲ୍ଟକୁ ଚାତକ ଭଳି ଅପେକ୍ଷା କରି ରହିଥିଲେ। orissaresults.nic.in, chseodisha.nic.in, ଏହାଛଡ଼ା ସଂଶ୍ଳିଷ୍ଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ମଧ୍ୟ ସାମସ୍ କଲେଜ ଲଗଇନ୍ ଜରିଆରେ ପରୀକ୍ଷା ଫଳ ଉପଲବ୍ଧ କରାଇ ଦିଆଯିବ। ସେହିପରି ଛାତ୍ରଛାତ୍ରୀମାନେ ନିଜର ଡିଜିଲକର ଆକାଉଣ୍ଟରୁ ମଧ୍ୟ ମାର୍କସିଟ୍ ଡାଉନଲୋଡ୍ କରିପାରିବେ।

## ଇଆରଟି ବୈଠକକୁ ସମ୍ବୋଧନ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୮।୫(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୭ ମଇ, ୨୦୨୬ରେ ଗୋଥେନବର୍ଗଠାରେ ଆୟୋଜିତ ୟୁରୋପୀୟ ଶିଳ୍ପ ଗୋଲଟେବୁଲ (ଇଆରଟି) ବୈଠକକୁ ସମ୍ବୋଧିତ କରିଛନ୍ତି। ଭଲଭୋ ଗ୍ରୁପ୍ ଦ୍ୱାରା ଆୟୋଜିତ ଏହି ଆଲୋଚନାରେ ସ୍ୱିଡେନର ପ୍ରଧାନମନ୍ତ୍ରୀ ଶ୍ରୀ ଉଲଫ୍ କ୍ରିଷ୍ଟରସନ୍; ୟୁରୋପୀୟ କମିଶନର ଅଧ୍ୟକ୍ଷା ଶ୍ରୀମତୀ ଉର୍ସୁଲା ଭନ୍ ଡେର୍ ଲେଏନ୍, ୟୁରୋପୀୟ ଶିଳ୍ପପତି ଏବଂ ଅଗ୍ରଣୀ ୟୁରୋପୀୟ ଏବଂ ଭାରତୀୟ କମ୍ପାନୀଗୁଡ଼ିକର ପ୍ରତିନିଧିମାନେ ଯୋଗଦେଇଥିଲେ।



ନିଜର ଭାଷଣରେ, ପ୍ରଧାନମନ୍ତ୍ରୀ ମୋଦୀ ଭାରତ ଏବଂ ୟୁରୋପ ମଧ୍ୟରେ ବଢୁଥିବା ରଣନୈତିକ ସମନ୍ୱୟ ଉପରେ ଆଲୋକପାତ କରିଥିଲେ। ଏହା ସହିତ ସେ ଏକ କ୍ରମଶଃ ଜଟିଳ ଏବଂ ଅନିଶ୍ଚିତ ବିଶ୍ୱ ପରିବେଶରେ ନିର୍ଭରଯୋଗ୍ୟ ସହଭାଗୀତାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ।

ପ୍ରଧାନମନ୍ତ୍ରୀ ମୋଦୀ ଐତିହାସିକ ଭାରତ-ୟୁରୋପୀୟ ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଏଫଟିଏ) ପାଇଁ ଚାଲିଥିବା ଆଲୋଚନାର ସଫଳ ପରିସମାପ୍ତି ସମେତ ଭାରତ-ୟୁରୋପୀୟ ସମ୍ପର୍କରେ ଆସୁଥିବା ପ୍ରଗତିକୁ ସ୍ୱାଗତ କରିଥିଲେ। ସେ ଏହି ଚୁକ୍ତିନାମାକୁ ଏକ ପରିବର୍ତ୍ତନକାରୀ ଆର୍ଥିକ ସହଭାଗୀତା ଭାବରେ ବର୍ଣ୍ଣନା କରିଥିଲେ ଯାହା ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା, ଉତ୍ପାଦନ, ସେବା ଏବଂ ସ୍ଥିର ଯୋଗାଣ ଶୃଙ୍ଖଳ କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି କରିବ। ସେ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଅର୍ଥନୈତିକ କରିଡର (ଆଇଏମଇସି) ଭଳି ସଂଯୋଗୀକରଣ ପ୍ରକଳ୍ପଗୁଡ଼ିକ ଭାରତ-ୟୁରୋପ ବାଣିଜ୍ୟ ସହଭାଗୀତାକୁ ଆହୁରି ମୂଲ୍ୟବାନ କରିବ। ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ, ଆଜି ଭାରତ ନିବେଶ, ନବସୃଜନ ଏବଂ ଉତ୍ପାଦନ ପାଇଁ ବିଶ୍ୱର ସବୁଠାରୁ ଆକର୍ଷଣୀୟ ଗନ୍ତବ୍ୟସ୍ଥଳ ମଧ୍ୟରେ ପରିଗଣିତ ହେଉଛି। ସେ ଭାରତର ଦ୍ରୁତ ଆର୍ଥିକ ପ୍ରଗତି, ପରବର୍ତ୍ତୀ ପିଢ଼ିର ଆର୍ଥିକ ସଂସ୍କାର, ବ୍ୟବସାୟ କରିବାର ସହଜତାରେ ଉନ୍ନତି ଆଣିବାକୁ ସରକାରଙ୍କ ପ୍ରୟାସ, ବ୍ୟାପକ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି, ଏକ ଗତିଶୀଳ ଉତ୍ପାଦନ ଇକୋସିଷ୍ଟମ ଏବଂ ଏକ ଦ୍ରୁତ ରୂପାନ୍ତରିତ ଭିତ୍ତିଭୂମି କ୍ଷେତ୍ର ଉପରେ ଆଲୋକପାତ କରିଥିଲେ। ସେ ଭାରତର ପରିକଳ୍ପନା 'ଭାରତ ପାଇଁ ଡିଜାଇନ, ଭାରତରେ ଉତ୍ପାଦନ ଓ ଭାରତରୁ ରପ୍ତାନି' କଥା ଦୋହରାଇଥିଲେ। ଏହା ସହିତ ଏକ ନିର୍ଭରଯୋଗ୍ୟ ଏବଂ ବିଶ୍ୱସ୍ତ ଅର୍ଥନୈତିକ ଅଂଶୀଦାର ଭାବରେ ଭାରତ ସହିତ ସେମାନଙ୍କର ସମ୍ପର୍କକୁ ଆହୁରି ନିବିଡ଼ କରିବାକୁ ସେ ୟୁରୋପୀୟ କମ୍ପାନୀଗୁଡ଼ିକୁ ଆମନ୍ତ୍ରଣ କରିଥିଲେ।


# କେରଳ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ସତୀଶନ

ତିରୁଅନନ୍ତପୁରମ୍,୧୮।୫(ମହାଭାରତ): କଂଗ୍ରେସ ନେତୃତ୍ୱାଧୀନ ୟୁନାଇଟେଡ୍ ଡେମୋକ୍ରାଟିକ୍ ଫ୍ରଣ୍ଟ (ୟୁଡିଏଫ୍) କେରଳ ବିଧାନସଭା ନିର୍ବାଚନରେ ଐତିହାସିକ ବିଜୟ ହାସଲ କରିଛି। ୧୪୦ ଆସନରୁ ୧୦୨ ଆସନ ଜିତିଛି। ଭି.ଡି. ସତୀଶନ ସୋମବାର

### ରାହୁଲ ଓ ପ୍ରିୟଙ୍କା ଉପସ୍ଥିତ

ପୂର୍ବାହ୍ନରେ ରାଜଧାନୀ ତିରୁବନନ୍ତପୁରମର ସେଣ୍ଟ୍ରାଲ ଷ୍ଟାଡିୟମରେ ତାଙ୍କ କ୍ୟାବିନେଟ ସହିତ ପଦ ଏବଂ ଗୋପନୀୟତାର ଶପଥ ଗ୍ରହଣ କରିଛନ୍ତି। ସତୀଶନଙ୍କୁ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର ପଦ ଏବଂ ଗୋପନୀୟତାର ସହିତ ଶପଥପାଠ କରାଇଛନ୍ତି।

ଏହି ସମାରୋହରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼୍ଗେ, ଲୋକସଭା ସଦସ୍ୟ ରାହୁଲ ଗାନ୍ଧୀ ଏବଂ ଦଳର ମହାସଚିବ ପ୍ରିୟଙ୍କା ଗାନ୍ଧୀ ଭଦ୍ର ଯୋଗ ଦେଇଛନ୍ତି। ସେହିପରି କଂଗ୍ରେସ



ଶାସିତ ରାଜ୍ୟ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର, ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ଏବଂ ହିମାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ଶୁଖୁ ମଧ୍ୟ ଉପସ୍ଥିତ ଅଛନ୍ତି। ସେହିପରି ସମାରୋହରେ ବରିଷ୍ଠ କଂଗ୍ରେସ ନେତା କେସି ବେଣୁଗୋପାଳ, ବିଜେପି କେରଳ ସଭାପତି ରାଜୀବ ଚନ୍ଦ୍ରଶେଖର, ସିପିଆଇ ନେତା ବିନୟ ବିଶ୍ୱମ ପ୍ରମୁଖ ଯୋଗଦେଇଛନ୍ତି।

୨୧ ସଦସ୍ୟ ବିଶିଷ୍ଟ 'ପୂର୍ଣ୍ଣ କ୍ୟାବିନେଟ'ରେ ଆଞ୍ଚଳିକ ଏବଂ ମେଣ୍ଟ ସନ୍ତୁଳନ ଉପରେ ଗୁରୁତ୍ୱ ଦିଆଯାଇଛି। ଭି.ଡି. ସତୀଶନ ରବିବାର ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥନ ଆର୍ଲେକରଙ୍କୁ ଭେଟି ତାଙ୍କ ଚୂଡ଼ାନ୍ତ ସହଯୋଗୀ ତାଲିକା ଦାଖଲ କରିଥିଲେ। ସତୀଶନଙ୍କ ସମେତ ୨୧ ଜଣ ସଦସ୍ୟଙ୍କୁ ନେଇ ଗଠିତ ନୂତନ କ୍ୟାବିନେଟ ଗଠନ ହେବ। ମେଣ୍ଟ ଚୁକ୍ତିନାମା ଅନୁଯାୟୀ, ମନ୍ତ୍ରିମଣ୍ଡଳରେ ଦୁଇଜଣ ମହିଳା ଏବଂ ଅନୁସୂଚିତ ଜାତି ସମ୍ପ୍ରଦାୟର ଦୁଇଜଣ ସଦସ୍ୟଙ୍କ ସମେତ ୧୪ ଜଣ ନବନିର୍ବାଚିତ ସଦସ୍ୟଙ୍କୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି। ମେଣ୍ଟର ମୁଖ୍ୟ ସହଯୋଗୀ ଇଣ୍ଡିଆନ୍ ୟୁନିଅନ୍ ମୁସଲିମ୍ ଲିଗ୍ (ଓଟଗଖ) ପାଞ୍ଚଟି କ୍ୟାବିନେଟ ଆସନ ପାଇଛି। ଓଟଗଖ ରାଜ୍ୟ ସଭାପତି ସୟଦ ସାଦିକ୍ ଅଲି ଶିହାବ ଥାଙ୍ଗଲ୍ ଘୋଷଣା କରିଛନ୍ତି ଯେ ସରକାରଙ୍କ ଅଧା କାର୍ଯ୍ୟକାଳ ସମାପ୍ତ ହେବା ପରେ ଆଞ୍ଚଳିକ ସନ୍ତୁଳନ ବଜାୟ ରଖିବା ପାଇଁ ପ୍ରବୀଣ ନେତା ପରକ୍କଲ୍ ଅବଦୁଲ୍ଲାଙ୍କୁ ମଧ୍ୟ କ୍ୟାବିନେଟରେ ସାମିଲ କରାଯିବ। କେରଳର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବା ପରେ ଭି.ଡି. ସତୀଶନ ଅନେକ ଜନକଲ୍ୟାଣକାରୀ ଯୋଜନା ଘୋଷଣା କରିଛନ୍ତି। ତିରୁବନନ୍ତପୁରମଠାରେ ଆୟୋଜିତ ଏକ ସମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ସତୀଶନ କହିଛନ୍ତି ଯେ ୟୁଡିଏଫ୍ ଦ୍ୱାରା ଦିଆଯାଇଥିବା 'ଇନ୍ଦିରା ଗ୍ୟାରେଣ୍ଟି'କୁ ଲାଗୁ କରିବା ପାଇଁ ପ୍ରଥମ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ଅନେକ ଯୋଜନା ଉପରେ ମୋହର ବାଜିଛି।

## ରାଜ୍ୟରେ ପେଟ୍ରୋଲ-ଡିଜେଲର ଅଭାବ ନାହିଁ : ମୁଖ୍ୟ ସଚିବ

ଭୁବନେଶ୍ୱର,୧୮।୫(ମହାଭାରତ): ଓଡ଼ିଶାରେ ଇନ୍ଧନ ସଙ୍କଟକୁ ନେଇ ଚାରିଆଡ଼ ଚର୍ଚ୍ଚା ଓ ତୈଳ ପମ୍ପରେ ଲମ୍ବା ଲାଇନ୍ ଦେଖାଯାଉଥିବା ବେଳେ ଏବେ ସରକାର ସ୍ପଷ୍ଟ ସନ୍ଦେଶ ଦେଇଛନ୍ତି ଯେ "ରାଜ୍ୟରେ ପେଟ୍ରୋଲ, ଡିଜେଲ କିମ୍ବା ଏଲପିଜିର କୌଣସି ଅଭାବ ନାହିଁ।" ସୋମବାର ଭୁବନେଶ୍ୱରରେ ହୋଇଥିବା ଏକ ଉଚ୍ଚସ୍ତରୀୟ ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏନେଇ ବଡ଼ ସୂଚନା ଦେଇ ଲୋକଙ୍କୁ ଗୁଜବର ବିଶ୍ୱାସ ନ କରିବାକୁ ଅନୁରୋଧ କରିଛନ୍ତି।



ବୈଠକରେ ତେଲ ବିପଣନ କମ୍ପାନୀମାନେ ସରକାରଙ୍କୁ ସ୍ପଷ୍ଟ କରିଥିଲେ ଯେ ରାଜ୍ୟରେ ପେଟ୍ରୋଲ, ଡିଜେଲ, ଏଲପିଜି ଓ ୟୁରିଆର ପର୍ଯ୍ୟାପ୍ତ ମହଜୁଦ ରହିଛି ଏବଂ ଯୋଗାଣ ସମ୍ପୂର୍ଣ୍ଣ ସ୍ୱାଭାବିକ ଅଛି। ତେଣୁ ଲୋକମାନେ ଅଯଥାରେ ଭୟଭୀତ ହୋଇ ପମ୍ପଗୁଡ଼ିକରେ ଭିଡ଼ କରିବାର କୌଣସି ଆବଶ୍ୟକତା ନାହିଁ। ସରକାରଙ୍କ ମୁଖ୍ୟ ଫୋକସ୍ ଏବେ କଳାବଜାରୀ ଓ ବେଆଇନ ମହଜୁଦକୁ ରୋକିବା ଉପରେ। ଅନୁ ଗର୍ଗ ସଚେତନ କରାଇଛନ୍ତି ଯେ ଯେଉଁମାନେ ଅବୈଧ ଭାବରେ ଇନ୍ଧନ ମହଜୁଦ କରିବେ କିମ୍ବା କୃତ୍ରିମ ସଙ୍କଟ ସୃଷ୍ଟି କରିବେ, ସେମାନଙ୍କ ବିରୋଧରେ କଡ଼ା ପଦକ୍ଷେପ ନିଆଯିବ। ଏଥିପାଇଁ ସମସ୍ତ ଜିଲ୍ଲାପାଳଙ୍କୁ ମଧ୍ୟ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସାରା ରାଜ୍ୟରେ ଇନ୍ଧନ ସପ୍ଲାଏ ସ୍ୱାଭାବିକ ରଖିବା ପାଇଁ ପ୍ରଶାସନ ପକ୍ଷରୁ ନିରନ୍ତର ମନିଟରିଂ ଚାଲିଛି। ଏହା ସହ ତୈଳ ପମ୍ପଗୁଡ଼ିକରେ ଅନାବଶ୍ୟକ ଭିଡ଼ ଓ ଅତିରିକ୍ତ ମହଜୁଦକୁ ଏଡ଼ାଇବା ପାଇଁ ସରକାର ଲୋକଙ୍କୁ ସହଯୋଗ ଆହ୍ୱାନ କରିଛନ୍ତି।

## ମାଛ ମୁସ୍କା




**ଆବଶ୍ୟକୀୟ ସାମଗ୍ରୀ :** ମାଛ ୫୦୦ ଗ୍ରାମ, ଛୋଟ ଛୋଟ କଟା ଅଦା ୧ ଚାମଚ, କଟା ରସୁଣ ୧ ଚାମଚ, ୨ଟି କଟା ପିଆଜ, ଗୋଟେ ସିଝା ଆଳୁ, ୧ ଛୋଟ ଚାମଚ ହଳଦି ଗୁଣ୍ଡ, ୧ ଚାମଚ ଲଙ୍କା ଗୁଣ୍ଡ, ୧ ଚାମଚ ଗୋଲ ମରିଚ ଗୁଣ୍ଡ, ୨ କପ୍ ତେଲ, ଲୁଣ ସ୍ୱାଦ ଅନୁସାର, ଭଜା ବ୍ରେଡ ଗୁଣ୍ଡ, ଧନିଆ ପତ୍ର ଓ କର୍ନଫ୍ଲୋର।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ ଏକ ବାଉଲରେ ଦୁଇ କପ୍ ପାଣି ପକାନ୍ତୁ। ସେଥିରେ ଲୁଣ ଏବଂ ହଳଦୀ ପକାଇ ୧୦ ମିନିଟ୍ ମାଛକୁ ସିଝାଇ ଦିଅନ୍ତୁ। ଏହାପରେ ସିଝା ମଛରୁ କଣ୍ଟାକୁ ଭଲଭାବେ ବାହାର କରି ଦିଅନ୍ତୁ। ତା'ପରେ ମଛରେ ସିଝା ଆଳୁ, କଟା ପିଆଜ, ରୁଷଣ, ଅଦା, ଲଙ୍କା ଗୁଣ୍ଡ, ଗୋଳ ମରିଚ ଗୁଣ୍ଡ, ଧନିଆ ପତ୍ର, ସ୍ୱାଦ ଅନୁସାରେ ଲୁଣ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାପରେ ଗୋଳା ହଆଇଥିବା ମାଛକୁ ଛୋଟ ଛୋଟ ଆକାରରେ ଗୋଲ କରିଦିଅନ୍ତୁ। ଏହାପରେ ଆଉ ଗୋଟିଏ ପାତ୍ରରେ ୨ କପ୍ ତେଲ ପକାଇ ଗରମ କରନ୍ତୁ। ତେଲ ଗରମ ହେବା ପରେ ଗୋଲ ଆକାର ଦିଆଯାଇଥିବା ମାଛକୁ କର୍ନଫ୍ଲୋରରେ ବୁଡାଇବା ପରେ ସେଥିରେ ବ୍ରେଡ କ୍ରମ୍ବସ୍ ଲଗାଇ ତେଲରେ ଛାଣି ଦିଅନ୍ତୁ। ଅଳ୍ପ ନାଲି ହେବା ପରେ ମାଛକୁ ପ୍ଲେଟକୁ ବାହାର କରି ପରଷନ୍ତୁ।

## ..... ପରଦା ଖବର ......

# ଚର୍ଚ୍ଚାରେ ତାମିଲ ଅଭିନେତା ରବି ମୋହନ, ପତ୍ନୀଙ୍କ ନାଁରେ ଆଣିଲେ ଗମ୍ଭୀର ଅଭିଯୋଗ





ବର୍ତ୍ତମାନ ବ୍ୟକ୍ତିଗତ ଜୀବନ ପାଇଁ ତାମିଲ ଅଭିନେତା ରବି ମୋହନ ଶିରୋନାମାରେ ଅଛନ୍ତି । ନିକଟରେ ସୋସିଆଲ ମିଡିଆରେ ସେ ତାଙ୍କ ପତ୍ନୀ ଆରତୀଙ୍କଠାରୁ ଛାଡପତ୍ର ନେବା ଘୋଷଣା କରିଥିଲେ । ଯାହା ତାଙ୍କ ଫ୍ୟାନ୍ସଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା ।ଆରତୀଙ୍କଠାରୁ ଅଲଗା ହେବା ପରେ ଅଭିନେତାଙ୍କ ନାଁକୁ ସିଙ୍ଗର କେନିଶା ଫ୍ରାନ୍ସିସ୍ ସହିତ ଯୋଡା ଯାଉଛି । ଏହାରି ମଧ୍ୟରେ ଅଭିନେତା ଶନିବାର ଏକ ପ୍ରେସ୍ କନଫରେନ୍ସ ଆୟୋଜନ କରିଥିଲେ । ଯେଉଁଠି ସେ କାନ୍ଦି କାନ୍ଦି ତାଙ୍କ ପତ୍ନୀ ଆରତୀ ଏବଂ ତାଙ୍କ ପରିବାର ବିରୋଧରେ ଗମ୍ଭୀର ଅଭିଯୋଗ ଆଣିଥିଲେ । ଏଥିସହ ସେ କହିଥିଲେ ଯେ, ଛାଡପତ୍ରର ଆଇନଗତ ପ୍ରକ୍ରିୟା ଶେଷ ନହେବା ପର୍ଯ୍ୟନ୍ତ ଅଭିନୟ କରିବେ ନାହିଁ । ଏବେ ମୋ ପିଲାମାନଙ୍କୁ ମୋ ସହିତ ଦେଖା କରିବାକୁ ଅନୁମତି ଦିଆଯାଉନାହିଁ ।ଏହା ବ୍ୟତୀତ ଆରତୀ ନିଜର ହାତ କାଟି ମତେ ବାହା ହେବାକୁ ବ୍ଲାକମେଲ୍ କରୁଥିଲେ । ଗୋଟିଏ ଫିଲ୍ମ ପରେ ଆଉ ଏକ ଫିଲ୍ମ ପାଇଁ ସାଇନ୍ କରୁଥିଲେ । କେନିଶା ମଧ୍ୟ ସାଇବର ବୁଲିଂର ଶିକାର ହୋଇଥିଲେ ।ଅଭିନେତାଙ୍କ ପ୍ରେସ୍ କନଫରେନ୍ସ ପରେ ତାଙ୍କ ପତ୍ନୀ ଆରତୀ ରବି ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରିଛନ୍ତି । ଯାହା ଏବେ ଖୁବ୍ ଭାଇରାଲ ହେବାରେ ଲାଗିଛି ।ଆରତୀ ଏହି ପୋଷ୍ଟ ସେୟାର କରି ଲେଖିଥିଲେ ଯେ, ଶୋଇଥିବା ସିଂହକୁ କେବେ ଉଠାଅ ନାହିଁ । ଯଦି ସେ ସିଂହୀ ହୋଇଥାଏ ତେବେ ଭଗବାନ ରକ୍ଷା କରନ୍ତୁ । ମୋର ନିରବତାକୁ ଦୁର୍ବଳତା ଭାବନାହିଁ କି କୌଣସି ଫାଇଦା ଉଠାଇବାକୁ ମଧ୍ୟ ଚିନ୍ତା କରନାହିଁ । ଯଦି ଆବଶ୍ୟକ ପଡେ କିମ୍ବା ମୋ ପିଲାଙ୍କୁ ଏବଂ ମୋର ସମ୍ମାନକୁ ରକ୍ଷା କରିବାକୁ ପଡେ ତେବେ ସତ ବାହାରକୁ ଆଣିବା ସହିତ ଦୁନିଆର ସାମ୍ନା କରିବି । କାହିଁକିନା ସବୁବେଳେ ସତ୍ୟର ହିଁ ବିଜୟ ହୁଏ ।ଅନ୍ୟପଟେ ଅଭିନେତା ରବି ମୋହନଙ୍କୁ କଳାଯାଦୁ କରାଯାଉଛି ବୋଲି ସେ ଅଭିଯୋଗ ଆଣିଛନ୍ତି ।

## ଖାଆନ୍ତୁ ପଦ୍ମନାଡ଼



ପଦ୍ମ ଫୁଲ ସମସ୍ତଙ୍କର ପସନ୍ଦ । ପଦ୍ମ ଫୁଲ ମାଆ ଲକ୍ଷ୍ମୀଙ୍କ ପାଖରେ ଲାଗେ ଏବଂ ପୂଜା ପର୍ବାଣୀରେ ଲାଗେ । ପୂଜା ପାଇଁ ଫୁଲକୁ ରଖି ଆମେ ପଦ୍ମର ନାଡ ଫିଙ୍ଗି ଦେଉ । ହେଲେ ଆପଣ ଜାଣନ୍ତି କି ଶରୀର ପାଇଁ ଏହି ନାଡ କେତେ ଜରୁରୀ । ପଦ୍ମର ନାଡ ଔଷଧ ପରି କାମ କରେ ।ଖାଆନ୍ତୁ ପଦ୍ମନାଡ଼ ଶରୀରରେ ବୃଦ୍ଧି ପାଉଥିବା ଓଜନକୁ କମାଏ। ପଦ୍ମନାଡ ଅଧିକ ସମୟ ଯାଏଁ ଭୋକ କରାଏ ନାହିଁ, ପେଟ ପୂରା ରଖିଥାଏ ତେଣୁ ଅଧିକ ଖାଇବାର ଆବଶ୍ୟକ ପଡେନି ତେଣୁ ଓଜନ ବଢିବାର ଆଶଙ୍କା ନଥାଏ ।ପଦ୍ମନାଡ ଶରୀରରେ ପାଚନ ପ୍ରକ୍ରିୟାକୁ ଭଲ ରଖିଥାଏ । ଏଥିରେ ଥିବା ଫାଇବର କୋଷ୍ଠକାଠିନ୍ୟ ଏବଂ ପେଟଫୁଲା ସମସ୍ୟାରୁ ମୁକ୍ତି ଦିଏ ।ପଦ୍ମନାଡ ନିୟମିତ ଖାଇବା ଦ୍ୱାରା ଶରୀରରେ ରକ୍ତର ଅଭାବ ଦୂର ହୁଏ । ବ୍ଲଡରେ ସୁଗାର ସହ କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ ରଖେ ପଦ୍ମନାଡ । ଲିଭର, କିଡନୀ ସମସ୍ୟାର ଔଷଧ ରୂପେ ପଦ୍ମନାଡକୁ ସେବନ କରିହେବ।

# ଶରୀରର ହାଡ଼କୁ ମଜବୁତ କରିବ ୩ଟି ଡ୍ରାଇ ଫ୍ରୁଟ୍





ଜଣେ ଯଦି ଆପଣଙ୍କୁ ପଚାରେ- ଭାଇ ! କେମିତି ଅଛୁ... ? ଆପଣ ହଁ ଭଲ ଅଛି ବୋଲି ଲମ୍ବେଇକି କୁହନ୍ତି। ଖୁସି କେବେ କେବେ ଉତ୍ସାହିତ ହୋଇ କୁହନ୍ତି ତ ପୁଣି କେତେବେଳେ ଉଦାସ ହୋଇ କୁହନ୍ତି । ମାତ୍ର ମଣିଷ ସେତେବେଳେ ଭଲ ଅଛି ବୋଲି ଭଲରେ କୁହେ ଯେତେବେଳେ ତା ଦେହ ଭଲ ଥାଏ, ସିଏ ସୁସ୍ଥ ରୁହେ। ଶରୀର ଠିକ୍ ଥିଲେ ସବୁକିଛି ଠିକ୍ ଥାଏ ।ତେବେ କେବେକେବେ ଆମ ଶରୀରରେ ମାନ୍ଦାପଣ ମାଡିବସେ, ଗୋଡ ହାତ ଝିମାପଣ ଘାରେ, ହାଡ ଦୁର୍ବଳ ହେବା ପରି ଲାଗେ, ଉଠିଲେ ବସିଲେ ହାଡ ଶବ୍ଦ କରେ ତେବେ ଯଦି ଆପଣ ଏସବୁ ସମସ୍ୟାର ସମ୍ମୁଖୀନ ତେବେ ଏହି ୩ଟି ଡ୍ରାଇ ଫ୍ରୁଟ୍ ଖାଆନ୍ତୁ, ଦେଖିବେ ଦେହରେ ଚମତ୍କାରିତା ଦେଖାଦେବ । ଶରୀରରେ ଭିଟାମିନ ବି-୧୨ କମିଲେ ଆନିମିଆ ଭଳି ସମସ୍ୟା ଦେଖାଦିଏ ।ଦୃଷ୍ଟିଶକ୍ତି କମ୍ ହୁଏ, ପାଚନକ୍ରିୟାରେ ସମସ୍ୟା ହୁଏ, ଗୋଡ-ହାତ ଝିମଝିମ ପଡିବା ଭଳି ସମସ୍ୟା ଦେଖାଦିଏ । ଆଉ ଯଦି ଆପଣ ଜଣେ ସାକାହାରୀ ପ୍ରାଣୀ ତେବେ ଡାଏଟରେ ୩ ପ୍ରକାର ଡ୍ରାଇ ଫ୍ରୁଟ୍ ସାମିଲ କରନ୍ତୁ ।ଶରୀରରେ ଭିଟାମିନ ବି-୧୨ ବଢାଇବା ପାଇଁ ପିସ୍ତା ବହୁତ ଭଲ କାମ କରେ ।ଶରୀରରେ ଶକ୍ତି ଏବଂ ଲାଲ୍ ରକ୍ତ କଣିକା ବଢାଇବାର ଏକ ଭଲ ଉତ୍ସ । ଖଜୁରୀ ଶରୀର ପାଇଁ ବହୁତ ଭଲ ହୋଇଥାଏ । ଯଦି ଆପଣ ପ୍ରତିଦିନ ଖଜୁରୀ ଖାଇବା ଆରମ୍ଭ କରୁଛନ୍ତି ତେବେ ଭିଟାମିନ୍ ବି-୧୨ର ଅଭାବକୁ ଦୂର କରିବା ପାଇଁ ଶକ୍ତି ମିଳିବ । ଅଞ୍ଜିରରେ ଫାଇବର, ଆଇରନ, କ୍ୟାଲସିୟମ ଏବଂ ଆଣ୍ଟିଅକ୍ସିଡେଣ୍ଟସ ସହ ଭିଟାମିନ ବି-୧୨ର ମାତ୍ରା ମଧ୍ୟ ଥାଏ ।

# ନିରାମିଶାଷୀ ଡାଏଟରେ ସାମିଲ କରିପାରିବେ ଏହି ୯ଟି ଜିନିଷ: ରହିବ ନାହିଁ ପ୍ରୋଟିନ୍‌ର ଅଭାବ



ସୁସ୍ଥ ରହିବା ପାଇଁ ଖାଦ୍ୟପେୟ ପ୍ରତି ବିଶେଷ ଧ୍ୟାନ ରଖିବା ଆବଶ୍ୟକ। ସୁସ୍ଥ ରହିବା ପାଇଁ ଡାଏଟରେ ପ୍ରୋଟିନ୍ ଯୁକ୍ତ ଜିନିଷ ସାମିଲ କରିବା ଅତ୍ୟନ୍ତ ଜରୁରୀ ହୋଇଥାଏ। ଶରୀରରେ ପ୍ରୋଟିନର ଅଭାବ ହେଲେ ବିଭିନ୍ନ ପ୍ରକାରର ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଆଜି ଆମେ ଜାଣିବା ନିରାମିଶାଷୀ ଲୋକେ ଡାଇଟରେ କେଉଁ ୯ଟି ଜିନିଷ ସାମିଲ କରିବା ଉଚିତ୍।

■ ବିନ୍ସ : ନିରାମିଶାଷୀ ଲୋକଙ୍କୁ ଡାଇଟରେ ବିନ୍ସକୁ ସାମିଲ କରିବା ଉଚିତ୍। ବିନ୍ସରେ ଫାଇବର ଏବଂ ପ୍ରୋଟିନ୍ ପ୍ରଚୁର ମାତ୍ରାରେ ଥାଏ ଯାହା ଶରୀରକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ। ଏକ କପ୍ ବିନ୍ସରେ ପାଖାପାଖି ୨୫.୮ଗ୍ରାମ୍ ପ୍ରୋଟିନ୍ ଥାଏ। ଆପଣ ସାଲାଡ ଭାବେ ମଧ୍ୟ ବିନ୍ ଖାଇ ପାରିବେ।

■ ଡାଲି : ଡାଲି ସ୍ୱାସ୍ଥ୍ୟ ପାଇଁ ଅଧିକ ଲାଭଦାୟକ ହୋଇଥାଏ। ଡାଲିରେ ପ୍ରୋଟିନ୍ ପ୍ରଚୁର ମାତ୍ରାରେ ଥାଏ। ସୁସ୍ଥ ରହିବା ପାଇଁ ଡାଇଟରେ ଡାଲିକୁ ସାମିଲ କରିବା ଉଚିତ୍। ଏକ କପ୍ ଡାଲିରେ ପାଖାପାଖି ୧୮ଗ୍ରାମ୍ ପ୍ରୋଟିନ୍ ମିଳିଥାଏ। ଆପଣ ଡାଲିକୁ ସୁପ୍ ଭାବେ ସେବନ କରିପାରିବେ।

■ ଡ୍ରାଇ ଫ୍ରୁଟସ୍ : ଡ୍ରାଇ ଫ୍ରୁଟସ୍ ସ୍ୱାସ୍ଥ୍ୟ ପାଇଁ ଯଥେଷ୍ଟ ଲାଭଦାୟକ ହୋଇଥାଏ। ନିରାମିଶାଷୀ ଲୋକଙ୍କୁ ଡାଇଟରେ ଡ୍ରାଇ ଫ୍ରୁଟସ୍ ସାମିଲ କରିବା ଉଚିତ୍। ପ୍ରତିଦିନ ଡ୍ରାଇ ଫ୍ରୁଟସ୍ ସେବନ କରିବା ଦ୍ୱାରା ଶରୀର ସୁସ୍ଥ ରହିଥାଏ।

■ ସବୁଜ ପନିପରିବା : ନିରାମିଶାଷୀ ଲୋକଙ୍କୁ ଡାଇଟରେ ସବୁଜ ପନିପରିବାକୁ ସାମିଲ କରିବା ଉଚିତ୍। ସବୁଜ ପନିପରିବା ସବୁଜ ପରିବା ସ୍ୱାସ୍ଥ୍ୟ ପାଇଁ ଅଧିକ ଲାଭଦାୟକ ରହିଥାଏ।

■ ସୋୟା ମିଲ୍କ : ସୋୟା ମିଲ୍କ ସେବନ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ସାବ୍ୟସ୍ତ ହୋଇଥାଏ। ସୋୟା ମିଲ୍କରେ ପ୍ରୋଟିନ୍ ପ୍ରଚୁର ମାତ୍ରାରେ ଥାଏ।

■ ପନିର : ନିରାମିଶାଷୀ ଲୋକଙ୍କୁ ପନିର ସେବନ କରିବା ଉଚିତ୍। ପନିର ଖାଇବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ। ସାଧାରଣତଃ ପନିର ସମସ୍ତଙ୍କୁ ପସନ୍ଦ ହୋଇଥାଏ। ସ୍ୱାଦ ସହ ପନିର ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଲାଭଦାୟକ ହୋଇଥାଏ।

■ ବ୍ରୋକୋଲି : ବ୍ରୋକୋଲିରେ ପ୍ରଚୁର ମାତ୍ରାରେ ପ୍ରୋଟିନ୍ ରହିଥାଏ। ବ୍ରୋକୋଲି ଖାଇବା ଦ୍ୱାରା ଶରୀରରେ ପ୍ରୋଟିନର ଅଭାବକୁ ଦୂର କରାଯାଇ ପାରିବ। ବ୍ରୋକୋଲି ସେବନ କରିବା ଦ୍ୱାରା ଓଜନ ମଧ୍ୟ ନିୟନ୍ତ୍ରିତ ରହିଥାଏ।

■ ଓଟ୍ସ : ଓଟ୍ସର ସେବନ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଲାଭଦାୟକ ହୋଇଥାଏ। ଓଟ୍ସରେ ମଧ୍ୟ ପ୍ରଚୁର ମାତ୍ରାରେ ପ୍ରୋଟିନ୍ ରହିଥାଏ। ରୋଗମୁକ୍ତ ଏବଂ ସୁସ୍ଥ ରହିବା ପାଇଁ ଆପଣ ଜଳଖିଆରେ ଓଟ୍ସକୁ ସାମିଲ କରି ପାରିବେ।

■ କଖାରୁ ମଞ୍ଜି : କଖାରୁ ମଞ୍ଜି ସ୍ୱାସ୍ଥ୍ୟ ପାଇଁ ଅଧିକ ଲାଭଦାୟକ ହୋଇଥାଏ। କଖାରୁ ମଞ୍ଜିରେ ଅଧିକ ମାତ୍ରାରେ ପ୍ରୋଟିନ୍ ରହିଥାଏ। ଆପଣ ମସଲା ସହ ଭାଜି କଖାରୁ ମଞ୍ଜି ସେବନ କରି ପାରିବେ।

# ପାଦର ସୌନ୍ଦର୍ଯ୍ୟ ପାଇଁ ଚପଲ

ସାଧାରଣତଃ ମୁହଁ ସହ ନିଜ ପୋଷାକ ଓ ଜୋତା ଚପଲ ଉପରେ ମଧ୍ୟରେ ଧ୍ୟାନ ଦେବା ଦ୍ୱାରା ଆପଣ ଅଧିକ ସୁନ୍ଦର ଓ ଷ୍ଟାଇଲିସ ଲାଗିବେ। ଆସନ୍ତୁ ଅଳ୍ପ ମୂଲ୍ୟରେ କେଉଁ ପ୍ରକାରର ଚପଲ





ପିନ୍ଧି ଆପଣ ନିଜର ଓ ପାଦର ସୌନ୍ଦର୍ଯ୍ୟ ବୃଦ୍ଧି କରିପାରିବେ।

କାଜୁଆଲ ସ୍ୟାଣ୍ଡଲ -
ଆପଣ ବାହାରକୁ ବୁଲିବାକୁ ଯାଆନ୍ତୁ କିମ୍ବା କୌଣସି ସାମଗ୍ରୀ କିଣିବାକୁ ଯାଆନ୍ତୁ, ଏହି ପ୍ରକାରର ଚପଲ ପିନ୍ଧିପାରିବେ। ଏହି ପ୍ରକାରର ଚପଲ ବିଶେଷ କରି ଆପଣ ଖରାସମୟରେ ବାହାରକୁ ଗଲେ ବ୍ୟବହାର କରିବା ଖୁବ ଉତ୍ତମ ଅଟେ। କାରଣ ଏହା ପାଦରୁ ନିର୍ଗତ ହେଉଥିବା ଝାଳକୁ ଶୋଷଣ କରିବା ସହ ଆପଣଙ୍କୁ ଆରାମ ମଧ୍ୟ ଲାଗିଥାଏ।

ଫ୍ୟାନ୍ସି ଜୁତୀ -
ଏହି ପ୍ରକାରର ଜୁତୀ ଆପଣ ଜିନ୍ସ, ସ୍କର୍ଟ, ଗାଉନ ସହ ପିନ୍ଧି ବିଭିନ୍ନ ସ୍ଥାନକୁ ଯାଇପାରିବେ। ଏହା ଆପଣଙ୍କ ପାଦକୁ ଖୁବ ସୁନ୍ଦର ଓ ଷ୍ଟାଇଲିସ କରିଥାଏ।

ରାଜସ୍ଥାନୀ ଜୁତୀ -
ଏହି ପ୍ରକାରର ଜୁତୀର ଖୁବ ଚାହିଦା ରହିଛି। ଏହା ପାଦକୁ ଖୁବ ଆରାମ ପ୍ରଦାନ କରିଥାଏ। ପାଦର ସୌନ୍ଦର୍ଯ୍ୟକୁ ବଢାଇଥାଏ। ଯେକୌଣସି ସ୍ଥାନକୁ ଆପଣ ଏହାକୁ ପିନ୍ଧି ଯାଇପାରିବେ।

ବେଜେସ ହିଲ୍ସ -
କମ ଉଚ୍ଚତା ଝିଅ ମାନଙ୍କ ପାଇଁ ଏହି ଚପଲ ଉତ୍ତମ ଅଟେ। ଏହାର ଦାମ ମଧ୍ୟ ଅଧିକ ନୁହେଁ। ଏହି ଚପଲ ମଧ୍ୟ ଆପଣଙ୍କ ପାଦର ସୌନ୍ଦର୍ଯ୍ୟକୁ ବଢାଇଥାଏ।

ପଞ୍ଜାବୀ ଜୁତୀ -
ଏହାକୁ ଆପଣ ଜିନ୍ସ, ଗାଉନ, ସ୍କର୍ଟ ସହ ପିନ୍ଧିପାରିବେ। ଏହା ପାଦକୁ ଏକ ଭିନ୍ନ ଲୁକ ଦେଇଥାଏ।

# ଭାରତୀୟ ଜ୍ଞାନ ପରମ୍ପରାକୁ ଉପସ୍ଥାପନ କରିବା ଜରୁରୀ

ଭୁବନେଶ୍ୱର,୧୮।୫ (ମହାଭାରତ): ମଣିଷ ସମାଜ ଓ ସଂସ୍କୃତିକୁ ଜାଣିବା ପାଇଁ ଭାରତ ହେଉଛି ସବୁଠାରୁ ବଡ଼ ଉଦାହରଣ ବୋଲି ନୂଆଦିଲ୍ଲୀରେ ଭାରତୀୟ ସାମାଜିକ ବିଜ୍ଞାନ ଗବେଷଣା ପରିଷଦ (ଆଇସିଏସଏସଆର)ର ୫୮ତମ ପ୍ରତିଷ୍ଠା ଦିବସ ଏବଂ ସିଆଇଆଇର ବାର୍ଷିକ ବ୍ୟବସାୟ ସମ୍ମିଳନୀ -୨୦୨୬ରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଭାରତୀୟ ସାମାଜିକ ବିଜ୍ଞାନ ଗବେଷଣା ପରିଷଦର ୫୮ତମ ପ୍ରତିଷ୍ଠା ଦିବସ ଅବସରରେ "ସାମାଜିକ ବିଜ୍ଞାନ ଗବେଷଣାର ବି-ଉପନିବେଶୀକରଣ: ଭାରତର ବୌଦ୍ଧିକ ଐତିହ୍ୟର ପୁନରୁଦ୍ଧାର" ବିଷୟବସ୍ତୁ ଉପରେ ଆଲୋକପାତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ଭାରତ ମାନବ ସଭ୍ୟତାକୁ ବୁଝିବା ପାଇଁ ଏକ ଜୀବନ୍ତ ଗବେଷଣାଗାର । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶ ଆଜି ଟି.ବି ମାକାଉଲେ ଚିନ୍ତାଧାରାରୁ ମୁକ୍ତ ହୋଇ ନିଜର ସାଂସ୍କୃତିକ ଚେତନା ଓ ବୌଦ୍ଧିକ ପରମ୍ପରାକୁ ବିଶ୍ୱ ଦରବାରରେ ସ୍ଥାପିତ କରୁଛି । ତେବେ ଆମକୁ ସୋମନାଥ ମନ୍ଦିରର ପୁନର୍ନିର୍ମାଣ ପରି ଭାରତର ଆତ୍ମଗୌରବ ଓ ଜାତୀୟ ଚେତନାକୁ ସାମାଜିକ ବିଜ୍ଞାନର ନୂଆ ପରିଭାଷାରେ ଯୋଡ଼ିବାକୁ ହେବ । 'ବିକଶିତ ଭାରତ ୨୦୪୭' ପାଇଁ ଭାରତୀୟ ଜ୍ଞାନ ପରମ୍ପରାକୁ ଆଧୁନିକ ପ୍ରସଙ୍ଗରେ ଉପସ୍ଥାପନ କରିବା ଜରୁରୀ ବୋଲି ସେ ମତପ୍ରକାଶ କରିଛନ୍ତି ।



ସେହିପରି ସିଆଇଆଇ ବାର୍ଷିକ ବ୍ୟବସାୟ ଶିଖର ସମ୍ମିଳନୀରେ 'ଶିକ୍ଷା, ଦକ୍ଷତା ବିକାଶ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ପ୍ରତିଭା' ଅଧିବେଶନକୁ ସମ୍ବୋଧିତ କରି ମନ୍ତ୍ରୀ ଶ୍ରୀ ପ୍ରଧାନ ଶିକ୍ଷା କ୍ଷେତ୍ରରେ ହେଉଥିବା ବୈପ୍ଳବିକ ପରିବର୍ତ୍ତନ ବିଷୟରେ ଆଲୋଚନା କରିଥିଲେ । ସେ କହିଥିଲେ, ଷଷ୍ଠ ଶ୍ରେଣୀରୁ ଦକ୍ଷତା ଭିତ୍ତିକ ଶିକ୍ଷା ଏବଂ କ୍ରେଡିଟ୍-ଆଧାରିତ ଏକାଡେମିକ ବ୍ୟବସ୍ଥା ଛାତ୍ରଛାତ୍ରୀଙ୍କୁ ବୈଶ୍ୱିକ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରୁଛି । ମହିଳା ସଶକ୍ତିକରଣକୁ ମୋଦୀ ସରକାର ଗୁରୁତ୍ୱ ଦେଉଛନ୍ତି । ଗବେଷଣା ଓ ବିକାଶ ଏବଂ ଭିତ୍ତିଭୂମି ବିକାଶରେ ସରକାରୀ ପୁଞ୍ଜିନିବେଶ ସହ ଶିଳ୍ପ ଜଗତର ଅଧିକ ସହଭାଗିତା ପାଇଁ ସେ ଆହ୍ୱାନ ଦେଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ, ଏକ ଦକ୍ଷ, ସାକ୍ଷର ଏବଂ ନବସୃଜନ-ଆଧାରିତ ଭାରତ ଗଠନ ପାଇଁ ଶିକ୍ଷାନୁଷ୍ଠାନ ଏବଂ ଶିଳ୍ପ ଜଗତ ମଧ୍ୟରେ ଏକ ଦୃଢ଼ ସାଧାରଣ ସହଭାଗିତା ଆବଶ୍ୟକ । ଏହା କେବଳ ଭାରତର ଆଶା ପୂରଣ କରିବ ନାହିଁ, ବରଂ ବିଶ୍ୱର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ମାର୍ଗ ପ୍ରଶସ୍ତ କରିବ । ଶିକ୍ଷା କ୍ଷେତ୍ରରେ ସରକାରୀ ପୁଞ୍ଜିନିବେଶ ସହ ଶିଳ୍ପ ଜଗତର ସକ୍ରିୟ ସହଭାଗିତା ଜରୁରୀ । ବିଶେଷ କରି ଗବେଷଣା ଓ ବିକାଶ, ଭିତ୍ତିଭୂମି ବିକାଶ, ପୁଷ୍ଟିଯୁକ୍ତ ଖାଦ୍ୟ ଏବଂ ନବସୃଜନ କ୍ଷେତ୍ରରେ ଘରୋଇ ସଂସ୍ଥାମାନଙ୍କର ସହଯୋଗ ଦେଶର ଶିକ୍ଷା ବ୍ୟବସ୍ଥାରେ ଥିବା ଶୂନ୍ୟସ୍ଥାନକୁ ପୂରଣ କରିପାରିବ

ଏହି କାର୍ଯ୍ୟକ୍ରମରେ ସଫଳ ମହିଳା ଅଧିକାରୀମାନଙ୍କୁ 'ୱିମେନ ଏକଜେମ୍ପଲାର ଆୱାର୍ଡ' ମାଧ୍ୟମରେ ସମ୍ମାନିତ କରିଥିବାରୁ ଶ୍ରୀ ପ୍ରଧାନ ସିଆଇଆଇର ପ୍ରୟାସକୁ ପ୍ରଶଂସା କରିଥିଲେ ।

# ଇଭି ଓ ସାର୍ବଜନୀନ ପରିବହନ ଆପଣାଇବାକୁ ଅପିଲ

ଭୁବନେଶ୍ୱର,୧୮।୫ (ମହାଭାରତ): ଓଡିଶାର ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଇନ୍ଧନ ସଞ୍ଚୟ ଏବଂ ଦାୟିତ୍ୱଶୀଳ ପରିବହନ ସମ୍ବନ୍ଧୀୟ ଆହ୍ୱାନକୁ ସମର୍ଥନ କରି ଲୋକମାନଙ୍କୁ ଇନ୍ଧନ ବ୍ୟବହାର କମାଇବା ସହ ଇଲେକ୍ଟ୍ରିକ୍ ଯାନ (ଇଭି) ବ୍ୟବହାର ବଢାଇବାକୁ ଅନୁରୋଧ କରିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ଶକ୍ତି ସଂରକ୍ଷଣ ଏବଂ ସ୍ଥାୟୀ ପରିବହନ ସମ୍ବନ୍ଧୀୟ ବାର୍ତ୍ତାକୁ ଉଲ୍ଲେଖ କରି ମନ୍ତ୍ରୀ ନାଗରିକମାନଙ୍କୁ ପରିବେଶ ଅନୁକୂଳ ଯାତ୍ରା ଅଭ୍ୟାସ ଆପଣାଇବା ଏବଂ ପାରମ୍ପରିକ ଇନ୍ଧନ ଚାଳିତ ଯାନ ଉପରେ ଅନାବଶ୍ୟକ ନିର୍ଭରଶୀଳତା କମାଇବାକୁ ଆହ୍ୱାନ କରିଥିଲେ।

ଜେନା କହିଥିଲେ ଯେ, ପ୍ରଧାନମନ୍ତ୍ରୀ ଲୋକମାନଙ୍କୁ ଅଧିକରୁ ଅଧିକ ଇଭି ବ୍ୟବହାର କରିବା, ଅନାବଶ୍ୟକ ଯାତ୍ରାରୁ ଦୂରେଇ ରହିବା ଏବଂ ଜଣେ ବ୍ୟକ୍ତି ପାଇଁ ଅଲଗା ଯାନ ବ୍ୟବହାର କମାଇବାକୁ ପରାମର୍ଶ ଦେଇଛନ୍ତି। ସେ ପ୍ରଧାନମନ୍ତ୍ରୀଙ୍କ ନିଜ କାର୍ଫିଲାରେ ଯାନ ସଂଖ୍ୟା କମାଇବା ନିଷ୍ପତ୍ତିକୁ ମଧ୍ୟ ପ୍ରଶଂସା କରି ଏହାକୁ ଦାୟିତ୍ୱଶୀଳ ଶାସନ ଏବଂ ଇନ୍ଧନ ସଂରକ୍ଷଣର ଉଦାହରଣ ବୋଲି କହିଥିଲେ।

କେନ୍ଦ୍ର ସରକାରଙ୍କ ଇଲେକ୍ଟ୍ରିକ୍ ମୋବିଲିଟିକୁ ପ୍ରୋତ୍ସାହନ ଦେବା ଉଦ୍ୟମର ଉଲ୍ଲେଖ କରି ମନ୍ତ୍ରୀ କହିଛନ୍ତି ଯେ, ସ୍ୱଚ୍ଛ ପରିବହନକୁ ଉତ୍ସାହିତ କରିବା ପାଇଁ ଇଭି ଉପରେ ଦିଆଯାଉଥିବା ସବସିଡିକୁ ୨୦୨୮ ପର୍ଯ୍ୟନ୍ତ ବଢାଯାଇଛି।

ସେ ଲୋକମାନଙ୍କୁ ଅଧିକରୁ ଅଧିକ ଇଲେକ୍ଟ୍ରିକ୍ ଯାନ ଆପଣାଇବା ଏବଂ ପରିବେଶ ହିତୈଷୀ ପରିବହନ ବ୍ୟବସ୍ଥାକୁ ମଜବୁତ କରିବାରେ ସହଯୋଗ ଦେବାକୁ ଆହ୍ୱାନ କରିଥିଲେ।

ମନ୍ତ୍ରୀ ନାଗରିକମାନଙ୍କୁ ବ୍ୟକ୍ତିଗତ ଯାନ ପରିବର୍ତ୍ତେ 'ଆମ ବସ' ପରି ସାର୍ବଜନୀନ ପରିବହନ ସେବାର ଅଧିକ ବ୍ୟବହାର କରିବାକୁ ମଧ୍ୟ ପରାମର୍ଶ ଦେଇଥିଲେ। ସେ କହିଛନ୍ତି ଯେ, ଛୋଟ ଦୂରତାର ଯାତ୍ରା ଏବଂ ବ୍ୟକ୍ତିଗତ ଯାତାୟାତ ପାଇଁ ସାର୍ବଜନୀନ ପରିବହନ ଏକ ଭଲ ବିକଳ୍ପ ହୋଇପାରେ।

ଏହାଛଡା, ସେ ଇନ୍ଧନ ବ୍ୟବହାର, ଯାତାୟାତ ଚାପ ଏବଂ ପରିବେଶ ପ୍ରଦୂଷଣ କମାଇବା ପାଇଁ କାର୍ ପୁଲିଂ ଏବଂ ସ୍କୁଟି ପୁଲିଂ ପରି ବ୍ୟବସ୍ଥା ଆପଣାଇବା ଉପରେ ଜୋର ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତାକୁ ବ୍ୟକ୍ତିଗତ ଭାବେ ଅପନାଇବା କଥା କହି ଜେନା କହିଛନ୍ତି ଯେ, ସେ ନିଜେ ମଧ୍ୟ ସରକାରୀ ବସ ସେବା ବ୍ୟବହାର କରି ଯାତ୍ରା କରିବେ। ସେ କହିଛନ୍ତି ଯେ, ଇନ୍ଧନ ସଞ୍ଚୟ ଏବଂ ସ୍ଥାୟୀ ପରିବହନକୁ ପ୍ରୋତ୍ସାହନ ଦେବା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ବରଂ ପରିବେଶ ସୁରକ୍ଷା ଏବଂ ଶକ୍ତି ସଞ୍ଚୟ ଉଦ୍ୟମକୁ ସୁଦୃଢ କରିବା ପାଇଁ ପ୍ରତ୍ୟେକ ନାଗରିକଙ୍କ ସାମୁହିକ ଦାୟିତ୍ୱ ହେବା ଉଚିତ।

# କମିସନରେଟ ପୋଲିସ ରେଡକ୍ରସ୍ ପକ୍ଷରୁ ରକ୍ତଦାନ ଶିବିର

ଭୁବନେଶ୍ୱର,୧୮।୫ (ମହାଭାରତ): କମିସନରେଟ ପୋଲିସ ରେଡକ୍ରସ୍ ଆଞ୍ଚଳିକ ଶାଖା,ମଧୁକୁଞ୍ଜ ଓ ଇଣ୍ଡିଆନ୍ ସ୍କାଉଟ ଗାଇଡ ଫେଲୋସିପ ମିଳିତ ସହଯୋଗରେ ଏଭର୍ ଗ୍ରୀନ କାରଖାନାରେ ଏକ ବିଶାଳ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ବିଶାଳ ରକ୍ତ ଦାନ ଶିବିର କୁ ଭୁବନେଶ୍ୱରର ସାଂସଦ ଅପରାଜିତା ଷଡଙ୍ଗୀ, ଖୋର୍ଦ୍ଧା ଜିଲ୍ଲା ଭାଜପା ସଭାପତି ଶ୍ରୀ ବିଶ୍ୱରଞ୍ଜନ ବଡ଼ଜେନା, ଅତିରିକ୍ତ ଉପ ପୋଲିସ କମିଶନର ଶ୍ରୀ ମାନସ ରଞ୍ଜନ ଗଡନାୟକ ଓ ଇଣ୍ଡିଆନ୍ ସ୍କାଉଟ ଗାଇଡ ଫେଲୋସିପ ରାଜ୍ୟ ସଭାପତି ଡଃ ଆମ୍ରିତ ପାଟଯୋଷୀ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ଉତ୍ସବରେ ଚାଳଚିତ୍ର ଅଭିନେତା ତଥା ସମାଜ ବିଜ୍ଞାନୀ ଡଃ ରୁଷି ପଟ୍ଟନାୟକ ସଭାପତିତ୍ୱ କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଶ୍ରୀ ପ୍ରିୟଦର୍ଶୀ ମିଶ୍ର, ସହ ପୋଲିସ୍ କମିଶନର ଶ୍ରୀ ପ୍ରଶାନ୍ତ ସାହୁ, ସମାଜ ସେବି ଶ୍ରୀମତି ରୋଜାଲିନ ପାଣିଗ୍ରାହୀ, ଇନଷ୍ଟାଭାଲି ଆଇ ଆଇ ସି ଇନ୍ସପେକ୍ଟର ଗାୟନନ୍ଦ ଶାହା, ଜଟଣୀ ଇନ୍ସପେକ୍ଟର ଷ୍ଟାଲିନ ବିଶ୍ୱାଳ, ମଧୁକୁଞ୍ଜ ର ପ୍ରତିଷ୍ଠାତା ସଜନ ଅଗ୍ରୱାଲ, ରାମ ଅବତାର ଅଗ୍ରୱାଲ, କିଶନ ଅଗ୍ରୱାଲ, ଦୂରଦର୍ଶୀ ସମ୍ପାଦକ ଦୁର୍ଗା ସମାନ୍ତରାୟ ଏସ ଆଇ ଶିବାନୀ ନନ୍ଦ ଓ ଡ଼ଃ ଭଗ୍ୟ ଲିପି ମଲ୍ଲ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ବିଶାଳ ରକ୍ତ ଦାନ ଶିବିର କୁ ପଵନ୍ ଅଗ୍ରୱାଲ, ପ୍ରବୀଣ ଅଗ୍ରୱାଲ , ରତିରଞ୍ଜନ ଗଡନାୟକ ଓ ଡ଼ଃ ରୁଷି ପଟ୍ଟନାୟକ ପରିଚାଳନା କରିଥିଲେ । ଆଜି ଭାରତୀୟ ରେଡ଼କ୍ରସ୍ ତରଫରୁ ସମୁଦାୟ ୧୦୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି।



# ବିଏମ୍‌ସିର ସ୍ୱଚ୍ଛ ସର୍ବେକ୍ଷଣ ସମୀକ୍ଷା ବୈଠକ

ଭୁବନେଶ୍ୱର,୧୮।୫ (ମହାଭାରତ): ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ସ୍ୱଚ୍ଛ ସର୍ବେକ୍ଷଣ-୨୦୨୬କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପରିମଳ ଉପାୟୁକ୍ତ ଏନ୍. ଗଣେଶ ବାବୁ, ସହକାରୀ କମିଶନର ଲୋକନାଥ ବେଜ୍ ମଞ୍ଚାସୀନ ଥିଲେ । ଏହି ବୈଠକରେ ସମସ୍ତ ସ୍ୱଚ୍ଛ ସାଥୀ, ପରିମଳ ନିରୀକ୍ଷକ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ଜେଇସି, ଆଇଇସି ପ୍ରମୁଖ ଉପସ୍ଥିତ ଥିଲେ । ସଂପ୍ରତି ନାଗରିକମାନଙ୍କର ମତାମତ ସଂଗ୍ରହ ଜାରି ରହିଛି । ଅଧିକରୁ ଅଧିକ ସଂଖ୍ୟକ ନାଗରିକଙ୍କୁ ଏଥିରେ ସାମିଲ କରି ସେମାନଙ୍କର ସକରାତ୍ମକ ମତାମତ ସଂଗ୍ରହ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

ଲୋକମାନେ ଆଗ୍ରହର ସହ ସେମାନଙ୍କର ମତାମତ ଦେଉଛନ୍ତି । ତେବେ କେତେକ କ୍ଷେତ୍ରରେ ଭାରତ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ପ୍ରଦାନ କରାଯାଉଥିବା ଓଟିପି ଦେବାକୁ ଲୋକେ ଅରାଜି ହେଉଥିବା ନେଇ ସ୍ୱଚ୍ଛସାଥୀମାନେ କହିଥିଲେ । ସ୍ୱଚ୍ଛ ସର୍ବେକ୍ଷଣ ଫିଡ୍ ବ୍ୟାକ୍ ପାଇଁ ଆସୁଥିବା ଓଟିପି କୌଣସି ମନ୍ଦ ଉଦ୍ଦେଶ୍ୟରେ ବ୍ୟବହାର ହୋଇପାରିବ ନାହିଁ ବୋଲି ଲୋକମାନଙ୍କୁ ସଚେତନ କରାଇବାକୁ କୁହାଯାଇଛି । ଏହା କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଏକ କୋର୍ଡ । ଏହି କୋର୍ଡ ଜରିଆରେ କେଉଁଲୋକ କେଉଁ ମୋବାଇଲରୁ ମତାମତ ଦେଇଛନ୍ତି, କେବଳ ତାହା ଜାଣିବା ପାଇଁ ଉଦ୍ଦିଷ୍ଟ । ଏଥିରେ କାହାରି ଡାଟା କିମ୍ବା କୌଣସି ତଥ୍ୟ ପ୍ରକାଶ ପାଇବ ନାହିଁ କିମ୍ବା ହ୍ୟାକ୍ ହେବାର ସମ୍ଭାବନା ନାହିଁ ବୋଲି ବିଏମ୍ ସି ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି । କେବଳ ସେତିକି ନୁହେଁ, ମତାମତ ଦେଉଥିବା ବ୍ୟକ୍ତିଙ୍କର ସମସ୍ତ ତଥ୍ୟ ଗୋପନୀୟ ରହିବ । ଏଥିପାଇଁ ଜନ ସାଧାରଣ ଭୟ କରିବାର କିଛି ନାହିଁ ବୋଲି ବିଏମ୍ ସି ପକ୍ଷରୁ କୁହାଯାଇଛି । ଜନ ସାଧାରଣଙ୍କ ସହଯୋଗରେ ସ୍ୱଚ୍ଛତାର ପାହାଚରେ ଦିନକୁ ଦିନ ଆଗେଇ ଚାଲିଛି ସ୍ମାର୍ଟ ସିଟି ଭୁବନେଶ୍ୱର । ଚଳିତ ବର୍ଷ, ସ୍ୱଚ୍ଛ ସର୍ବେକ୍ଷଣରେ, ଦେଶର ମୋଟ ୪୭୮୯ ଗୋଟି ସହର ମଧ୍ୟରେ ଭୁବନେଶ୍ୱର ମଧ୍ୟ ଭାଗ ନେଇଛି । ତେଣୁ, ସ୍ୱଚ୍ଛ ସର୍ବେକ୍ଷଣରେ ଭୁବନେଶ୍ୱରକୁ ଏକ ନମ୍ବର ସ୍ୱଚ୍ଛ ସହର କରିବା ପାଇଁ ଭୁବନେଶ୍ୱରବାସିଙ୍କ ମତାମତ ଗୁରୁତ୍ୱପୂର୍ଣ୍ଣ । ସ୍ମାର୍ଟ ସିଟି ଭୁବନେଶ୍ୱର ଜଣେ ସଚେତନ ଓ ଦାୟିତ୍ୱବାନ ନାଗରିକ ଭାବେ ଆପଣ ନିଜ ନିଜର ମୋବାଇଲରେ ଗୁଗଲକୁ ଯାଇ ସିଟିଜେନ୍ ଫିଡ୍ ବ୍ୟାକ୍-୨୦୨୬ ରେ କ୍ଲିକ୍ କରନ୍ତୁ କିମ୍ବା ବିଏମ୍ ସି ସଫେଇ ଗାଡିରେ ଲାଗିଥିବା କ୍ୟୁଆର କୋର୍ଡ ସ୍କାନ କରି ଆମ ସହର ଭୁବନେଶ୍ୱରକୁ ଏକ ନମ୍ବର କରିବା ପାଇଁ ଏଥିରେ ଥିବା ୧୩ ଗୋଟି ପ୍ରଶ୍ନର ସକରାତ୍ମକ ଉତ୍ତର ଦେବାକୁ କୁହାଯାଇଛି । ସିଟିଜେନ୍ ଫିଡ୍ ବ୍ୟାକ୍-୨୦୨୬ କ୍ଲିକ୍ କରି ଉତ୍ତର ଦେବା ସହ ଭୁବନେଶ୍ୱରକୁ ଏକନମ୍ବର କରିବାରେ ସହାୟକ ହେବା ପାଇଁ ବିଏମ୍ ସି ଅଂଚଳରେ ବସବାସ କରୁଥିବା ସବୁ ବର୍ଗର ଲୋକଙ୍କୁ ଅନୁରୋଧ କରାଯାଇଛି ।



# ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ବିଜୁ ଯୁବ ଛାତ୍ର ଜନତା ଦଳର ପ୍ରତିବାଦ

ଭୁବନେଶ୍ୱର,୧୮।୫ (ମହାଭାରତ): ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ଆଜି ସମଗ୍ର ରାଜ୍ୟରେ ବିଜୁ ଯୁବ ଜନତା ଦଳ ଓ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ରାଜ୍ୟବ୍ୟାପୀ ପ୍ରତିବାଦ ଆନ୍ଦୋଳନ ହୋଇଛି । ଭୁବନେଶ୍ୱର ସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ଶ୍ରୀ ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁଙ୍କ ନେତୃତ୍ୱରେ ଏକ ବିଶାଳ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ କଟକ ଜିଲ୍ଲା ପକ୍ଷରୁ ଖ୍ରୀଷ୍ଟ ମହାବିଦ୍ୟାଳୟ ସମ୍ମୁଖରେ ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ ହୋଇଛି । ସେହିପରି ବ୍ରହ୍ମପୁର, ବାରିପଦା, ଅନୁଗୁଳ, ଯାଜପୁର, ବାଲେଶ୍ୱର ଆଦି ଜିଲ୍ଲାରେ ମଧ୍ୟ ବିଜେଡି ପକ୍ଷରୁ ପ୍ରତିବାଦ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ଏହି ଆନ୍ଦୋଳନରେ ଶତାଧିକ ଛାତ୍ର ଓ ଯୁବ କର୍ମୀମାନେ ଯୋଗଦେଇ କେନ୍ଦ୍ର ସରକାର ବିରୋଧରେ ଜୋରଦାର ନାରାବାଜି କରିଥିଲେ । ଆନ୍ଦୋଳନକାରୀ ଯୁବ ଛାତ୍ର ନେତାମାନେ କହିଥିଲେ ଯେ, ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣା ଲକ୍ଷାଧିକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳ ଖେଳିଛି । ପୁନଃ ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷାରେ ଅନିୟମିତତା ଘଟଣା କେନ୍ଦ୍ର ସରକାରଙ୍କ ବିଫଳତାକୁ ପଦାରେ ପକାଇଛି । ନେତୃବୃନ୍ଦ ଏହି ଘଟଣାର ନିରପେକ୍ଷ ଓ ସ୍ୱଚ୍ଛ ତଦନ୍ତ ସହ ଦୋଷୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ସେହିପରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୈତିକ ଦାୟିତ୍ୱ ନେଇ ତୁରନ୍ତ ଇସ୍ତଫା ପ୍ରଦାନ କରନ୍ତୁ ବୋଲି ଛାତ୍ରନେତାମାନେ ଦାବି କରିଥିଲେ । ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଆସ୍ଥା ଫେରାଇ ଆଣିବା ପାଇଁ ପରୀକ୍ଷା ବ୍ୟବସ୍ଥାରେ ତୁରନ୍ତ ସଂଶୋଧନ ଆଣିବାକୁ ମଧ୍ୟ ଦାବି କରାଯାଇଥିଲା । କେନ୍ଦ୍ର ସରକାର ଯଦି ଏହି ଘଟଣାରେ କଠୋର ପଦକ୍ଷେପ ନେବାରେ ବିଫଳ ହୁଏ, ତେବେ ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ବିଜେଡି ଚେତାବନୀ ଦେଇଛି ।



# ଆଇଆଇଟି ପକ୍ଷରୁ ସାଇବର ସିକ୍ୟୁରିଟିରେ ଶିଳ୍ପ-ସଂଯୁକ୍ତ ପାଠ୍ୟକ୍ରମ

ଭୁବନେଶ୍ୱର,୧୮।୫ (ମହାଭାରତ): ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ଭାରତର ପ୍ରମୁଖ ସାଇବର ସୁରକ୍ଷା ତାଲିମ ଏବଂ ସିମୁଲେସନ କମ୍ପାନୀଗୁଡ଼ିକ ମଧ୍ୟରୁ ଗୋଟିଏ ହ୍ୱିଜହ୍ୟାକ ଟେକ୍ନୋଲୋଜି ସହିତ ରଣନୈତିକ ସହଯୋଗରେ ବିକଶିତ ସାଇବରସିକ୍ୟୁରିଟି କ୍ଷେତ୍ରରେ ଶିଳ୍ପ-ସଂଯୁକ୍ତ ଏମ୍.ଟେକ୍ କାର୍ଯ୍ୟକ୍ରମ ଆରମ୍ଭ କରିବାର ଘୋଷଣା କରିଛି । କାର୍ଯ୍ୟରତ ବୃତିଗତମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ଡିଜାଇନ୍ କରାଯାଇଥିବା ଏହି ମିଶ୍ରିତ-ମୋଡ୍ କାର୍ଯ୍ୟକ୍ରମ ଶିକ୍ଷାର୍ଥୀମାନଙ୍କୁ ଶିଳ୍ପ ଏବଂ ସରକାରୀ କ୍ଷେତ୍ରରେ ଉଦୀୟମାନ ଡିଜିଟାଲ୍ ବିପଦକୁ ମୁକାବିଲା କରିବା ପାଇଁ ଆବଶ୍ୟକ ଉନ୍ନତ ସାଇବର ସୁରକ୍ଷା ଦକ୍ଷତା ସହିତ ସଜ୍ଜିତ କରିବା ପାଇଁ ଶିକ୍ଷାର୍ଥୀମାନଙ୍କୁ ହ୍ୟାଣ୍ଡସ-ଅନ ପ୍ରଶିକ୍ଷଣ ସହିତ ଶିକ୍ଷାଦାନ କରିବ ।

ଗୁରୁତ୍ୱପୂର୍ଣ୍ଣ ଭିତିଭୂମି, ଆର୍ଥିକ, ଶାସନ, ପ୍ରତିରକ୍ଷା ଏବଂ ଉଦ୍ୟୋଗ ସୁରକ୍ଷା କ୍ଷେତ୍ରରେ ଦକ୍ଷ ସାଇବର ସୁରକ୍ଷା ବୃତିଗତଙ୍କ ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ନମନୀୟ ମିଶ୍ରିତ-ମୋଡ୍ ଗଠନ କ୍ୟାମ୍ପସରେ ନିମଜ୍ଜା ସହିତ ଅନଲାଇନ୍ ଶିକ୍ଷାକୁ ସମନ୍ୱିତ କରେ, ଯାହା ବୃତିଗତମାନଙ୍କୁ ସେମାନଙ୍କର କ୍ୟାରିଅର ଜାରି ରଖିବା ସହିତ ଉଚ୍ଚ ଶିକ୍ଷା ଗ୍ରହଣ କରିବାକୁ ସକ୍ଷମ କରିଥାଏ । ଉଲ୍ଲେଖନୀୟ ଯେ, ଏହି କାର୍ଯ୍ୟକ୍ରମରେ ପ୍ରବେଶ ପାଇଁ ଗେଟ୍ ଯୋଗ୍ୟତା ଆବଶ୍ୟକ ନାହିଁ, ଶିକ୍ଷାଗତ ପୃଷ୍ଠଭୂମି ଏବଂ ବୃତିଗତ ଅଭିଜ୍ଞତା ଉପରେ ଆଧାରିତ ଚୟନ ସହିତ । ପାଠ୍ୟକ୍ରମଟି ସୁରକ୍ଷିତ ସିଷ୍ଟମ ଡିଜାଇନ୍, ସାଇବର ବିପଦ ମୂଲ୍ୟାଙ୍କନ, ଶାସନ ଏବଂ ଅନୁପାଳନ, ଏଆଇ-ଚାଳିତ ସୁରକ୍ଷା, ବ୍ଲକଚେନ୍ ସୁରକ୍ଷା ଏବଂ ଉନ୍ନତ ଆକ୍ରମଣ-ପ୍ରତିରକ୍ଷା ରଣନୀତି ବିଷୟରେ ବ୍ୟାପକ ଜ୍ଞାନ ପ୍ରଦାନ କରିବା ପାଇଁ ଡିଜାଇନ୍ କରାଯାଇଛି । ଅଂଶଗ୍ରହଣକାରୀମାନେ ହସ୍ତ-ଅନ୍ ସାଇବର ଲ୍ୟାବ୍ ଏବଂ ଶିଳ୍ପ-ଗ୍ରେଡ୍ ସାଇବର ରେଞ୍ଜ ପ୍ରଯୁକ୍ତିର ବାସ୍ତବ-ବିଶ୍ୱ ସିମୁଲେସନ୍ ମାଧ୍ୟମରେ ବ୍ୟବହାରିକ ଏକ୍ସପୋଜର ପାଇବେ । ଏହି କାର୍ଯ୍ୟକ୍ରମ ଦ୍ରୁତ ଗତିରେ ବିକଶିତ ହେଉଥିବା ସାଇବର ସୁରକ୍ଷା ଇକୋସିଷ୍ଟମରେ ନେତୃତ୍ୱ ଭୂମିକା ପାଇଁ ବୃତିଗତମାନଙ୍କୁ ପ୍ରସ୍ତୁତ କରିବା ପାଇଁ ରଣନୈତିକ ସାଇବର ସୁରକ୍ଷା ପରିଚାଳନା ଏବଂ ଶିଳ୍ପ-ମୁଖୀ ଗବେଷଣା ଉପରେ ମଧ୍ୟ ଗୁରୁତ୍ୱାରୋପ କରେ ।

# ଦି ଜୋରାଷ୍ଟ୍ରିଆନ୍ ଆର୍ଟ ଅଫ୍ ସକ୍ସେସ୍ ଆଣ୍ଡ ଇମ୍ମୋର୍ଟାଲିଟି' ଉନ୍ମୋଚିତ

ଭୁବନେଶ୍ୱର,୧୮।୫ (ମହାଭାରତ): ରସନା ଗ୍ରୁପର ଅଧ୍ୟକ୍ଷ ତଥା ଆରିଜ୍ ଖମ୍ବାଟା ବେନେଭୋଲେଟ୍ ଟ୍ରଷ୍ଟ ଏବଂ ରସନା ଫାଉଣ୍ଡେସନର ପ୍ରତିଷ୍ଠାତା ଟ୍ରଷ୍ଟି ଶ୍ରୀ ପିରୁଜ୍ ଆରିଜ୍ ଖମ୍ବାଟା ତାଙ୍କ ପୁସ୍ତକ ଆଶୋଇ: ଦି ଜୋରାଷ୍ଟ୍ରିଆନ୍ ଆର୍ଟ ଅଫ୍ ସକ୍ସେସ୍ ଆଣ୍ଡ ଇମ୍ମୋର୍ଟାଲିଟି' ଉନ୍ମୋଚନ କରିବା ସହିତ ପାର୍ସୀ ସମ୍ପ୍ରଦାୟ ଭିତରେ ଏବଂ ବାହାରେ ଉଦ୍ୟୋଗ ଏବଂ ନେତୃତ୍ୱକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏକ ଉଦ୍ୟୋଗୀ ପାଣ୍ଠିର ଉନ୍ମୋଚନ ଘୋଷଣା କରିଛନ୍ତି। ଏହି ପୁସ୍ତକ ମୁମ୍ବାଇର ତାଜମହଲ ପ୍ୟାଲେସରେ ଉନ୍ମୋଚିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସଂସଦୀୟ ବ୍ୟାପାର ଏବଂ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ ଶ୍ରୀ କିରେନ ରିଜିଜୁଙ୍କ ସମେତ ରାଜ୍ୟସଭା ସଦସ୍ୟ ଶ୍ରୀ ମିଲିନ୍ଦ ଦେଓରା, ଜଷ୍ଟିସ (ଅବସରପ୍ରାପ୍ତ) ଶାହରୁଖ ଜେ. କାଠୱାଲା ତଥା ପାର୍ସୀ ସମ୍ପ୍ରଦାୟର ବିଶିଷ୍ଟ ସଦସ୍ୟ, ନାଗରିକ ସମାଜ ଏବଂ ବ୍ୟବସାୟୀ ନେତାଙ୍କ ମଧ୍ୟରେ ଜାତୀୟ ସଂଖ୍ୟାଲଘୁ ଆୟୋଗର ସଦସ୍ୟ ତଥା ମୋଦୀଙ୍କ ମିଶନର ଲେଖକ ଶ୍ରୀ ବର୍ଜିସ୍ ଦେଶାଇ ଯୋଗଦେଇଥିଲେ। ପୁସ୍ତକ ଉନ୍ମୋଚନ ଅବସରରେ ରସନା ଗ୍ରୁପର ଚେୟାରମ୍ୟାନ୍ ତଥା ଆରିଜ୍ ଖମ୍ବାଟା ବେନେଭୋଲେଟ୍ ଟ୍ରଷ୍ଟ ଏବଂ ରସ୍ନା ଫାଉଣ୍ଡେସନର ପ୍ରତିଷ୍ଠାତା ଟ୍ରଷ୍ଟି ଶ୍ରୀ ପିରୁଜ୍ ଆରିଜ୍ ଖମ୍ବାଟା କହିଛନ୍ତି, 'ଆଜିର ଦ୍ରୁତ ଗତିଶୀଳ ଏବଂ କ୍ରମାଗତ ଭାବରେ ବଦଳୁଥିବା ଦୁନିଆରେ, ମୁଁ ବିଶ୍ୱାସ କରେ ଯେ ଲୋକମାନେ ମୂଲ୍ୟବୋଧ ଏବଂ ନୀତି ଖୋଜୁଛନ୍ତି ଯାହା ସେମାନଙ୍କ ଜୀବନରେ ଅଧିକ ଅର୍ଥ, ସନ୍ତୁଳନ ଏବଂ ଦିଗ ଆଣିପାରିବ । ଅଖଣ୍ଡତା, ଉଦ୍ଦେଶ୍ୟ, ଅନୁଶାସନ ଏବଂ ନୈତିକ ଜୀବନଯାପନର ନୀତି ଅଧିକାଂଶ ପାର୍ସୀଙ୍କ ଜୀବନକୁ ଗଠନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏହି ପୁସ୍ତକ ମାଧ୍ୟମରେ, ମୁଁ ପ୍ରାଚୀନ ଜୋରାଷ୍ଟ୍ରିଆନ୍ ଜ୍ଞାନକୁ ଏକ ଆଧୁନିକ ଏବଂ ବ୍ୟବହାରିକ ପ୍ରସଙ୍ଗରେ ଆଣିବାକୁ ଚେଷ୍ଟା କରିଛି । ଏହା ଏହି ଐତିହ୍ୟରୁ ଆକର୍ଷିତ ହୋଇଛି, କିନ୍ତୁ ଏହାର ବାର୍ତ୍ତା ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ । ଏହା ଏକ ଧାର୍ମିକ ପୁସ୍ତକ ନୁହେଁ ବରଂ ଏହା ଜଣେ ଉତମ ବ୍ୟକ୍ତି ହେବା ପାଇଁ ଏକ ବ୍ୟବହାରିକ ମାର୍ଗଦର୍ଶକ, ଏବଂ ଆମେ ନିଜକୁ ଉନ୍ନତ କରିବା ସହିତ ଆମେ ରାଷ୍ଟ୍ର ନିର୍ମାଣର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ସହଯୋଗ କରୁ । ମୁଁ ଆଶା କରୁଛି ଯେ ବ୍ୟକ୍ତି ଏବଂ ପରିବାର ଏହି କାଳଜୟୀ ଶିକ୍ଷାକୁ ଏକ ଅର୍ଥପୂର୍ଣ୍ଣ, ସଫଳ ଏବଂ ପୂର୍ଣ୍ଣ ଜୀବନ ଗଠନ ପାଇଁ ଏକ ମାର୍ଗଦର୍ଶକ ଭାବରେ ବ୍ୟବହାର କରିପାରିବେ ।'

# ରେଳଷ୍ଟେସନର ଆଧୁନିକୀକରଣ ପାଇଁ ଟ୍ରେନ୍ ସେବା ସାମୟିକ ପରିବର୍ତ୍ତନ

ଭୁବନେଶ୍ୱର,୧୮।୫ (ମହାଭାରତ): ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ଅଧୀନରେ ଥିବା ପୁରୀ ରେଳଷ୍ଟେସନର ଭିତିଭୂମି ଉନ୍ନୟନ କାର୍ଯ୍ୟ ଜାରି ରହିଥିବାରୁ, ପୂର୍ବତଟ ରେଳପଥ ପକ୍ଷରୁ ମଇ ୨୦୨୬ ମାସରେ କେତେକ ଏକ୍ସପ୍ରେସ ଏବଂ ପାସେଞ୍ଜର ଟ୍ରେନ୍ ସେବାଗୁଡ଼ିକର ସଂକ୍ଷିପ୍ତ-ଅବଧି ଏବଂ ସଂକ୍ଷିପ୍ତ-ଉତ୍ପତି ସମ୍ପର୍କିତ ବ୍ୟବସ୍ଥାର ଅବଧିକୁ ବୃଦ୍ଧି କରାଯାଇଛି। ପୁରୀ ରେଳଷ୍ଟେସନରେ ପ୍ଲାଟଫର୍ମର ନବୀକରଣ ଏବଂ ଆନୁଷଙ୍ଗିକ ଭିତିଭୂମି ବିକାଶ କାର୍ଯ୍ୟ ସଂଯୋଗରେ ଏହି ସାମୟିକ ନିୟନ୍ତ୍ରଣ ବ୍ୟବସ୍ଥା କରାଯାଉଛି। ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏହି ଗୁରୁତ୍ୱପୂର୍ଣ୍ଣ ତୀର୍ଥସ୍ଥଳୀରେ ଯାତ୍ରୀ ସୁବିଧା, କାର୍ଯ୍ୟଦକ୍ଷତା ଏବଂ ଟ୍ରେନ୍ ଚଳାଚଳ କ୍ଷମତାକୁ ଅଧିକ ବୃଦ୍ଧି କରିବା।

ମାଳତୀପାଟପୁର ଷ୍ଟେସନରେ ନିୟନ୍ତ୍ରିତ ହେବାକୁ ଥିବା ଟ୍ରେନ ଗୁଡିକ ହେଲା :୧୨୧୪୬ ପୁରୀ-ଲୋକମାନ୍ୟ ତିଲକ ଟର୍ମିନସ ଏକ୍ସପ୍ରେସ୍ ୧୯ ଏବଂ ୨୬ ମଇ ୨୦୨୬ ରିଖରେ ମାଳତୀପାଟପୁରରୁ ଯାତ୍ରା ଆରମ୍ଭ କରିବ।୧୨୧୪୫ ଲୋକମାନ୍ୟ ତିଲକ ଟର୍ମିନସ-ପୁରୀ ଏକ୍ସପ୍ରେସ୍ ୧୭ ଏବଂ ୨୪ ମଇ ୨୦୨୬ ରିଖରେ ମାଳତୀପାଟପୁରରେ ଯାତ୍ରା ଶେଷ କରିବ। ୧୨୯୯୩ ଗାନ୍ଧୀଧାମ-ପୁରୀ ଏକ୍ସପ୍ରେସ୍ ୧୫, ୨୨ ଏବଂ ୨୯ ମଇ ୨୦୨୬ ରିଖରେ ମାଳତୀପାଟପୁରରେ ଯାତ୍ରା ଶେଷ କରିବ। ୧୨୯୯୪ ପୁରୀ-ଗାନ୍ଧୀଧାମ ଏକ୍ସପ୍ରେସ୍ ୧୮ ଏବଂ ୨୫ ମଇ ୨୦୨୬ ରିଖରେ ମାଳତୀପାଟପୁରରୁ ଯାତ୍ରା ଆରମ୍ଭ କରିବ। ୧୫୬୪୩ ପୁରୀ-କାମାକ୍ଷା ଏକ୍ସପ୍ରେସ୍ ୨୩ ଏବଂ ୩୦ ମଇ ୨୦୨୬ ରିଖରେ ମାଳତୀପାଟପୁରରୁ ଯାତ୍ରା ଆରମ୍ଭ କରିବ। ୧୫୬୪୪ କାମାକ୍ଷା-ପୁରୀ ଏକ୍ସପ୍ରେସ୍ ୨୧ ଏବଂ ୨୮ ମଇ ୨୦୨୬ ରିଖରେ ମାଳତୀପାଟପୁରରେ ଯାତ୍ରା ଶେଷ କରିବ। ୨୨୯୭୩ ଗାନ୍ଧୀଧାମ-ପୁରୀ ଏକ୍ସପ୍ରେସ୍ ୨୦ ଏବଂ ୨୭ ମଇ ୨୦୨୬ ରିଖରେ ମାଳତୀପାଟପୁରରେ ଯାତ୍ରା ଶେଷ କରିବ।୨୨୯୭୪ ପୁରୀ-ଗାନ୍ଧୀଧାମ ଏକ୍ସପ୍ରେସ୍ ୨୩ ଏବଂ ୩୦ ମଇ ୨୦୨୬ ରିଖରେ ମାଳତୀପାଟପୁରରୁ ଯାତ୍ରା ଆରମ୍ଭ କରିବ। ୧୭୪୮୦ ତିରୁପତି-ପୁରୀ ଏକ୍ସପ୍ରେସ୍ ୧୫, ୧୬, ୧୮, ୧୯, ୨୦, ୨୨, ୨୩, ୨୫, ୨୬, ୨୭, ୨୯ ଏବଂ ୩୦ ମଇ ୨୦୨୬ ରିଖରେ ମାଳତୀପାଟପୁରରେ ଯାତ୍ରା ଶେଷ କରିବ।୧୭୪୭୯ ପୁରୀ-ତିରୁପତି ଏକ୍ସପ୍ରେସ୍ ୧୭, ୧୮, ୨୦, ୨୧, ୨୨, ୨୪, ୨୫, ୨୭, ୨୮, ୨୯ ଏବଂ ୩୧ ମଇ ୨୦୨୬ ରିଖରେ ମାଳତୀପାଟପୁରରୁ ଯାତ୍ରା ଆରମ୍ଭ କରିବ। ୨୨୨୦୧ ସିଆଲଦା-ପୁରୀ ଦୁରନ୍ତ ଏକ୍ସପ୍ରେସ୍ ୧୮, ୨୦, ୨୨, ୨୫, ୨୭ ଏବଂ ୨୯ ମଇ ୨୦୨୬ ରିଖରେ ମାଳତୀପାଟପୁରରେ ଯାତ୍ରା ଶେଷ କରିବ। ୨୨୨୦୨ ପୁରୀ-ସିଆଲଦା ଦୁରନ୍ତ ଏକ୍ସପ୍ରେସ୍ ୧୬, ୧୯, ୨୧, ୨୩, ୨୬, ୨୮ ଏବଂ ୩୦ ମଇ ୨୦୨୬ ରିଖରେ ମାଳତୀପାଟପୁରରୁ ଯାତ୍ରା ଆରମ୍ଭ କରିବ। ୨୨୯୦୯ ଭାଲସାଡ-ପୁରୀ ଏକ୍ସପ୍ରେସ୍ ୨୧ ଏବଂ ୨୮ ମଇ ୨୦୨୬ ରିଖରେ ମାଳତୀପାଟପୁରରେ ଯାତ୍ରା ଶେଷ କରିବ।୨୨୯୧୦ ପୁରୀ-ଭାଲସାଡ ଏକ୍ସପ୍ରେସ୍ ୧୭ ଏବଂ ୨୪ ମଇ ୨୦୨୬ ରିଖରେ ମାଳତୀପାଟପୁରରୁ ଯାତ୍ରା ଆରମ୍ଭ କରିବ।



# ତୈଳ ଦର ଆକାଶ ଛୁଆଁ

ଇରାନ ସବୁ କିଛି ହରାଇ ମଧ୍ୟ ନିଜ ସ୍ୱାଭିମାନ ପାଇଁ ଲଢ଼େଇ ଜାରି ରଖିଛି। ଆମେରିକା ନିକଟରେ ଆତ୍ମସମର୍ପଣ କରିବାକୁ ଚାହୁଁନି। ଯୁଦ୍ଧ ଏପରି ଦୀର୍ଘ ସମୟ ଧରି ଚାଲିବା ଫଳରେ ଏହାର ପ୍ରଭାବ ସମଗ୍ର ବିଶ୍ୱ ଉପରେ ପଡୁଛି। ମଧ୍ୟପ୍ରାଚ୍ୟ ବା ପଶ୍ଚିମ ଏସିଆ ହେଉଚି ବିଶ୍ୱର ତୈଳ ଭଣ୍ଡାର। ସାରା ବିଶ୍ୱର ମୋଟ ତୈଳ ଉତ୍ପାଦନର ଏକ ତୃତୀୟାଂଶ ଏଠାରୁ ଆସିଥାଏ। ଯୁଦ୍ଧରେ ଉପସାଗରୀୟ ରାଷ୍ଟ୍ରର ଅନେକ ତୈଳ ଭିତ୍ତିଭୂମି ନଷ୍ଟ ହୋଇଛି। ତୈଳ ଉତ୍ପାଦନ ପ୍ରଭାବିତ ହୋଇଛି। ଫଳରେ ବିଶ୍ୱବଜାରରେ ତୈଳ ଦର ଆକାଶ ଛୁଆଁ ହୋଇଛି। ଆମେରିକା ଓ ଇସ୍ରାଏଲର ଆକ୍ରମଣ ପ୍ରତିବାଦରେ ଇରାନ ହର୍ମୁଜ ପ୍ରଣାଳୀକୁ ଅବରୋଧ କରିଛି। ପରେ ପରେ ଆମେରିକା ମଧ୍ୟ ଏଥିରେ ସାମିଲ ହୋଇଛି। ସବୁଠାରୁ ବଡ଼ ସଙ୍କଟ ଏହିଠାରୁ ଆରମ୍ଭ ହୋଇଛି। ହର୍ମୁଜ ପ୍ରଣାଳୀ ଦେଇ ବିଶ୍ୱର ୨୦% ତୈଳ ପରିବହନ ହୋଇଥାଏ। ଏହା ବନ୍ଦ ହୋଇଯିବାରୁ ଅଶୋଧିତ ତୈଳ ଏବଂ ଗ୍ୟାସର ଅଭାବ ପରିଲକ୍ଷିତ ହେଉଛି। ଭାରତ ବ୍ୟତିତ ବିଶ୍ୱର ସବୁ ରାଷ୍ଟ୍ରରେ ତେଲ ଏବଂ ଗ୍ୟାସ ଦର ବହୁ ମାତ୍ରାରେ ବୃଦ୍ଧି ପାଇଛି। ଭାରତରେ ଘରୋଇ ବ୍ୟବହାର ଉପଯୋଗୀ ଏଲପିଜି ଦର ସିଲିଣ୍ଡର ପିଛା ୬୦ ଟଙ୍କା ବଢ଼ିଛି ଏବଂ ଗତ ଦୁଇ ମାସ ହେବ ଏହା ସ୍ଥିର ରହିଛି। ବିଗତ ୪ ବର୍ଷ ହେବ ଭାରତରେ ପେଟ୍ରୋଲ ଏବଂ ଡିଜେଲ ଦର ସ୍ଥିର ରହିଛି। ମୋଦି ସରକାର ଏଥିଲାଗି ଧନ୍ୟବାଦର ପାତ୍ର। କିନ୍ତୁ କେତେଦିନ ଦର ବୃଦ୍ଧିକୁ ରୋକାଯାଇପାରିବ ? ଭାରତର ରାଷ୍ଟ୍ରାୟତ ତୈଳ ରିଫାଇନାରୀ ଏବଂ ମାର୍କେଟିଂ କମ୍ପାନୀ ଗୁଡ଼ିକ ଚଢ଼ା ଦରରେ ଅଶୋଧିତ ତୈଳ କିଣି ଶସ୍ତାରେ ପେଟ୍ରୋଲ ଏବଂ ଡିଜେଲ ବିକ୍ରୀ କରୁଛନ୍ତି। ଫଳରେ ଏହିସବୁ କମ୍ପାନୀ ଗୁଡ଼ିକ ଦୈନିକ ହାରାହାରି ୧୬୦୦ କୋଟି ଟଙ୍କା କ୍ଷତି ସହୁଛନ୍ତି। ଗତ ୧୦ ସପ୍ତାହ ଭିତରେ ଭାରତର ତୈଳ କମ୍ପାନୀ ଗୁଡ଼ିକ ଏଭଳି ଭାବେ ୧ ଲକ୍ଷ କୋଟି ଟଙ୍କା କ୍ଷତି ସହିଲେଣି। ତେଣୁ ଭାରତରେ ପେଟ୍ରୋଲ, ଡିଜେଲ ଏବଂ ଗ୍ୟାସ ଦର ଶୀଘ୍ର ବଢ଼ିବ ଏଥିରେ ସନ୍ଦେହ ନାହିଁ। ନଚେତ ଦେଶର ଅର୍ଥନୀତି ଭୁଶୁଡ଼ି ପଡ଼ିବ। ତେବେ ସାଧାରଣ ଜନତା ଏଥିରୁ କିପରି ନିସ୍ତାର ପାଇବେ ? ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ବ୍ୟୟ ସଙ୍କୋଚନ ପାଇଁ ଆହ୍ୱାନ କରିଛନ୍ତି। ପେଟ୍ରୋଲ ଓ ଡିଜେଲ ବ୍ୟବହାର ହ୍ରାସ କରି ଅଧିକ ଇଭି ବ୍ୟବହାର କରିବା, ପବ୍ଲିକ ଟ୍ରାନ୍ସପୋର୍ଟ ସିଷ୍ଟମର ବ୍ୟାପକ ବ୍ୟହାର ଏବଂ ଗୋଟିଏ ଗାଡ଼ିରେ ଏକାଧିକ ବ୍ୟକ୍ତି ଯାତ୍ରା କରି ତୈଳ ସଞ୍ଚୟ ନିମନ୍ତେ ପ୍ରଧାନମନ୍ତ୍ରୀ ଆହ୍ୱାନ କରିଛନ୍ତି। ସେହିପରି ବର୍ଷେ ପର୍ଯ୍ୟନ୍ତ ବିଦେଶ ଯାତ୍ରାକୁ ସ୍ଥଗିତ ରଖିବା, ସୁନା ଗହଣା ନକିଣିବା ପାଇଁ ମଧ୍ୟ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଯୁଦ୍ଧ ପରେ ଦେଶରେ ରାସାୟନିକ ସାରର ଅଭାବ ଦେଖାଦେଇଛି। ବିଦେଶରୁ ସାର ଆମଦାନୀ ଦୂରର କଥା ଦେଶରେ ହେଉଥିବା ସାର ଉତ୍ପାଦନ ମଧ୍ୟ ବନ୍ଦ ରହିଛି। ଫଳରେ ଆଗାମୀ ଖରିଫ ଋତୁରେ ସାରର ଅଭାବ ଆଶଙ୍କା ଦେଖା ଦେଇଛି। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ମୋଦି ରାସାୟନିକ ସାର ବ୍ୟବହାର କମ କରି ଜୈବିକ ସାର ବ୍ୟବହାର ଲାଗି ପରାମର୍ଶ ଦେଇଛନ୍ତି। ସେହିପରି ଖାଇବା ତେଲର ବ୍ୟବହାର ମଧ୍ୟ ୧୦% ହ୍ରାସ କରିବାକୁ ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି। ଯେଉଁଠି ସମ୍ଭବ ସେଠାରେ ମେଟ୍ରୋ ଟ୍ରେନ ବ୍ୟବହାର କରିବାକୁ ପ୍ରଧାନମନ୍ତ୍ରୀ ମୋଦି ପରାମର୍ଶ ଦେଇଛନ୍ତି। ଆଉ କୋଭିଡ ମହାମାରୀ ଭଳି ଦେଶରେ ୱାର୍କ ଫ୍ରମ ହୋମକୁ ଗୁରୁତ୍ୱ ଦେବା ଲାଗି ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହାର ଉଦ୍ଦେଶ୍ୟ ହେଲା ବୈଦେଶିକ ବିନିମୟ ମୁଦ୍ରା ବ୍ୟୟ ହ୍ରାସ ପାଉ, ବାହାରୁ ଆମଦାନୀ ଉପରେ ନିର୍ଭରଶୀଳତା ଯଥା ସମ୍ଭବ ହ୍ରାସ ପାଉ। ଆମେ ଦେଶରେ ଯାହା ଉତ୍ପାଦିତ ହେଉଛି ସେଥିରେ ଚଳିବା। ଅର୍ଥାତ ଆତ୍ମନିର୍ଭରଶୀଳତାକୁ ଗୁରୁତ୍ୱ ଦେବା। ପେଟ୍ରୋଲ ଓ ଡିଜେଲ ଆମର ନାହିଁ।


# ଭିତରକନିକାର ଭିତିରି କଥା

॥ ଡ. ଗଣେଶ ଚନ୍ଦ୍ର କୁଣ୍ଡ ॥

"

*ମ୍ୟାଡାମ୍ କହିଲେ କିଛି ଦିନ ତଳେ ଟିଭିରେ ଦେଖିଥିଲି ଜଣେ ପୁରୁଷ ଏକାଧିକ ଝିଅଙ୍କୁ ଠକି ବାହା ହୋଇଛି । ସେ ଝିଅ ମାନଙ୍କ ଅବସ୍ଥା ଏବେ କ'ଣ ହେବ ? ଏତେ ଖରାପ ଲୋକ ବି ଦୁନିଆରେ ଅଛନ୍ତି ? ଛି ଛି ଏଗୁଡା ଲଜ୍ୟାକର ଘଟଣା । ମୁଁ କହିଲି ଆପଣ ଠିକ୍ କହୁଛନ୍ତି ଯେ ପୁରୁଷଟି ଦୋଷୀ କିନ୍ତୁ ସେ ଝିଅମାନଙ୍କର କ'ଣ କିଛି ଦୋଷ ନାହିଁ କି ? ବାହାଘର ପୂର୍ବରୁ ଝିଅ ଘର ତରଫରୁ କେତେ କ'ଣ ବୁଝନ୍ତି ଓ ଦେଖନ୍ତି ।*

ଭିତରକନିକାର ବିଶ୍ ପ୍ରସିଦ୍ଧ କୁମ୍ଭୀର, ଡ଼ଲଫିନ, ଅଲିଭ୍ ରିଡ଼ଲେ କଇଁଛ, ହେନ୍ତାଳବଣ, ବିସ୍ତୃତ ବେଳାଭୂମି ସହିତ ଜୀବଜନ୍ତୁ ଭରା ସବୁଜ ସୁନ୍ଦର ପରିବେଶ ଦେଶ ବିଦେଶର ପର୍ଯ୍ୟଟକ ଓ ଗବେଷକଙ୍କୁ ଆକୃଷ୍ଟ କରିଥାଏ । ବିଗତ ଏକ ଦଶନ୍ଧି ହେଲା, ମୁଁ ପ୍ରତି ବର୍ଷ ଭିତରକନିକା ଭ୍ରମଣ କରିବାକୁ ଯାଇଛି । ଏମିତି ଯିବା ଆସିବା ଭିତରେ ଅନେକ ଅନୁଭୂତିର କଥା ମଧ ଅଛି । ଗତ ବର୍ଷ ମୁଁ ଓ ମୋର ଛଅ ଜଣ ବନ୍ଧୁ ଭିତରକନିକା ବୁଲିବାକୁ ଯାଇଥିଲୁ । ଭିତରକନିକା ଅଭୟାରଣ୍ୟ ମଧରେ ବୋଟରେ ବୁଲିକି କୁମ୍ଭୀର, ପଶୁପକ୍ଷୀ ତଥା ହେନ୍ତାଳ ବଣ ଦେଖିବା ଅତି ଆକର୍ଷଣୀୟ । ବୋଟ ଚାଳକ କହିଲେ ବୋଟର କ୍ଷମତା ୨୦ ଜଣ, ଜଣେ ଲୋକ ଗଲେ ଯେତିକି ଟଙ୍କା ପଡିବ, ୨୦ ଜଣ ଗଲେ ମଧ ସେତିକି ଟଙ୍କା ଲାଗିବ । ତେଣୁ ଆମେ ଚିନ୍ତା କଲୁ ଯଦି ଆଉ କିଛି ପର୍ଯଟକ ଆମ ସହିତ ମିଶିକି ବୁଲନ୍ତେ ତେବେ ଟଙ୍କା ଭାଗକରି ଦେଲେ ଖର୍ଚ୍ଚ ପରିମାଣ କମିଯାଆନ୍ତା । ଯାହା ହେଉ ଆଉ ତିନି ଜଣ ପର୍ଯ୍ୟଟକ ମିଳିଗଲେ । ସେମାନଙ୍କ ମଧରେ ୨ ଜଣ ପୁରୁଷ ଓ ଜଣେ ମ୍ୟାଡାମ୍ ଥିଲେ ।




ବୋଟରେ ଯାତ୍ରା କରୁଥିବା ସମୟରେ ବିଭିନ୍ନ କଥା ଆଲୋଚନା ଚାଲିଥାଏ କିନ୍ତୁ ସେ ମ୍ୟାଡାମ୍ ଜଣକ ଚୁପଚାପ ଥାଆନ୍ତି । କିଛି ସମୟ ପରେ ମୋର ଜଣେ ବନ୍ଧୁ କହିଲେ ସମସ୍ତେ ମିଶିକି ଗୋଟେ ଫଟୋ ଉଠେଇବା । ତା'ପରେ ବନ୍ଧୁ ପଚାରିଲେ ମ୍ୟାଡାମ୍ ଆପଣ କେଉଁଠାରୁ ଆସିଛନ୍ତି ? କ'ଣ କରନ୍ତି ଆପଣ ? ମ୍ୟାଡାମ୍ ଟିକେ ରାଗିଲା ଭଳି କହିଲେ ମୋ ବିଷୟରେ ଜାଣିବାକୁ ଆପଣ କାହିଁକି ଏତେ ବ୍ୟସ୍ତ ? ଖବର କାଗଜ ଓ ଟିଭି ମାଧମରେ ଜାଣିବାକୁ ମିଳୁଛି । ପ୍ରତିଦିନ ଠକ ଓ ଚୋରମାନେ ନୂଆ ନୂଆ ପ୍ରକାରର କୌଶଳ ଅବଲମ୍ବନ କରି ଅନେକ ଝିଅ ଓ ମହିଳା ମାନଙ୍କୁ ଅସୁବିଧାରେ ପକାଉଛନ୍ତି । ତେଣୁ ଅଜଣା ଲୋକଙ୍କ ସହିତ ବେଶି ମିଶିବା, ସେମାନଙ୍କ ସହିତ ଫଟୋ ଉଠେଇବା ଓ ବ୍ୟକ୍ତିଗତ କଥା ସେୟାର କରିବା ଠିକ ନୁହେଁ । ଏପ୍ରକାର କଥା ଶୁଣି ମୁଁ କହିଲି ମ୍ୟାଡାମ୍ ଆପଣଙ୍କୁ ଆମେ ସବୁ ଚୋର ଆଉ ଠକ ଭଳି ଦେଖାଯାଉଛୁ କି ? ମ୍ୟାଡାମ୍ କହିଲେ ଅନେକ ଅଛନ୍ତି ଭଦ୍ରଲୋକ ପରି କଥା କୁହନ୍ତି କିନ୍ତୁ ପରବର୍ତ୍ତୀ ସମୟରେ ସେମାନଙ୍କର ପ୍ରକୃତ ରୂପ ଜଣାପଡେ, ସେତେବେଳକୁ ସେମାନଙ୍କ କବଳରୁ ରକ୍ଷା ପାଇବାର ଉପାୟ ନଥାଏ । ଆଜିକାଲି ଦୁନିଆରେ ଏମିତ ସବୁ ଘଟୁଛି ଯେ ଠକମାନେ ବିଭିନ୍ନ ଉପାୟରେ ବିଶ୍ୱାସ ଜିତିବାକୁ ଚେଷ୍ଟା କରିଥାନ୍ତି ତା'ପରେ ବ୍ଲାକମେଲ୍ କରିଥାନ୍ତି । ମନ୍ଦ ଉଦେଶ୍ୟ ରଖିଥିବା ବ୍ୟକ୍ତି ଯଦି କୌଣସି ଫଟୋ ପାଇଗଲେ ତାକୁ କମ୍ପୁଟର ମାଧମରେ ପରିବର୍ତ୍ତନ କରି ଫେକ ଆକାଉ ଖୋଲି ପୋଷ୍ଟିଂ କରିଥାନ୍ତି, ଆଜିକାଲି ଏଗୁଡା ନିତି ଦିନିଆ ହୋଇଗଲାଣି । ଦୟାକରି ମୋ କଥାକୁ ଖରାପ ଭାବନ୍ତୁନି । ଯାହା କହିଲି ଆଜିକାଲିର ପରିସ୍ଥିତିକୁ ଦେଖିକି କହିଛି, କିଛି ମନ୍ଦ ଲୋକଙ୍କ କାର୍ଯ୍ୟ ପାଇଁ ଭଲ ଲୋକମାନଙ୍କୁ ମଧ ବିଶ୍ୱାସ କରି ହଉନି । ଅବିଶ୍ୱାସର ବାତାବରଣ ମଧରେ ସବୁ କିଛି ଚାଲିଛି । ଆମେ ନାରୀମାନେ ଠକ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଅସୁବିଧାରେ ପଡୁଛୁ । ମୁଁ କହିଲି ଆପଣ ଯାହା କହିଲେ ଠିକ୍ କଥା, ଆଜିକାଲିକା ପରିସ୍ଥିତି ବି ସେମିତି ହୋଇଗଲାଣି । ନିଜେ ସଚେତନ ହେଲେ, ଠକ ମାନଙ୍କ କବଳରୁ ବହୁ ପରିମାଣରେ ରକ୍ଷା ପାଇପାରିବା ।

ମ୍ୟାଡାମ୍ କହିଲେ କିଛି ଦିନ ତଳେ ଟିଭିରେ ଦେଖିଥିଲି ଜଣେ ପୁରୁଷ ଏକାଧିକ ଝିଅଙ୍କୁ ଠକି ବାହା ହୋଇଛି । ସେ ଝିଅ ମାନଙ୍କ ଅବସ୍ଥା ଏବେ କ'ଣ ହେବ ? ଏତେ ଖରାପ ଲୋକ ବି ଦୁନିଆରେ ଅଛନ୍ତି ? ଛି ଛି ଏଗୁଡା ଲଜ୍ୟାକର ଘଟଣା । ମୁଁ କହିଲି ଆପଣ ଠିକ୍ କହୁଛନ୍ତି ଯେ ପୁରୁଷଟି ଦୋଷୀ କିନ୍ତୁ ସେ ଝିଅମାନଙ୍କର କ'ଣ କିଛି ଦୋଷ ନାହିଁ କି ? ବାହାଘର ପୂର୍ବରୁ ଝିଅ ଘର ତରଫରୁ କେତେ କ'ଣ ବୁଝନ୍ତି ଓ ଦେଖନ୍ତି । ଯେମିତିକି ପୁଅଟି ଦେଖିବାକୁ କେମିତିକା, ତା'ର ବ୍ୟବହାର, ପୁଅର ଘରେ ସବୁ କିଏ କିଏ ଅଛନ୍ତି, ସେମାନେ କଣ କରୁଛନ୍ତି, ସେମାନଙ୍କ ବ୍ୟବହାର କେମିତିକା, ପୁଅ କେଉଁ ସାଙ୍ଗମାନଙ୍କ ସହିତ ମିଶୁଛି, ନିଶା ଖାଉଛି କି ନାହିଁ, କେଉଁ ଅନୁଷ୍ଠାନରେ ପଢୁଥିଲା, ଚାକିରି କରିଥିବା ଅନୁଷ୍ଠାନରେ ବୁଝନ୍ତି ପୁଅ ଚାକିରି କରିଛି କି ନାହିଁ, ସ୍ଥାୟୀ କି ଅସ୍ଥାୟୀ, କେତେ ଦରମା ପାଉଛି, ଏମିତି କେତେ କ'ଣ । ପୁଅଟି ସତ କହୁଛି କି ମିଛ କହୁଛି ତାହା ଜାଣିବା ପାଇଁ ଅନେକ ପ୍ରକାର ମାଧମ ଅବଲମ୍ବନ କରାଯାଇଥାଏ । ସେ ଝିଅମାନେ ସେ ବାବୁଙ୍କ ବିଷୟରେ ଏମିତି କ'ଣ ସବୁ ବୁଝିଲେ ଯେ ଗୋଟେ ପରେ ଗୋଟେ ବାହା ହୋଇପଡିଲେ ? ସାଧାରଣତଃ ଜଣେ ପରିବା କିଣିଲା ବେଳେ ପରିବାକୁ ହାତରେ ନେଇ ବାରମ୍ବାର ଦେଖିଥାଏ । ତା'ପରେ ମନ ନବୁଝିଲେ ଦୋକାନୀକୁ ପଚାରେ ବାଇଗଣ କେଉଁଠାରୁ ଆଣିଛ, ଶୁଖିଗଲାଣି, ଦେଶୀ ନା ବିଦେଶୀ ଏମିତି କେତେ କ'ଣ । ଯଦି ପରିବା କିଣିବାବେଳେ ଏତେ ସଚେତନ ତେବେ ଜୀବନସାଥୀ ବାଛିଲା ବେଳେ କେତେ ସଚେତନ ହେବା କଥା ? ମ୍ୟାଡାମ୍ କହିଲେ ଆପଣ ଯାହା କହୁଛନ୍ତି ସତ କଥା କିନ୍ତୁ ବଡ଼ ଦୁଃଖ ଓ ପରିତାପର ବିଷୟ ମହିଳା ଜଣକ ନା ଘରେ ନା ବାହାରେ ନା କର୍ମକ୍ଷେତ୍ରରେ, ସେ କେଉଁଠି ବି ସୁରକ୍ଷିତ ନୁହେଁ । ସମାଜିକ ହିଂସା, ବଳାତ୍କାର, ଦୁଷ୍କର୍ମ, ଯୌତୁକ ହତ୍ୟା ଓ ଘରୋଇ ହିଂସାର ଶିକାର ହେଉଛନ୍ତି । ଆଜିବି ଜଣେ ଝିଅ ଦିନରେ ହେଉ ବା ରାତିରେ ହେଉ ରାସ୍ତାରେ ସୁରକ୍ଷିତ ନୁହେଁ । ମହିଳାଙ୍କ ସୁରକ୍ଷା ପାଇଁ ବିଭିନ୍ନ ପ୍ରକାରର ଆଇନ ରହିଛି ତା'ପରେ ମଧ ଅନେକ ମହିଳା ବିଭିନ୍ନ ପ୍ରକାରର ଶୋଷଣର ଶିକାର ହେଉଛନ୍ତି । ଏଥିପାଇଁ ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆସିବା ଦରକାର ଏବଂ ଦୋଷୀ ମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ଯାହା ଫଳରେ ଜଣେ ଖରାପ କାର୍ଯ୍ୟ କରିବା ପୂର୍ବରୁ ବାରମ୍ବାର ଚିନ୍ତା କରିବ । ମୁଁ କହିଲି ପରିସ୍ଥିତି ଏମିତି ହୋଇଗଲାଣି ଯେ ପ୍ରତିଦିନ ନୂଆ ନୂଆ ପ୍ରକାରର ଘଟଣା ଘଟୁଛି । ପ୍ରଥମେ ନିଜେ ସଚେତନ ହେଲେ ଓ ସତର୍କତା ଅବଲମ୍ବନ କଲେ, ଆମେ ନିଜକୁ ସୁରକ୍ଷିତ ରଖିପାରିବା ।

ପଟାମୁଣ୍ଡାଇ, କେନ୍ଦ୍ରାପଡା
ମୋ : ୯୯୩୮୦୬୦୮୮୬

# ଘେରାଏ ପୃଥିବୀର ଅସରନ୍ତି ମଣିଷ

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ଆମେ ଯିଏ ଯେତେ, ଆମ ସଂସାରର ପୃଥିବୀବି ସେତିକି । ଦୂର ଯେତିକି, ନିକଟ ବି ସେତିକି । ଚିହ୍ନା ଯେତିକି, ଅଚିହ୍ନା ବି ସେତିକି । କୁଳାଣ ଯେତିକି ଅକୁଳଣ ବି ସେତିକି । ଆମେ ଆମ ପୃଥିବୀକୁ ଯେତିକି ଲାଗିଛୁ, ସେତିକି ବି ବିଲଗ ହୋଇଛୁ। ତେଣୁ ଅନେକ ଖନ୍ଦାରୁ ଦେଖିଲେ ଆମେ ପୃଥିବୀର ଅଗଣାକୁ ବୁଝିପାରି ନାହୁଁ, ନିବିଡ଼ ଏଇ ଓଡ଼ିଶା ଭୂଇଁରେ ଆମେ କେତେ କେତେ ମାପରେ ଆତଯାତ ହେଉଥିଲେ ହେଁ ଆମେ କେତେ ବାଗିର ସରି ସରି ଯାଉଛୁ ଆମ ଘେରାଏ ଏଇ ପୃଥିବୀର ସଂସାର ନିକଟରେ । ଆମ ଜଣା ଅଜଣା ଅନେକଙ୍କ ନିକଟରେ ପ୍ରିୟ ଚିତ୍ତଭାଇ (ପ୍ରଫେସର ଚିତ୍ତରଞ୍ଜନ ଦାସ) ଏହିପରି ବେଭାରରେ ଜଣେ ସଲଖ ମଣିଷ ହୋଇ ବଞ୍ଚିରହିଥିଲେ, ଯାହାଙ୍କ ନିକଟରେ ଏହି ଘେରାଏ ପୃଥିବୀ ସଂସାର ଜ୍ଞାନରେ ଏମୁଣ୍ଡରୁ ସେମୁଣ୍ଡ ଯାଏଁ ଆବୋରି ରହିଥିଲା। ମଣିଷ ସରି ସରି ଆସେ, କେତେ କେତେ ପଣର ଅନ୍ଦାଜ ଗୁଡ଼ିକରୁ । ମାତ୍ର ଚିତ୍ତଭାଇ ନିଜ ନିଦାପଣରେ ଅସରନ୍ତି ହୋଇ ଚାଲୁଥିଲେ। ଆଉ ସମସ୍ତଙ୍କ ଦିହରେ ଅସରନ୍ତି ମଣିଷର ବୈଚିତ୍ର୍ୟଯୁକ୍ତ ମହିମାକୁ କେତେ ଠାଣିରେ ଆଘ୍ରାଣ କରିନେଇଥିଲେ। କେମିତି କେଜାଣି ବିଧି ତାଙ୍କୁ କେଉଁ ଧାତୁରେ ଗଢ଼ିଥିଲା କେଜାଣି, ଏଇ ସଲଖ ମଣିଷ ଜଣକଯେ କେତେଦୂର ନଇଁ ଆସନ୍ତି ଓ ନଇଁ ପାରନ୍ତି ତାହା ବିସ୍ମୟାଭିଭୂତ କରିଦିଏ। ହଁ, କହିହେବ, ସ୍କୁଲ ଶିକ୍ଷାର ଅମଳିନ ଶିକ୍ଷକବୃନ୍ଦଙ୍କୁ, ସହପାଠୀଙ୍କୁ ଯିଏ ପ୍ରିୟ ଚିତ୍ତଭାଇଙ୍କ ଆଖିର ମହିମାକୁ, ହୃଦୟର ଗଭୀରତାକୁ ଆହୁରି ବାଙ୍ଗମୟ କରିବାରେ ଆଲକେମି ପରି କାର୍ଯ୍ୟ କରିଥିଲେ। ଦେଶ ସ୍ୱାଧୀନ ହୋଇ ଆସିବାର ସକ୍ରିୟ ସଙ୍କେତ ଗୁଡ଼ିକ ମିଳିଯାଉଥିବା ଜାଣି ଚିତ୍ତରଂଜନ ଶାନ୍ତିନିକେତନର ବିଦ୍ୟାର୍ଥୀ ହେବାକୁ ଅଭିଳାଷ ପୋଷଣ କରିଥିଲେ। ଶାନ୍ତିନିକେତନରୁ କୋପେନହେଗେନ୍ ଏବଂ ତହିଁ ଉତ୍ତାରୁ କେତେ କେତେ ସ୍ୱପ୍ନର ଅଭିଳାଷରେ ମୁଖର ଚିତ୍ତରଂଜନ ଶିକ୍ଷକ ହେବାର ପ୍ରତିଜ୍ଞାରେ ନିଜ ଚିନ୍ତନକୁ ଭିଜାଇ ଦେବାରେ ଉଚ୍ଛୁର କରିନଥିଲେ। ବିଦେଶମାଟିର କେତେ କେତେ ପରିବର୍ତ୍ତନକାମୀ ବିଚାର, ବ୍ୟବସ୍ଥା, ଜାଗରଣ, ଉଦ୍‌ବେଳନ, ବିଦ୍ୟା, ଅଭିପ୍ରାୟ, ନୈକଟ୍ୟକୁ କଦର କରିପାରିଥିବା ଚିତ୍ତରଂଜନ ଓଡ଼ିଶାକୁ ଛୁଉଁ ଛୁଉଁ ଜନ୍ମମାଟି ବାଗଲପୁରକୁ ନଯାଇ ଅନୁଗୁଳର ଚମ୍ପତିମୁଣ୍ଡାରେ ଜୀବନ ବିଦ୍ୟାଳୟ ତୀର୍ଥ-ଦର୍ଶନରେ ନିଜକୁ ମୁହାଁଇ ଆଣିଥିଲେ। ଅଗ୍ନିକନ୍ୟା ଶ୍ରୀମତୀ ମାଳତୀ ଚୌଧୁରୀ (ନୁମା) ଓ ଭୂଇଁଛୁଆଁ ମଣିଷ ବାପି (ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ)ଙ୍କ ହାତ ଗଢ଼ା ଅନୁଷ୍ଠାନ ବାଜିରାଉତ ଛାତ୍ରାବାସରୁ ରାସ୍ତା ପଡ଼ିଲା ଚମ୍ପତିମୁଣ୍ଡା-ଜୀବନ ବିଦ୍ୟାଳୟକୁ। ତମସାତୀରର ତୀର୍ଥଦର୍ଶନ-ଜୀବନ ବିଦ୍ୟାଳୟ। ୧୯୫୨ ମସିହାରେ ପ୍ରତିଷ୍ଠା ହେଲା ଜୀବନ ବିଦ୍ୟାଳୟ। ସତ୍ୟବାଦୀ ବନ ବିଦ୍ୟାଳୟ ଲୋକଲୋଚନରେ ଯେତେ ଚର୍ଚ୍ଚିତ, ଚମ୍ପତିମୁଣ୍ଡାର ଜୀବନ ବିଦ୍ୟାଳୟ-ଓଡ଼ିଶାର ଆଲୋଚନା ଅଙ୍ଗନରେ ତତୋଧିକ ଅବହେଳିତ । ମାତ୍ର ଜୀବନ-ବିଦ୍ୟାଳୟର ପୁଣ୍ୟ ସକାଳକୁ ଫୁଟାଇ ପାରୁଥିବା ଚିତ୍ତରଂଜନଙ୍କୁ କ୍ରମଶଃ ଅପସାରଣ କରିଦିଆଯାଇଥିଲା। ଏକମାତ୍ର ପୁସ୍ତକ /ଦଲିଲ୍- "ଚାଲିଛି ନିକର" (ଲେଖକ-ଶ୍ରୀ ନନିଗୋପାଲ ପାଲିତ, ଜୀବନ-ବିଦ୍ୟାଳୟର ଛାତ୍ର, ପ୍ରକାଶକ - ଶିକ୍ଷା ସନ୍ଧାନ) ରେ ଜୀବନ-ବିଦ୍ୟାଳୟ କାହିଁକି ଓ କିପରି ନିଷ୍ପନ୍ଦ ପାଲଟିଗଲା ତାହାର କୋହ-ବିବରଣ ସନ୍ନିବେସିତ। କଟକ ଜେଲ୍‌ରେ ସ୍ୱାଧୀନତା ସଂଗ୍ରାମୀଙ୍କ ମେଳରେ ନିଜ ବ୍ରତକୁ ପଅଟାଇଥିବା ଚିତ୍ତରଂଜନ ଜୀବନ ବିଦ୍ୟାଳୟର ଉଭୟ ପରିଣତି ଓ ପଣତକୁ ଦେଖି ନିଶ୍ଚୟ ବିବ୍ରତ ହୋଇଥିବେ କି ନାହିଁ, ତାହା କିଏ ଅବା କହିବ ! ଏବେବି ଅଛନ୍ତି ଛାତ୍ର ଶ୍ରୀ ଶଶିଭୂଷଣ ପାଣିଗ୍ରାହୀ, ବୁର୍ଲା, ସମ୍ବଲପୁରରେ। କାଳ ଲମ୍ବି ଲମ୍ବି ଯାଉଥିବ । ଚିହ୍ନମାନ କେଜାଣି ହଜିଯିବେ! ଘେରାଏ ପୃଥିବୀର ପଣତରେ ଏଇ ଅମଳିନ ବିଦ୍ରୋହୀ ଆତ୍ମାଙ୍କୁ ହେଜିବାର ଅବସର ହାତଛଡ଼ା ନହେଉ। ହଁ, ଜୀବନ-ବିଦ୍ୟାଳୟରୁ ଆସିବାପରେ, ଚିତ୍ତରଂଜନ ସକାଳର ଘ୍ରାଣରେ ଆଗକୁ ପାଦ ବଢ଼ାଇଲେ, ବିଚ୍‌ପୁରୀ ଆଗ୍ରା ଗ୍ରାମୀଣ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଜୀବନର ଅୟମାରମ୍ଭ କଲେ। ସେତେବେଳର ଛାତ୍ର ଉତ୍ତରାଖଣ୍ଡର ଶ୍ରୀ ସଦନ ମିଶ୍ର, ଅଧ୍ୟାପକ ଶ୍ରୀ ରମେଶ ଘୋଡ଼େ (ନାଗପୁର) ଏବେବି ଏହି ପୁଣ୍ୟପ୍ଳୁତ ମଣିଷଙ୍କୁ କେତେ ଗଭୀର ଶ୍ରଦ୍ଧା-ନିବେଦନରେ ବିନୟାବନତ ହୋଇ ରହିଛନ୍ତି, ତାହା ଦେଖିଲେ ହିଁ ବିଶ୍ୱାସକରିହୁଏ। ଗଡ଼୍‌ୱାଲର ହାଟକଲ୍ୟାଣୀ ଗାଆଁରୁ ହିମାଳୟ ଦର୍ଶନର ଯାତ୍ରା ଶିଳାତୀର୍ଥରେ ପରିଣତ ହେଲା। ପାଦରେ ଚାଲି ଚାଲି ଶିଳାତୀର୍ଥର ନୟନାଭିରାମ ଅନୁଭୂତିର ପରାକାଷ୍ଠା। ଦୁଇଖଣ୍ଡ ପୁସ୍ତକରୁ ହିମାଳୟଦର୍ଶନ 'ଶିଳାତୀର୍ଥ'ର ସିନା ରୂପନେଲା ମାତ୍ର 'ଯମୁନେତ୍ରୀ'ର ଦର୍ଶନ ପୁସ୍ତକର ରୂପ ନେଇପାରିଲା ନାହିଁ। ଯମୁନେତ୍ରୀର ପାଣ୍ଡୁଲିପି ଓ ପ୍ରିୟ କ୍ୟାମେରା ଖଣ୍ଡକ କାହା ଲୋଭ ସମ୍ବରଣରେ କାଳ କାଳକୁ ଅତୀତ ହୋଇଗଲା। ଶିଳାତୀର୍ଥର ଉଲ୍ଲାସ ଓ ମହିମା ଯମୁନେତ୍ରୀ ଦର୍ଶନକୁ ଆଉ ଛୁଇଁ ପାରିଲା ନାହିଁ। ଘେରାଏ ପୃଥିବୀ ଓ ଅସରନ୍ତି ଅନୁଭୂତିର ଠୁଳ ସମ୍ମୋହନରୁ ବଞ୍ଚିତ ହେଲା କ୍ଷଣ କ୍ଷଣର ଜୀବନ। କ୍ଷଣ କ୍ଷଣର ଲୋଭନୀୟ ବିପଣିରୁ ଚିତ୍ତରଂଜନ ଆଖିଫେରାଇ ନେଇଥିଲେ । ମାତ୍ର ଯାହାକୁ ସେ ସାଉଁଟିନେଉଥିଲେ ତାହା କେବଳ ନିଜ ପାଇଁ ରଖିନଥିଲେ, ଆଉଜି ଦେଉଥିଲେ ଆଉ ଏକ ପୃଥିବୀର ଆତ୍ମାପାଇଁ । ସଂଗୃହୀତ ବିଭିନ୍ନ ଦେଶର ହଜାର ହଜାର ଡାକଟିକେଟକୁ ସେ କାହାକୁ ଦେବେ କାହାକୁ ଦେବେ ଖୋଜି ଖୋଜି - ଉଷାନଗରୀକୁ (ଅରୋଭିଲ) ଶେଷରେ ସମର୍ପି ଦେଇଗଲେ। ବିଶ୍ୱନୀଡ଼ମ୍‌ର ସଂପତ୍ତି ବିଶ୍ୱଅଙ୍ଗନର ସଂପତ୍ତି ପାଲଟିଗଲା। ମାଆ ହାରାମଣି ଦେବୀ ଓ ବାପା ଶ୍ରୀଯୁକ୍ତ ଖୋସାଲି ଚରଣ ଦାସଙ୍କ ଏଇ ପୁଅଟି ଯେଉଁଠିକୁ ଯାଉଥିଲେ ତାହାକୁ ଅସରନ୍ତି ଡୋରରେ ବାନ୍ଧି ରଖିଥିଲେ। ସେଥିପାଇଁ ବିଦେଶକୁ ଗଲାବେଳେ, ବାପା ବାଟେଇ ଦେବାକୁ ଆସି କହିଥିଲେ, "ତୁ ଫେରିଲା ବେଳକୁ ମୁଁ ଥିବିକି ନାହିଁ କିଏ କହିବରେ! ମାତ୍ର ପୃଥିବୀର ଯୁଆଡ଼କୁ ଯିବୁ ତୋତେ ପୁଅ କରିନେବାକୁ କେତେ କେତେ ବାପା ମାଆ ମିଳିଯିବେ"। ହଁ, ତାହାହିଁ ହେଲା-ଅଧୀର ଘେରାଏ ପୃଥିବୀର ଅସରନ୍ତି ମଣିଷ ପ୍ରିୟ ଚିତ୍ତଭାଇ। ଯେତେବେଳେ ହେଉ ଯେଉଁଠି ବି ହେଉ, ଠୋ'ଠୋ' ହୋଇ ନାଗି ଆସନ୍ତି ସଳଖ ଭାବରେ, ବଡ଼ ନିଦା ଭାବରେ। ଭିଡ଼ ଠେଲି ଆଗକୁ, ଆମେ ପଛରେ ଥିଲେ, ସେ ଆଡ଼ ହୋଇ ଅନାଇ ରହିଛନ୍ତି କି!

ବିଷମ କଟକ, ରାୟଗଡ

# ଗୁଡ଼ିର ମୃତ୍ୟୁ ଫାଶ ଓ ମାଞ୍ଜା ସୂତା

॥ ବାଦଲ ଭୂୟାଁ ॥

କଟକ ଜିଲ୍ଲାରେ ମାଞ୍ଜା ସୂତା ବ୍ୟବହାର ଓ ବିକ୍ରି ସମ୍ପୂର୍ଣ୍ଣ ନିଷେଦ୍ଧ କରାଯାଇଛି। ମାନ୍ୟବର ହାଇକୋର୍ଟଙ୍କ ଜାନୁଆରୀ ୯ ତାରିଖର କଡ଼ା ନିର୍ଦ୍ଦେଶ ପରେ କଟକର ଜିଲ୍ଲାପାଳ ବିଜ୍ଞପ୍ତି ଜାରି କରିଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି ଯେ ମାଞ୍ଜା ଦିଆଯାଇଥିବା ନାଇଲନ ବା ଅନ୍ୟ ସୂତା ତିଆରି, ବିକ୍ରି, ରଖିବା ଓ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ। ପଶୁ, ପକ୍ଷୀ ଓ ମଣିଷଙ୍କ ଜୀବନର ସୁରକ୍ଷାକୁ ଦୃଷ୍ଟିରେ ରଖି ପରିବେଶ ସୁରକ୍ଷା ଆଇନର ଧାରା ୫ ରେ ଏପରି ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ମାଞ୍ଜା ସୂତାରେ କଟି ନିକଟରେ କେତେକ ବ୍ୟକ୍ତି ଗୁରୁତର ଆହତ ହୋଇଥିବାବେଳେ ଅତୀତରେ କେତେକ ଘଟଣାରେ ଲୋକମାନଙ୍କ ଜୀବନ ଯାଇଛି। ମକର ସଂକ୍ରାନ୍ତି ଅବସରରେ ସବୁଆଡ଼େ ଗୁଡ଼ିର ମାହୋଲ ଦେଖାଯାଏ। ମକର ଯେତିକି ପାଖେଇ ପାଖେଇ ଆସେ ରାଜ୍ୟର ବିଭିନ୍ନ ସ୍ଥାନରେ ଗୁଡ଼ି ଉଡା ପର୍ବ ସେତିକି ଅଧିକରୁ ଅଧିକ ଦେଖିବାକୁ ମିଳେ। ବିଶେଷକରି ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଏହା ବିଶେଷ ଭାବରେ ପରିଲକ୍ଷିତ ହୁଏ। କଟକ ମହାନଗର କାଠଯୋଡ଼ି ବାଲିରେ ପ୍ରତିବର୍ଷ ଗୁଡ଼ି ଉଡା ପ୍ରତିଯୋଗିତା ଆୟୋଜିତ ହୋଇଥାଏ। ଏହାବାଦ ଛୋଟ ପିଲାଙ୍କ ଠାରୁ ବଡ଼ ପର୍ଯ୍ୟନ୍ତ ନିଜ ଘରର ଛାତ ଉପରେ ବସି ଉଡେଇବା ପାଇଁ ଅନେକ ଲୋକ ପସନ୍ଦ କରନ୍ତି। ଶୀତଋତୁ ଥିବାରୁ ପବନର ତୀବ୍ରତା ନଥାଏ ଏବଂ ଏହି ଅବସରରେ ଗୁଡ଼ି ଉଡାଇବା ବେଶ ଆମୋଦଦାୟକ ହୋଇଥାଏ। ଖାଲି ସେତିକି ନୁହେଁ, ଆକାଶରେ ଉଡୁଥିବା ଆଉ ଏକ ଗୁଡ଼ିକୁ କାଟି ଖସାଇ ଦେବା ପାଇଁ ଏକ ପ୍ରତିଯୋଗିତା ମଧ୍ୟ ଲାଗେ। ଏହି ପ୍ରତିଯୋଗିତା ବର୍ତ୍ତମାନ ଆତ୍ମଘାତୀ ପ୍ରତିଯୋଗିତାରେ ପରିଣତ ହୋଇଛି। ଗୁଡ଼ି ଉଡ଼େଇବା ପାଇଁ କୌଣସି ନୀତିନିୟମ କି କଟକଣା ନାହିଁ। କିନ୍ତୁ ଗୁଡ଼ି ଉଡାରେ ବ୍ୟବହୃତ ହେଉଥିବା ସୂତା ହେଉଛି ଏକ ଭୟଙ୍କର ଅସ୍ତ୍ର। ଏହି ସୂତା ଲାଗି ପୂର୍ବ ବର୍ଷମାନଙ୍କରେ ରାଜ୍ୟର ବିଭିନ୍ନ ସ୍ଥାନରେ ବହୁ ଜୀବନ ଯାଇଛି। ଯେଉଁମାନଙ୍କ ବୟସ ୧୫ରୁ ୨୨ ବର୍ଷ ଭିତରେ।

ଭଙ୍ଗାକାଚକୁ ଗୁଣ୍ଡ କରି ସୂତାରେ ଅଠା ଗୋଳାଇ ଏହି କାଚ ଗୁଣ୍ଡକୁ ଲଗାଇ ଅନ୍ୟର ଗୁଡ଼ି ଗୁଡ଼ିକୁ କାଟିବା ପାଇଁ ମାଞ୍ଜା ସୂତା ବ୍ୟବହାର କରାଯାଏ। ଏହି ଗୁଡ଼ିର ସୂତା ରାସ୍ତାରେ ଯାଉଥିବା ଲୋକଙ୍କ ଶରୀରରେ ବାଜିଲେ ତାକୁ କାଟି ପକାଏ ଏବଂ ପୂର୍ବ ବର୍ଷମାନଙ୍କରେ ଯେତିକି ଜୀବନ ଯାଇଛି ସେମାନଙ୍କ ସମସ୍ତଙ୍କର ବେକରେ ମାଞ୍ଜା ସୂତା ଲାଗି ତଣ୍ଟି କଟିଛି। ଏହି ମାଞ୍ଜା ସୂତାର ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ୨୦୧୬ ମସିହାରେ ଓଡ଼ିଶା ହାଇକୋର୍ଟରେ ଏକ ମାମଲା ଦାଏର ହୋଇଥିଲା ଏବଂ ମାନବ୍ୟର ଉଚ୍ଚ ନ୍ୟାୟଳୟ କଟକଣା ଲଗାଇଥିଲେ। ଖାଲି ସେତିକି ନୁହେଁ ରାଜ୍ୟ ସରକାରଙ୍କୁ ମାଞ୍ଜା ସୂତା ଉପରେ କଟକଣା ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୭ ମସିହାରେ ମାଞ୍ଜା ସୂତାର ପ୍ରସ୍ତୁତି ଏବଂ ବିକାକିଣା ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯାଇଥିଲା। ଏହାବାଦ ରାଜ୍ୟରେ ଗୁଡ଼ି ଉଡାଇବାରେ ଏହି ମାଞ୍ଜା ସୂତା ବ୍ୟବହାର ହେଉଛି। ବିଶେଷକରି ମକରପର୍ବ ପାଳନ ଅବସରରେ ଗୁଡ଼ି ଉଡା ଏକ ସଉକ ଭାବରେ ଲୋକେ ପାଳନ କରିଥାନ୍ତି। ତା ପୂର୍ବରୁ ରାଜ୍ୟ ସରକାର ବଜାରରେ ଚଢ଼ାଉ କରି ମାଞ୍ଜା ସୂତା ବିକ୍ରେତା, କ୍ରେତା ଏବଂ ପ୍ରସ୍ତୁତକର୍ତ୍ତା ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି। ରାସ୍ତାରେ ଯାତାୟତ କରୁଥିବା ସାଧାରଣ ନିରୀହ ଲୋକ ଏହି ମାଞ୍ଜା ସୂତାରେ ଆହତ କିମ୍ବା ମୃତ୍ୟୁବରଣ କରୁଛନ୍ତି। ତେଣୁ ଏ ପ୍ରକାରର ସୂତା ବ୍ୟବହାର କରି ଗୁଡ଼ି ଉଡାଉଥିବା ବ୍ୟକ୍ତିମାନଙ୍କୁ ମଧ ହତ୍ୟା ଷଡ଼ଯନ୍ତ୍ର ଅପରାଧରେ ଗିରଫ କରାଯିବା ଉଚିତ। ଏଭଳି ଏକ ପଦକ୍ଷେପ ନେବା ପାଇଁ ରାଜ୍ୟ ସରକାରଙ୍କୁ ଗାଇଡ୍‌ଲାଇନ ଆଣିବା ନିମିତ୍ତ ହାଇକୋର୍ଟରେ ଏକ ଜନସ୍ୱାର୍ଥ ସମ୍ବଳିତ ମାମଲା ପୂର୍ବରୁ ରୁଜୁ ହୋଇ ସାରିଥିବାରୁ, ଏଭଳି ଏକ ପ୍ରସଙ୍ଗକୁ ରାଜ୍ୟ ସରକାର ହାଲୁକା ଭାବେ ଗ୍ରହଣ କରିବା ଅନୁଚିତ। ଏହା ଏପରି ଏକ ଆତଙ୍କ ଯେ କେତେବେଳେ କାହାଠାରେ କାହାବେକରେ ଏହି ମାଞ୍ଜା ସୂତା ଲାଗିଯିବ ତାର କଳନା ମଧ କେହି କରିପାରିବେ ନାହିଁ। ଆକାଶରେ ବଜ୍ରପାତ ଭଳି ଆଖି ପିଛୁଳାକେ ମାଞ୍ଜା ସୂତା ଆସି ତଣ୍ଟି କାଟି ଚାଲିଯିବ। ତେଣୁ ଏ ପ୍ରକାରର ଏକ ଆମୋଦକୁ ଜନଗହଳି ଭିତରେ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରିବା ପାଇଁ ସରକାର ପଦକ୍ଷେପ ନେବା ଉଚିତ। ଜନଗହଳି ଅଞ୍ଚଳରେ ଯେତେ ଉଚ୍ଚର ଛାତ ହେଲେ ବି ଗୁଡ଼ି କଟିଗଲେ ତାର ସୂତା ତଳେ ପଡ଼ିବା ନିଶ୍ଚିତ ଏବଂ ଏହି ସୂତା କାହା ପାଇଁ ମୃତ୍ୟୁ ଦୂତ ସାଜିବ କେହି ବି ଆକଳନ କରିପାରିବେ ନାହିଁ। ଏ ଦୃଷ୍ଟିରୁ ଗୁଡ଼ି ଉଡାକୁ ମଧ କଟକଣା ଭିତରେ ରଖାଯିବା ଉଚିତ।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫

# ବେଆଇନ ଗୋରୁ ଚାଲାଣ ପଣ୍ଡ: ୨୪ ଗୋରୁ ଉଦ୍ଧାର, କଣ୍ଟେନର ଜବତ

ଦଶପଲ୍ଲା,(ମହାଭାରତ) :ଦଶପଲ୍ଲା ଥାନା ଅଞ୍ଚଳରେ ପୋଲିସକୁ ମିଳିଛି ଏକ ବଡ଼ ସଫଳତା। ଆଜି ଭୋର ସମୟରେ ଦଶପଲ୍ଲା ଥାନା ଅନ୍ତର୍ଗତ ପିଙ୍କି ଛକ ନିକଟରେ ଏକ ବଡ଼ ଧରଣର ବେଆଇନ ଗୋରୁ ଚାଲାଣ ଉଦ୍ୟମକୁ ପୋଲିସ ପଣ୍ଡ କରିଦେଇଛି। ଗୋଟିଏ କଣ୍ଟେନର ଭିତରୁ ୨୪ଟି ଗୋରୁଙ୍କୁ ଅତି ଶୋଚନୀୟ ଅବସ୍ଥାରେ ଉଦ୍ଧାର କରାଯାଇଥିବା ବେଳେ ଗାଡ଼ିକୁ ଜବତ କରାଯାଇଛି। ତେବେ ଅନ୍ଧାରର ସୁଯୋଗ ନେଇ ଗାଡ଼ିର ଡ୍ରାଇଭର ଓ ହେଲ୍ପର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ପୂର୍ବ ସୂଚନା ଆଧାରରେ ଦଶପଲ୍ଲା ପୋଲିସ ସନ୍ଦେହଜନକ ଯାନବାହନ ଉପରେ କଡ଼ା ନଜର ରଖିଥିଲା। ଭୋର ପ୍ରାୟ ୪ଟା ସମୟରେ ପିଙ୍କି ଛକ ଦେଇ ଯାଉଥିବା ଏକ କଣ୍ଟେନର ନଂ-ଔଜ ୬୯ ଇ ୭୫୫୭ କୁ ପୋଲିସ ଅଟକାଇଥିଲା। ଯାଞ୍ଚ ସମୟରେ ଗାଡ଼ି ଭିତରେ ଅସ୍ୱାଭାବିକ ଭାବେ ବନ୍ଧା ହୋଇ ରହିଥିବା ୨୪ଟି ଗୋରୁ ଦେଖିବାକୁ ମିଳିଥିଲା। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଗାଡ଼ିଟି ଗଣିଆ ରାସ୍ତା ଦେଇ ଆସୁଥିଲା ଏବଂ ଗୋରୁମାନଙ୍କୁ ବାହାର ରାଜ୍ୟକୁ ଚାଲାଣ କରାଯାଉଥିଲା।ଉଦ୍ଧାର ହୋଇଥିବା ସମସ୍ତ ୨୪ଟି ଗୋରୁଙ୍କୁ ପୋଲିସ ସୁରକ୍ଷିତ ଭାବେ ସ୍ଥାନୀୟ ଏକ ଗୋଶାଳାକୁ ପଠାଇ ଦେଇଛି।ଏହା ସହିତ ଗୋରୁ ଚାଲାଣରେ ବ୍ୟବହୃତ କଣ୍ଟେନରକୁ ଜବତ କରାଯାଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି।ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। କିଛି ଦିନ ପୂର୍ବରୁ କେତେକ ନିର୍ଦ୍ଦିଷ୍ଟ ଗଣମାଧ୍ୟମରେ ଦଶପଲ୍ଲା ଥାନା ଅଧିକାରୀ ବିନୟ ରଞ୍ଜନ ପରିଡାଙ୍କ ନାମକୁ ଗୋରୁ ମାଫିଆଙ୍କ ସହ ଯୋଡ଼ି ଭିତ୍ତିହୀନ ଖବର ପ୍ରକାଶ ପାଇଥିଲା। ମାତ୍ର ଆଜିର ଏହି ସଫଳ ଚଢ଼ାଉ ଏବଂ ଦୃଢ଼ କାର୍ଯ୍ୟାନୁଷ୍ଠାନ ପରେ ସେହି ସମସ୍ତ ଅଭିଯୋଗ ମିଛ ଓ ମନଗଢ଼ା ବୋଲି ପ୍ରମାଣିତ ହୋଇଛି। ପୋଲିସର ଏହି ତ୍ୱରିତ କାର୍ଯ୍ୟାନୁଷ୍ଠାନକୁ ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଶଂସା କରାଯାଇଛି। ଆଗକୁ ମଧ୍ୟ ଅବୈଧ ଗୋରୁ ଚାଲାଣ ବିରୋଧରେ ଏଭଳି କଡ଼ା ଆଭିମୁଖ୍ୟ ଜାରି ରହିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ ପାଇଛି।

# ଚାର୍ଜଶିଟର ବିଳମ୍ବ ଯୋଗୁଁ ଡକାୟତି ଅଭିଯୁକ୍ତଙ୍କୁ ଜାମିନ: ଉମରକୋଟ ପୋଲିସକୁ କୋର୍ଟର ତିରସ୍କାର

ଉମରକୋଟ (ମହାଭାରତ) ଉମରକୋଟରେ ଲଗାତାର ଚୋରି ଓ ଡକାୟତି ଘଟଣା ମଧ୍ୟରେ ପୋଲିସର ତଦନ୍ତ ଅବହେଳା ନେଇ ପୁଣି ପ୍ରଶ୍ନ ଉଠିଛି ଅସ୍ତ୍ରଧାରୀ ଡକାୟତି ମାମଲାରେ ଗିରଫ ତିନି ଅଭିଯୁକ୍ତଙ୍କୁ ପୋଲିସ ସଠିକ ସମୟରେ ଚାର୍ଜଶିଟ୍ ଦାଖଲ ନ କରିବାରୁ ଜାମିନ ମିଳିଛି।ଉମରକୋଟ ଥାନା କେସ୍ ନଂ-୩୭୯ (୨୫ ନଭେମ୍ବର ୨୦୨୫) ଅନୁଯାୟୀ, ବୁର୍ଜା ପ□ାୟତ ନିକଟ ଏକ ସିଏସସି କେନ୍ଦ୍ରରେ ତିନି ଜଣ ଅଜଣା ବ୍ୟକ୍ତି ଏକ ଧଳା ରଙ୍ଗର ମୋଟର ସାଇକେଲ ରେ ଆସି ବନ୍ଧୁକ ଦେଖାଇ ୭୦ ହଜାର ଟଙ୍କା ଲୁଟ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଉମରକୋଟ ପୋଲିସ ଦୟାନିଧି ଗଣ୍ଡା, ମଳୟ ଟାକିରି ଓ ଡମ୍ବରୁ ଭତ୍ରା ଗତ ଫେବୃଆରୀ ମାସ ୯ ତାରିଖରୁ ଗିରଫ ହୋଇ ଜେଲରେ ଥିଲେ।କିନ୍ତୁ ୯୦ ଦିନ ମଧ୍ୟରେ ଉମରକୋଟ ପୋଲିସ ଚାର୍ଜଶିଟ୍ ଦାଖଲ ନ କରିବାରୁ ଔଗରଉ ଉମରକୋଟ ଇଘ୫୫ ଧାରା ୧୮୭(୩) ଅନୁଯାୟୀ ସେମାନଙ୍କୁ ଡିଫଲ୍ଟ ଜାମିନ ଦେଇଛନ୍ତି। କୋର୍ଟ ତଦନ୍ତକାରୀ ଅଧିକାରୀ ଏସ୍ଆଇ ସଞ୍ଜୟ କୁମାର ମଣ୍ଡଳଙ୍କୁ ବିଳମ୍ବ ନେଇ ୨୨ ମେ ସୁଦ୍ଧା ସ୍ପଷ୍ଟୀକରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏଠି ପ୍ରଶ୍ନ ଉଠୁଛି ଅଭିଯୁକ୍ତଙ୍କୁ ଗିରଫ କରିବା ପରେ କାହିଁକି ଚାର୍ଜଶିଟ୍ ଦେବାରେ ଅବହେଳା କରୁଛି ପୋଲିସ . ଏହି ଘଟଣାରେ ଡକାୟତି ଅଭିଯୁକ୍ତଙ୍କୁ ଡିଫଲ୍ଟ ଜାମିନ ହେବା ପରେ ପୁଣି ନିର୍ଭୟରେ ଡକାୟତି ମାନେ ପୁଣି ଲୁଟ ପଟ ଆରମ୍ଭ କରିଦେବେ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି . ବର୍ତ୍ତମାନ ଉମରକୋଟ ସହରରେ ଚୋରି ଡକାୟତ ଘଟଣା ଦିନକୁ ଦିନ ଦେଖିବାକୁ ମିଳୁଛି ଏହି ଘଟଣା ଧୋଡ୍ରା ଓ ବେହେଡା ତାରିଣୀ ମନ୍ଦିରରେ ହୋଇଥିବା ଲଗାତାର ଚୋରି ପରେ ଉମରକୋଟ ପୋଲିସର କାର୍ଯ୍ୟକୁଶଳତାକୁ ନେଇ ପୁଣି ପ୍ରଶ୍ନ ଉଠାଇଛି।

# ଲାଞ୍ଜି ଠାରେ ଅନ୍ତର୍ଜାତୀୟ ଆର୍ଟ ଅଫ୍ ଗିଭିଙ୍ଗ ଉପଲକ୍ଷେ ସଚେତନତା ସଭା



ଲାଞ୍ଜିଗଡ଼,(ମହାଭାରତ):କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜି ଗ୍ରାମପଞ୍ଚାୟତ ଠାରେ କିଟ,କିସ ତରଫରୁ ଅନ୍ତର୍ଜାତୀୟ ଆର୍ଟ ଅଫ୍ ଗିଭିଙ୍ଗ ଉପଲକ୍ଷେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି।ସଂସ୍ଥାର ପ୍ରାଣ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ବିଛୁଟି ଗାମୀ ଯୁବ ପିଢ଼ିଙ୍କ ପାଇଁ ଆଜିର ଯୁଗରେ ଦେବାର କଳାକୁ ଗୁରୁତ୍ୱ ଦେବାରେ ପ୍ରୟାସ ଜାରି ରଖିଛନ୍ତି।ଦେବାରେ ଯେଉଁ ଆନନ୍ଦ ଥାଏ ପାଇବାରେ ତାହା ଆନନ୍ଦ ନ'ଥାଏ।ଅର୍ଥ ଲୋଭି ମଣିଷ ନେବା ସହିତ ଦେବା।ଦାନ ବଦଳରେ ପ୍ରତିଦାନ ପ୍ରଧାନ ଶିକ୍ଷା ପାଇଁ ଦୀର୍ଘ ୧୩ବର୍ଷ ନିରନ୍ତର ଭାବେ ପ୍ରୟାସ ଚଳାଇଛନ୍ତି।କିସ୍ ପୁରାତନ ଛାତ୍ର ସନାତନ ମାଝୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ୧୩ତମ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ କିସ୍ ଛାତ୍ରୀ ପଞ୍ଚୁ ମାଝୀ ଆର୍ଟ ଅଫ୍ ଗିଭିଙ୍ଗର ସମ୍ପୂର୍ଣ୍ଣ ବିବରଣୀ ପଠନ କରିଥିବାବେଳେ ଦଶମୀ ମାଝୀ ନିଜ ବିଷୟରେ ଉପସ୍ଥାପନା କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଆଦିବାସୀ କଲ୍ୟାଣ ମହାସଂଘ ସଭାପତି ପରମାନନ୍ଦ ମାଝୀ ଯୋଗଦେଇଥିବବେଳେ ସମ୍ମାନିତ ଅତିଥିଭାବେ ଲାଞ୍ଜି ପଞ୍ଚାୟତ ସରପଞ୍ଚ ଯମୁନା ମାଝୀ,ବେନଗାଁ ସରପଞ୍ଚ□ ପୁରାଣା ମାଝୀ,ସମାଜ ସେବୀ ତ୍ରିଲୋଚନ ପାଣିଗ୍ରାହୀ,କୈଳାଶ ମାଝୀ,ରାଶି ମାଝୀ ଜିପିଡିଓ ମ. ରାମପୁର,ପିଇଓ ଜୁନାଗଡ଼ ମୁକୁନ୍ଦ ଦୋରା,ଶଗଡ଼ା ପୂର୍ବତନ ସରପ□ ରୁକ୍ମଣୀ ମାଝୀ,ବିଦ୍ୟୁତ ବିଭାଗୀୟ ଯନ୍ତ୍ରୀ ଉପେନ୍ଦ୍ର ମାଝୀ,ତେନ୍ତୁଳିପଙ୍ଗା ପ୍ରଧାନ ଶିକ୍ଷକ ମନୋଜ କୁମାର ଧଙ୍ଗଡ଼ାମାଝୀ ପ୍ରମୁଖ ମଞ୍ଚାସିନ ରହିଥିବାବେଳେ ଉକ୍ତ କାର୍ଯ୍ୟକ୍ରମରେ କିସ୍ ଓ କିଟର ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ଥାନୀୟ ବୃଦ୍ଧବୃଦ୍ଧାଙ୍କୁ ଛତା ଓ ଛାତ୍ରଛାତ୍ରୀଙ୍କୁ ପାଠ୍ୟକ୍ରମ ସାମଗ୍ରୀ ବଣ୍ଟନ କରାଯାଇଥିଲା।ଏଥିରେ ଜୟନ୍ତ ମାଝୀ ଓ ଝସକେତନ ମାଝୀ ମଞ୍ଚ ପରିଚାଳନା କରିଥିବାବେଳେ ସୁରେନ୍ଦ୍ର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।ଏହି କାର୍ଯ୍ୟକ୍ରମରେ ଡମ୍ବରୁ ମାଝୀ, ସହଦେବ ମାଝୀ ଓ କିସ୍ ଓ କୀଟ୍ ର ଅନେକ ପୁରାତନ ଛାତ୍ରଛାତ୍ରୀ ପ୍ରମୁଖ ବିଶେଷ ସହଯୋଗ କରିଥିଲେ।

## ବେପରୁଆ ଅପରାଧୀ ଗଡୁଛି ମୁଣ୍ଡ

# ଆଠ ବର୍ଷ ହେଲା ଗର୍ଜିନି ପୁଲିସ ବନ୍ଧୁକ, ୨୦୧୮ ଜୁଲାଇରେ ଚଗଲାକୁ ଶେଷ ଏନକାଉଣ୍ଟର




ନୟାଗଡ, ( ମହାଭାରତ ) : ଉତ୍ତରପ୍ରଦେଶ ଓ ବିହାର ଭଳି ଅପରାଧପ୍ରବଣ ପାଲଟିଲାଣି ନୟାଗଡ଼। ଗତ ୧୫ ଦିନରେ ନୟାଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଘଟିଥିବା ଅପରାଧକୁ ଦୃଷ୍ଟିକୁ ନେଲେ ଏପରି ଚର୍ଚ୍ଚା ହେଉଛି। ବିଶେଷ କରି କୁଖ୍ୟାତ ଅପରାଧୀଙ୍କ ମଧ୍ୟରେ ଭୟ ସୃଷ୍ଟି କରିବା ପାଇଁ କରାଯାଉଥିବା ଏନକାଉଣ୍ଟର ଆଉ ଦେଖିବାକୁ ମିଳୁନି। ସତେ ଯେମିତି ଜିଲ୍ଲା ପୁଲିସ ଏନକାଉଣ୍ଟର କରିବା ଭୁଲି ଯାଇଛି। ନଚେତ ବିଭିନ୍ନ କାରଣରୁ ପୁଲିସ ହାତ ବାନ୍ଧି ହୋଇଯାଇଥିବା ଚର୍ଚ୍ଚା ଚାଲିଛି। ମିଳିଥିବା ସୂଚନା ମୁତାବକ, ତତ୍କାଳୀନ ଏସ୍ପି ଆଶିଷ ସିଂହଙ୍କ ସମୟରେ ଆଠ ବର୍ଷ ତଳେ ୨୦୧୮ରେ ପୁଲିସ ଲଗାତାର ଭାବେ ଏନକାଉଣ୍ଟର୍ କରି ଚର୍ଚ୍ଚାକୁ ଆସିଥିଲା। ସେହି ବର୍ଷ ୫ ରୁ ଅଧିକ ଏନକାଉଣ୍ଟର୍ ଦେଖି ଅପରାଧୀ ମାନଙ୍କ ମଧ୍ୟରେ ପୁଲିସ ଛନକା ପଶିଯାଇଥିଲା। ଦୁଇ କୁଖ୍ୟାତ ଅପରାଧୀ କାବୁଲି ଖାନ୍ ଓ ବାବୁଲି ମଲ୍ଲିକ ଓରଫ୍ ଚଗଲାକୁ ହୋଇଥିବା ଏନକାଉ□ର୍ କୁ ନେଇ ଜୋରଦାର ଚର୍ଚ୍ଚା ହୋଇଥିଲା। ୨୦୧୮ ଜୁନ୍ ୩ ତାରିଖ ରବିବାର ବିଳମ୍ବିତ ରାତିରେ କୁଖ୍ୟାତ ଅପରାଧୀ କାବୁଲି କୁ ସୋଲପଟା-ଦରପଦା ରାସ୍ତାରେ ନୟାଗଡ଼ ଟାଉନ୍ ଥାନା ପୁଲିସ ଏନକାଉଣ୍ଟର୍ କରିଥିଲା। ପୁଲିସ ତା' ନିକଟରୁ ଗୋଟିଏ ଦେଶୀ ବନ୍ଧୁକ ଓ ପାଞ୍ଚଟି ଗୁଳି ଜବତ କରିଥିଲା। ନୟାଗଡ଼ ଓ ଏହାର ଆଖପାଖ ଜିଲ୍ଲାରେ କାବୁଲି ନାଁରେ ୨୦ରୁ ଅଧିକ ମାମଲା ଥିବା ପୁଲିସ ସ୍ପଷ୍ଟ କରିଥିଲା। ଏହାର ଠିକ୍ ମାସକ ପରେ ଜୁଲାଇ ୪ ରେ ପୁଲିସ କୁଖ୍ୟାତ ଅପରାଧୀ ଟିଟୋର ଜଣେ ସହଯୋଗୀ ଚଗଲାକୁ ଏନକାଉଣ୍ଟର୍ କରିଥିଲା। ରଣପୁର ଥାନା ଅଞ୍ଚଳରେ ଥିବା ଏକ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ୍ ଲୁଟ୍ ମାମଲାରେ ଚଗଲାର ସମ୍ପୃକ୍ତି ରହିଥିଲା। କଟକ, ପୁରୀ, ନୟାଗଡ଼, କେନ୍ଦ୍ରାପଡ଼ା ଓ ରାଜ୍ୟର ଅନ୍ୟ ଜିଲ୍ଲାର ବିଭିନ୍ନ ଥାନାରେ ଚଗଲା ନାଁରେ ୫୦ରୁ ଅଧିକ ମାମଲା ରହିଥିଲା। ଜୁଲାଇ ୫ରେ ସଦର ଥାନା ପୁଲିସ ସ୍ଥାନୀୟ ନବଘନପୁର ଗାଁରେ ଚଗଲା ଓ ତା'ର ସହଯୋଗୀ ମାନେ ଥିବା ଖବର ପାଇ ଚଢ଼ଉ କରିଥିଲା। ପୁଲିସ ସହ ହୋଇଥିବା ମୁହାଁମୁହିଁରେ ଚଗଲାର ଦୁଇଟି ଗୋଡ଼ରେ ପୁଲିସ ଗୁଳି ଲାଗିଥିଲା। ତାକୁ ଗୁରୁତର ଅବସ୍ଥାରେ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଏସ୍ସିବିକୁ ସ୍ଥାନାନ୍ତର କରାଯାଇଥିଲା। ଏହାପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଏନକାଉଣ୍ଟର କୁ ନେଇ ଜିଲ୍ଲା ପୁଲିସ ସେତେବେଳେ ବିବାଦ ଘେରକୁ ଆସିଥିବା ବେଳେ ମାନବାଧିକାର କମିସନ୍ ଏହାର ତଦନ୍ତ କରିଥିଲେ। ଏହାପରେ ସେତେ ଯେମିତି ଆଉ ଏନକାଉଣ୍ଟର୍ କରିବାକୁ ପୁଲିସ ହାତ ଯାଉନି। ଦୁର୍ବଳତାର ସୁଯୋଗ ନେଇ ଜିଲ୍ଲାରେ ଅପରାଧୀ ମାନେ ସେମାନଙ୍କ ପ୍ରଭାବ ବିସ୍ତାର କରି ଚାଲିଛନ୍ତି। ଖଣି କାରବାରକୁ ନେଇ ମୁଣ୍ଡ ପରେ ମୁଣ୍ଡ ଗଡ଼ିବାରେ ଲାଗିଛି। ଓଡ଼ଗାଁ ଥାନା ଅଧୀନରେ ଘଟିଥିବା ହତ୍ୟାକାଣ୍ଡରେ ପୁଲିସ ଏବେ ବି ସମସ୍ତ ଅପରାଧୀଙ୍କ ଗିରଫ କରି ନଥିବା ବେଳେ ରଣପୁରରେ ଆଉ ଏକ ହତ୍ୟାକାଣ୍ଡ ଘଟିଛି। ଗଣିଆରୁ ଜବତ ହୋଇଥିବା ଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତଦେହକୁ ନେଇ ପୁଲିସ ଏପର୍ଯ୍ୟନ୍ତ କିଛି ବି ସ୍ପଷ୍ଟ କରିପାରୁ ନାହିଁ। ଏହାକୁ ତାଳ ଦେଇ ଜିଲ୍ଲାରେ ଚୋରି, ଡକାୟତି, ରାହାଜାନି ମଧ୍ୟରେ ବୃଦ୍ଧି ପାଇବାରେ ଲାଗିଛି। ଡିଜି ୱାଇ.ବି ଖୁରାନିଆ ଖୋଲା ଖୋଲି ଭାବେ ଅପରାଧୀ ମାନଙ୍କୁ ଆଉ ତ୍ରାହି ନାହିଁ ବୋଲି କହିଛନ୍ତି। ଏଣୁ ଜିଲ୍ଲା ପୁଲିସ ଏହାକୁ କେତେ ଦୂର ଗ୍ରହଣ କରୁଛି, ଏହା ଉପରେ ସମସ୍ତଙ୍କ ନଜର ରହିଛି।

# ଟାକରା ପଞ୍ଚାୟତରେ ପାରମ୍ପରିକ ଔଷଧୀୟ ଜ୍ଞାନମେଳା



ଦଶପଲ୍ଲା,: ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଟାକରା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ 'ପାରମ୍ପରିକ ଔଷଧୀୟ ଜ୍ଞାନମେଳା' ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଜୈବ ବିବିଧତା ବୋର୍ଡ଼ (ଭୁବନେଶ୍ୱର) ଆନୁକୂଲ୍ୟରେ ଏବଂ ସ୍ଥାନୀୟ ଜୈବ ବିବିଧତା ପରିଚାଳନା କମିଟି, ନୟାଗଡ଼ ବନଖଣ୍ଡ ଓ 'ପାହାଡ଼' ସଂସ୍ଥାର ସହଯୋଗରେ ଏହି ମେଳା ଆୟୋଜିତ ହୋଇଥିଲା।ଏହି ମେଳାରେ ୫୦ରୁ ଅଧିକ ଷ୍ଟଲ୍ ଜରିଆରେ ବିଭିନ୍ନ ଚେରମୂଳି, ଆୟୁର୍ବେଦ ଔଷଧ ଓ ପାରମ୍ପରିକ ଚିକିତ୍ସା ପ୍ରଣାଳୀର ପ୍ରଦର୍ଶନ କରାଯାଇଥିଲା। ହଜିଯାଉଥିବା ବୈଦ୍ୟ ଶାସ୍ତ୍ରକୁ ପୁନର୍ଜୀବିତ କରିବା ସହ ଘରୋଇ ଉପଚାର ଓ ଔଷଧୀୟ ବୃକ୍ଷ ମାଧ୍ୟମରେ ପ୍ରାଥମିକ ଚିକିତ୍ସା ବିଷୟରେ ଲୋକଙ୍କୁ ସଚେତନ କରିବା ଏହାର ମୁଖ୍ୟ ଲକ୍ଷ୍ୟ ଥିଲା। ଏହି କାର୍ଯ୍ୟକ୍ରମକୁ ଏସ.ଡ଼ି.ଏଫ.ଓ. ଆଇଶା ଅଲଚତରୀ ନିଶା ଉଦ୍ଘାଟନ କରିଥିବା ବେଳେ ଟାକରା ବିଏମସି ସଭାପତି ପ୍ରଶାନ୍ତ କୁମାର ସାହୁ, 'ପାହାଡ଼' ସଂସ୍ଥାର ନିର୍ଦ୍ଦେଶକ ପଞ୍ଚାନନ ମିଶ୍ର, ଦଶପଲ୍ଲା ରେଞ୍ଜର ଶ୍ରୀନିବାସ ଦାସ ଏବଂ ବନପାଳ ରାକେଶ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଆଜିକାଲିର ଜୀବନଶୈଳୀରେ ପାର୍ଶ୍ୱ ପ୍ରତିକ୍ରିୟାମୁକ୍ତ ପାରମ୍ପରିକ ଚିକିତ୍ସାର ଆବଶ୍ୟକତା ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

## ସହର ରେ ଦିନକୁ ଦିନ ତାପ୍ର ମାତ୍ର ବୃଦ୍ଧି

# ଯାତ୍ରୀ ଙ୍କ ସକାଶେ ନାହିଁ ବିଶ୍ରାମ ଗାର



ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଛି। ସହରକୁ ପୁର ପଲ୍ଲୀ ରୁ ଲୋକେ ସହର କୁ ଆସନ୍ତି ନିଜର କାମ ସକାଶେ। ସହର ରେ ଥିବା ହାଇସ୍କୁଲ ଛ କ ଠାରେ ନାହିଁ ବିଶ୍ରାମ ଗାର ଟି ଦିନ ଥିଲା ଏଠାରେ ବିଶ୍ରାମ ଗାର ଟି ଥିଲା ଲୋକେ ବିଶ୍ରାମ ଗାର ଠାରେ ରହିଛିତ୍ର ଛାତ୍ରୀ ନିଜ ଗ୍ରାମକୁ ଯାଉ ଥିଲେ।ବସରେ ବସି କିମ୍ବା ଅଟୋ ରେ ବସି। ବର୍ତ୍ତମାନ୍ ସେଠାରେ ଆ ଉ ବିଶ୍ରାମ ଗାର ନାହ। ଭାଙ୍ଗି ଯାଇଛି। ଯାହା ଫଳ ରେ ଯାତ୍ରୀ ଛାତ୍ର ଛାତ୍ରୀ ଜନସାଧାରଣ ଅସୁବିଧା ସମ୍ମୁଖୀନ ହେଉଛନ୍ତି।ପୌର ପରିଷଦ ଏଥି ପ୍ରତି ଦୃଷ୍ଟି ଦେଲେ ଜନସାଧାରଣ ଉପକୃତ ହେବେ।

# ହାତୀ ଆକ୍ରମଣରେ ମାଈ ବାଛୁରୀ ମୃତ

ନୂଆଗାଁ (ମହାଭାରତ ) : ନୟାଗଡ଼ ଜିଲ୍ଲା ବନଖଣ୍ଡ ଅନ୍ତର୍ଗତ ମହୀପୁର ବନାଞ୍ଚଳ ମହୀତମା ଓ ଗୁମି ବନପାଳ ଅଧୀନରେ ଥିବା ଶିମିଳିସାହି ଖେଳ ପଡ଼ିଆ ନିକଟରେ କାଜୁ ବଗିଚାରେ ହାତୀ ଆକ୍ରମଣରେ ମାଈ ବାଛୁରୀ ମୃତ୍ୟୁ ହୋଇଥିବା ଦେଖିବାକୁ ମିଳିଛି।ଦିନକୁ ଦିନ ହାତୀ ମାନଙ୍କ ଉପଦ୍ରବ ବଢୁଥିବାରୁ ଏଭଳି ଅଘଟଣ ଘଟିଥିବା ଜଣାପଡ଼ିଛି ।ସୂଚନା ଥାଉକି ରବିବାର ସନ୍ଧ୍ୟା ୭ ଘଟିକା ସମୟରେ ଏହି ଘଟଣା ଘଟିଥିବା ଆଜି ସ୍ଥାନୀୟ ଲୋକଙ୍କ ଠାରୁ ଶୁଣିବାକୁ ମିଳିଛି। ଲୋକଙ୍କ କହିବା ଅନୁଯାୟୀ ରବିବାର ସନ୍ଧ୍ୟା ପୂର୍ବରୁ କିଛି ଗାଈ ଓ ମାଈ ବାଛୁରୀ କାଜୁ ବଗିଚାରେ ଘାସ ଚରୁଥିବାର ଦେଖିଥିଲେ।ଠିକ ସନ୍ଧ୍ୟା ୫. ୩୦ ରେ ଅଚାନକ ବର୍ଷା ହୋଇଥିଲା ଯାହାଫଳରେ ଗାଈ ବାଛୁରୀ ଘରକୁ ଫେରି ନଥିଲେ ।ଯେହେତୁ ଗାଁ ନିକଟରେ କାଜୁ ବଗିଚା ସେଥି ପାଇଁ ରହି ଯାଇଥିଲେ।ସେତିକି ବେଳେ ସନ୍ଧ୍ୟା ୭ ଘଟିକା ହେବ ପାଲଭା ଜଙ୍ଗଲରୁ ଦଳେ ହାତୀ ପଲହ ଗାଁ ମୁହାଁ ହୋଇ ନିକଟରେ ଥିବା କାଜୁ ବଗିଚାରେ ପଶି ଗଛ ଭାଙ୍ଗିବା ସହ ସେଠାରେ ଥିବା ଗାଈ ଓ ବାଛୁରୀ ଙ୍କୁ ମାରିବାକୁ ଗୋଡ଼ାଇ ଥିଲେ। ଗାଈ ଟି ନିଜ ଗୁହାଳକୁ ଦୌଡିକି ଯାଇଥିବା ବେଳେ କିନ୍ତୁ ମାଈ ବାଛୁରୀକୁ ୨ ରୁ ୩ ମାସ ହୋଇଥିବାରୁ ନିଜ ମା ସାଙ୍ଗରେ ଦୌଡ଼ି କି ଯାଇ ପାରିନଥିଲା।ଫଳରେ ମାଈ ବାଛୁରୀଟି ହାତୀ ଙ୍କ ହାବୁଡ଼ରେ ପଡି ଯାଇଥିଲା ହାତୀଟି ତା ଶୁଣ୍ଢରେ ମାଈ ବାଛୁରୀର ଲାଞ୍ଜକୁ ଧରି ବୁଲେଇ ବୁଲେଇ କଚାଡି ମାରି ଦେଇଥିଲା।ସୋମବାର ସକାଳୁ କିଛି ଲୋକ କାଜୁ ଫଳ ତୋଳିବା ପାଇଁ ବଗିଚାକୁ ଯାଇଥିବା ବେଳେ ମାଈ ବାଛୁରୀ ମୃତ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ।ଖବର ପ୍ରସାରଣ କରିବା ପାଇଁ ସ୍ଥାନୀୟ ଯୁବ ସାମ୍ବାଦିକ ଦିଲ୍ଲିପ କୁମାର ଜାନି ଙ୍କୁ ଫୋନ ଯୋଗେ କହିଥିଲେ।ସାମ୍ବାଦିକ ଜଣଙ୍କ ଘଟଣାସ୍ଥଳରେ ପହଞ୍ଚି ସଙ୍ଗେ ସଙ୍ଗେ ଗୁମି ଓ ମହୀତମା ବନପାଳ ଏବଂ ନୂଆଗାଁ ମଣ୍ଡଳ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରି ହାତୀ ଆକ୍ରମଣରେ ମାଈ ବାଛୁରୀଟି ମୃତ୍ୟୁ ହୋଇ କାଜୁ ବଗିଚାରେ ପଡ଼ିଥିବା ଜଣାଇଥିଲେ। ଖବର ପାଇ ନୂଆଗାଁ ମଣ୍ଡଳ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସୁଭାଶିଷ ମହାପାତ୍ର,ପ୍ରାଣୀ ଚିକିତ୍ସକ ଡାକ୍ତର ପ୍ରିୟଙ୍କା ପ୍ରିୟଦର୍ଶିନୀ ସ୍ୱାଇଁ, ପ୍ରାଣୀ ଧନ ନିରୀକ୍ଷକ ସୁଶାନ୍ତ କୁମାର କହଁର,ଆଟେନା□ ଶ୍ରୀ ଜିତେନ୍ଦ୍ର କୁମାର ବେହେରା,ପ୍ରାଣୀ ମିତ୍ର ଶ୍ରୀମତୀ ମମିତା ଜାନି ଏବଂ ଗୁମି ବନପାଳ ପବିତ୍ର ପରିଡ଼ା,ବନରକ୍ଷୀ ବିଶ୍ୱଜିତ ଦେହୁରୀ ଓ ମହୀତମା ବନପାଳ ମୀନକେତନ ନାୟକ, ଖାଲମଡ଼ା ବିଟ ବନରକ୍ଷୀ ଅର୍ଦ୍ଧେନ୍ଦୁ ପରିଡ଼ା ସମେତ ବନ ସୁରକ୍ଷା କର୍ମୀ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଥିଲେ।ଆଗାମୀ ଦିନରେ ହାତୀ ଆକ୍ରମଣରେ ଯେପରି ଅଘଟଣ ନ ଘଟୁ ସେଥି ପାଇଁ ରାତ୍ରିରେ କଡାକଡି ଭାବେ ପେଟ୍ରୋଲିଂ କରିବାକୁ ବନପାଳ ଙ୍କୁ ସ୍ଥାନୀୟ ଲୋକେ କହିଛନ୍ତି।

# ନୟାଗଡ ବ୍ଲକ୍ ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଲା ବିଜେଡି




ନୟାଗଡ, ( ମହାଭାରତ ) : ନୟାଗଡ଼ ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପାଇଁ ନୟାଗଡ଼ ଉପ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଛି ବିଜେଡି। ନୟାଗଡ଼ ବ୍ଲକର ବିଭିନ୍ନ ପଞ୍ଚାୟତର ବିଜେଡି ସମର୍ଥିତ ସମିତି ସଭ୍ୟ ଏବଂ ସରପ□ ଅନାସ୍ଥା ସପକ୍ଷରେ ଦସ୍ତଖତ ଦେଉଛନ୍ତି। ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ନିର୍ଦ୍ଦେଶରେ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁଙ୍କ ବିରୋଧରେ ଏକାଠି ହୋଇ ଅନାସ୍ଥା ପାଇଁ ଦାବି କରିଛନ୍ତି ୪୫ ଜଣ ସମିତି ସଭ୍ୟ ଏବଂ ସରପଞ୍ଚ। ସେମାନଙ୍କର ଦସ୍ତଖତ ଉପ ଜିଲ୍ଲାପାଳଙ୍କ ପାଖରେ ପ୍ରଦାନ କରିଛନ୍ତି। ଏହା ପୂର୍ବରୁ ସମିତି ସଭ୍ୟ ଏବଂ ସରପଞ୍ଚ ମାନେ ବିଜେଡି ପାର୍ଟି ଅଫିସରେ ଏକାଠି ହୋଇଛି ବିଜେଡି ଦଳ କର୍ମୀ ଏବଂ ନେତାଙ୍କ ମିଶି ଏକାଠି ହୋଇ ବ୍ଲକ ଅଧ୍ୟକ୍ଷ କିଶୋର ସାହୁଙ୍କ ବିରୋଧରେ ଅନାସ୍ଥା ପାଇଁ ଦାବି କରିଛନ୍ତି। ନିକଟରେ ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ବିଜେଡି ଛାଡି ବିଜେପି ରେ ସାମିଲ ହୋଇଛନ୍ତି। କିଶୋରଙ୍କୁ ଅଧ୍ୟକ୍ଷ ପଦରୁ ଗାଦିଚ୍ୟୁତ କରିବା ପାଇଁ ବିଜେଡି ପକ୍ଷରୁ ଅନାସ୍ଥା ରଣନୀତି ପ୍ରସ୍ତୁତ କରାଯାଇଛି। ଏହାକୁ ନେଇ ନୟାଗଡ଼ରେ ରାଜନୀତି ସରଗରମ ହୋଇଛି। ସେପଟେ ଅନାସ୍ଥା ସପକ୍ଷରେ ୪୫ ଜଣ ସମିତି ସଭ୍ୟ ଏବଂ ସରପଞ୍ଚ ଆବେଦନ ପତ୍ରରେ ଦସ୍ତଖତ ଦେଇଥିବା ବେଳେ ଉପ ଜିଲ୍ଲାପାଳ ଙ୍କୁ ଦାବି ପତ୍ର ଦେଇଛନ୍ତି। ନୟାଗଡ଼ ବ୍ଲକ ଉପାଧ୍ୟକ୍ଷ ତାଙ୍କ ସହ ଉପସ୍ଥିତ ଥିଲେ ବିଜେଡିର ତିନି ଜଣ ଜିଲ୍ଲା ପରିଷଦ ସଭ୍ୟ ଏବଂ ଦୁଇ ଜଣ ସରପଞ୍ଚ। ସେପଟେ ଉପ ଜିଲ୍ଲାପାଳ କହିଛନ୍ତି ଅନାସ୍ଥା ପାଇଁ ଦାବି ପତ୍ର ମିଳିଛି। ଦସ୍ତଖତ ଯାଞ୍ଚ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଅନାସ୍ଥା ପାଇଁ ବଢିଲା ନୟାଗଡ଼ ବ୍ଲକ୍ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁଙ୍କ ପାଇଁ ଅଡୁଆ। ବିଜେଡି ଛାଡି ସେ ବିଜେପି ରେ ମିଶିବା ପରେ ନୟାଗଡ଼ ରାଜନୀତି ସରଗରମ ହୋଇଛି। କିଶୋରଙ୍କୁ ଅଧ୍ୟକ୍ଷ ପଦରୁ ଗାଦିଚ୍ୟୁତ କରିବା ପାଇଁ ଅନାସ୍ଥା ମାଧ୍ୟମରେ ମାଷ୍ଟର ଷ୍ଟ୍ରୋକ ଖେଳିଛନ୍ତି ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ। ନୟାଗଡ଼ ବ୍ଲକର ୨୯ ଟି ପଞ୍ଚାୟତର ୪୫ ଜଣ ବିଜେଡ଼ି ସମର୍ଥିତ ସମିତି ସଭ୍ୟ ଏବଂ ସରପଞ୍ଚଙ୍କୁ ଏକାଠି କରି ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁଙ୍କ ବିରୋଧରେ ଅନାସ୍ଥା ପାଇଁ ଦାବି କରିଛନ୍ତି। ବିଜେଡି ପାର୍ଟି ଅଫିସରେ ବିଧାୟକ ଅରୁଣ କୁମାର ସାହୁ ଙ୍କ ଉପସ୍ଥିତିରେ ୪୫ ଜଣ ସମିତି ସଭ୍ୟ ଏବଂ ସରପଞ୍ଚ ଅନାସ୍ଥା ସପକ୍ଷରେ ଦସ୍ତଖତ ଦେଇଛନ୍ତି। ଆଉ ବୈଠକରେ ପାରିତ ହୋଇଛି ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ। ଆଜି ନୟାଗଡ଼ ବ୍ଲକ ଉପାଧ୍ୟକ୍ଷ ୪୫ ଜଣ ସମିତି ସଭ୍ୟ ଏବଂ ସରପଞ୍ଚଙ୍କ ଦସ୍ତଖତ ନେଇ ଉପ ଜିଲ୍ଲାପାଳଙ୍କ ପାଖରେ ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ଭୋଟ ପାଇଁ ଦାବି କରିଛନ୍ତି।ତାଙ୍କ ସହ ଥିଲେ ତିନି ଜଣ ଜିଲ୍ଲା ପରିଷଦ ସଭ୍ୟ ସୁବାସ କଅଁର, ସରୋଜ ରଣସିଂହ ଏବଂ କ୍ଷୀରୋଦ ମହାପାତ୍ର। ସେହିପରି ଦୁଇ ଜଣ ସରପଞ୍ଚ ବାଲୁଗାଁ ପଞ୍ଚାୟତ ର ସରପଞ୍ଚ ମନୋଜ କୁମାର ନାୟକ ଏବଂ ନୋତର ପଞ୍ଚାୟତ ର ଦେବାଶିଷ ଦଳେଇ ମଧ୍ୟ ଉପସ୍ଥିତ ଥିଲେ। ସେମାନେ ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପାଇଁ ଚାରି ଦଫା ଦାବି ପତ୍ର ଦେଇଛନ୍ତି। ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁଙ୍କର ମନମୁଖୀ କାର୍ଯ୍ୟ ଓ ବେଆଇନ ପଞ୍ଚାୟତ ସମିତି ପରିଚାଳନାକୁ ବିରୋଧରେ। ଅନାସ୍ଥା ର ପ୍ରଥମ ଦାବି : ଅଧ୍ୟକ୍ଷ ପଞ୍ଚାୟତ ସମିତି ଆଇନ ଅନୁସାରେ ପଞ୍ଚାୟତ ସମିତିର ନିୟମିତ ସଭା ଆୟୋଜନ କରନ୍ତି ନାହିଁ। ଦ୍ୱିତୀୟ ଦାବି : ପଞ୍ଚାୟତ ସମିତିର ସରକାରୀ ଅର୍ଥ ବିନିଯୋଗ କରିବାରେ ଅସମର୍ଥ। ତୃତୀୟ ଦାବି : ଅଧ୍ୟକ୍ଷଙ୍କ କାର୍ଯ୍ୟକଳାପ ଲୋକାଭୀମୁଖି କାର୍ଯ୍ୟକଳାପ ବିରୁଦ୍ଧାଚରଣ କରୁଛି। ଚତୁର୍ଥ ଦାବି : ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ପ୍ରସ୍ତାବ ଦେଇ ଆସୁଥିଲେ ମଧ୍ୟ ଅଧ୍ୟକ୍ଷ ନିଜର ମନମୁଖୀ ଶାସନ ଚଳାଇ ତାହାକୁ କାର୍ଯ୍ୟକାରୀ କରୁନାହାନ୍ତି। ତେଣୁ ସମିତିର ନିୟମ ଅନୁଯାୟୀ ଏକ ତୃତୀୟାଂଶରୁ ଅଧିକା ସଭ୍ୟସଭ୍ୟା ଅଧ୍ୟକ୍ଷଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଭୋଟ ପାଇଁ ଆବେଦନ କରାଯାଇଥିବା ନୟାଗଡ଼ ବ୍ଲକ ଉପାଧ୍ୟକ୍ଷ କହିଛନ୍ତି। ନୟାଗଡ଼ ବ୍ଲକ୍ ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପାଇଁ ଆବେଦନ ପରେ ବିଜେଡି ଶିବିର ଉତ୍ସାହିତ ହୋଇଛି। ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ବିଜେଡି ଛାଡି ବିଜେପିରେ ମିଶିବା ପରେ ବିଧାୟକ ଅରୁଣ କୁମାର ସାହୁ ବିଜେପିକୁ ଚେକ୍ ଦେବା ପାଇଁ ଅନାସ୍ଥା ମଧ୍ୟରେ ସମସ୍ତ ବିଜେଡି ନେତା ଏବଂ କର୍ମୀଙ୍କୁ ଏକାଠି କରି ବଳ ଦେଖାଇଛନ୍ତି। ଏବଂ ମେସେଜ ଦେଇ ଜଣାଛନ୍ତି ନୟାଗଡ଼ରେ ବିଜେଡ଼ି ମଜଭୁତ ରହିଛି। କିଶୋର ବିଜେଡି ଦଳ ଛାଡିବା ପରେ ତାଙ୍କ ସାଥିରେ କେହିଁ ନାହାଁନ୍ତି। ସେ ଏକା ବିଜେପି କୁ ଯାଇଛନ୍ତି। ଅନାସ୍ଥା ଭୋଟ ହେଲେ କିଶୋର ଅଧ୍ୟକ୍ଷ ପଦ ହରାଇବା ସୁନିଶ୍ଚିତ ବୋଲି ବିଜେଡି ପକ୍ଷରୁ ଦାବି କରାଯାଇଛି। ସେପଟେ ଏହି ଘଟଣାରେ ବିଜେଡି କୁ ବିଜେପି ର କଡା କାଉଣ୍ଟର କରିଛି। ନୟାଗଡ଼ ବିଧାୟକଙ୍କ ଶଙ୍ଖ କ୍ୟାମ୍ପ ଦୁର୍ବଳ ହେଉଛି। ଅନାସ୍ଥା ପ୍ରସ୍ତାବ ନେଇ ଏହା ତାଙ୍କର ତୁଚ୍ଛା ନାଟକ। ଅନାସ୍ଥା ପାଇଁ ଦସ୍ତଖତ ଦେଇଥିବା ଅଧାରୁ ଅଧିକ ଫଲ୍ସ ଦସ୍ତଖତ ଥିବା କହିଛି ବିଜେପି। ଅନାସ୍ଥା ପ୍ରସ୍ତାବ ରେ ଦସ୍ତଖତ କରିଥିବା ଅଧାରୁ ଅଧିକ ସରପଞ୍ଚଏବଂ ସମିତି ସଭ୍ୟ ଏବେ ବିଜେପି ଶିବିରରେ ରହିଛନ୍ତି। ଅନାସ୍ଥା କାଟଖାଇ ଯିବ ବୋଲି ବିଜେପି ପକ୍ଷରୁ କୁହାଯାଇଛି। ଅନାସ୍ଥା ପାଇଁ ବିଜେଡି ପାଖରେ ଆବଶ୍ୟକ ଠାରୁ ଅଧିକ ଭୋଟ ଥାଇ ମଧ ଅମାନତ ହାରିବ ବୋଲି ବିଜେପି ପକ୍ଷରୁ କୁହାଯାଇଛି। ୨୯ଟି ପଞ୍ଚାୟତକୁ ନେଇ ନୟାଗଡ଼ ବ୍ଲକ୍ ଗଠିତ।ସମିତି ସଭ୍ୟ ଓ ସରପଞ୍ଚଙ୍କୁ ମିଶାଇଲେ ମୋଟ୍ ସଂଖ୍ୟା ୫୮ ରହିଛି। ଏଥିସହ ସ୍ଥାନୀୟ ବିଧାୟକ ଓ ସାଂସଦଙ୍କୁ ମିଶାଇଲେ ମୋଟ୍ ୬୦ଟି ଭୋଟ୍ ହେଉଛି। କିଶୋର ଙ୍କୁ ଅନାସ୍ଥା ରେ ହଟାଇବା ପାଇଁ ମୋଟ୍ ଭୋଟର ଦୁଇ ତୃତୀୟାଂଶ ଅର୍ଥାତ ୪୧ ଜଣଙ୍କ ଭୋଟ୍ ଆବଶ୍ୟକ ରହିଛି। ଯେହେତୁ ଅନାସ୍ଥା ସପକ୍ଷରେ ୪୫ ଜଣ ସଦସ୍ୟ ଦସ୍ତଖତ କରିଛନ୍ତି ତେଣୁ ନୟାଗଡ଼ ବ୍ଲକ୍ କିଶୋର ଚନ୍ଦ୍ର ସାହୁଙ୍କ ପାଇଁ ଅଡୁଆ ବଢିଛି। କିଶୋର ଅଧ୍ୟକ୍ଷ ପଦ ହରାଇବା ନେଇ ଚର୍ଚ୍ଚା ଜୋର ଧରିଛି। ସେପଟେ ବିଜେପି ହାତରେ ନୟାଗଡ଼ ବ୍ଲକ ଅଧ୍ୟକ୍ଷଙ୍କୁ ମିଶାଇ ୧୫ଜଣ ସମିତି ସଭ୍ୟ ଏବଂ ସରପଞ୍ଚ ରହିଥିବା ବେଳେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁଙ୍କ ହାତରେ ୪୫ ଜଣ ରହିଛନ୍ତି। ଅରୁଣଙ୍କ ଗେମ୍ ପ୍ଲାନକୁ ବି ଭଣ୍ଡୁର କରିବା ପାଇଁ ବିଜେପି ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ପ୍ରାଣ ମୂର୍ଚ୍ଛା ଉଦ୍ୟମ କରୁଥିବା ଜଣା ପଡିଛି। ସେପଟେ ଉପ ଜିଲ୍ଲାପାଳ କହିଛନ୍ତି ଅନାସ୍ଥା ପାଇଁ ଆସିଥିବା ଆବେଦନର ଦସ୍ତଖତ ଯାଞ୍ଚ କରାଯିବ। ଏହା ପରେ ପଞ୍ଚୟତ ଆଇନ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନିଆଯିବ। ପଞ୍ଚାୟତ ନିର୍ବାଚନ ପୂର୍ବରୁ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଙ୍କ ହାତରୁ ବିଜେପି ନୟାଗଡ଼ ବ୍ଲକ୍ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁଙ୍କୁ ଛଡେଇ ନେଇ ବଳ ଦେଖାଇଛନ୍ତି। ସେପଟେ ବିଜେଡି ଛାଡି ବିଜେପି ରେ କିଶୋର ସାମିଲ ହେବା ପରେ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଛି ବିଜେଡି।

## ଦଶପଲ୍ଲା ବ୍ଲକରେ ଜନଶୁଣାଣି ଶିବିର



ଦଶପଲ୍ଲା,(ମହାଭାରତ): ଦଶପଲ୍ଲା ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଦିନ ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଇତ୍ୟବସରରେ ଜିଲ୍ଲାପାଳ ମଧୁମିତା ରଥ ବିଭିନ୍ନ ଅଭିଯୋଗର ଜନ ଶୁଣାଣି କରିଥିଲେ ସମୁଦାୟ ୮୪ ଅଭିଯୋଗ ପତ୍ର ବିଚାର ପାଇଁ ଆସିଥିଲା। ସେଥିମଧ୍ୟରୁ ୬୧ଟି ବ୍ୟକ୍ତିଗତ, ୧୮ଟି ଗ୍ରାମ ସମସ୍ୟା ଓ ୫ ଟି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ରହିଥିଲା । ତନ୍ମଧ୍ୟରୁ ୨୧ଟି ଅଭିଯୋଗର ତତକ୍ଷଣାତ ଫଇସଲା ସହିତ ଅନ୍ୟ ଅଭିଯୋଗ ଗୁଡିକ ବିଭିନ୍ନ ବିଭାଗକୁ ପଠାଯିବା ସହିତ ତୁରନ୍ତ ବିଚାର କରି ସଫଳତା ପ୍ରଦାନ ନିମନ୍ତେ ବିଭିନ୍ନ ବିଭାଗର ଅଧିକାରୀ ମାନଂକୁ ନିର୍ଦ୍ଦେଶ ଦିଆଯାଇଥିଲା। ଜନଶୁଣାଣି ଶିବିରରେ ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଏସପି ଏସ୍. ସୁଶ୍ରୀ, ଆଡିଶନାଲ ଏସ ପି ଜ୍ୟୋତିରଞ୍ଜନ ସାମନ୍ତରାୟ,ଏଡିଏମ ରୋଜିନା ଦାସ, ତହସିଲଦାର ସ୍ମୃତି ରଞ୍ଜନ ଶତପଥୀ, ବିଡିଓ ଶରତ କୁମାର ମଲିକ, ଥାନା ଅଧିକାରୀ ବିନୟ ରଞ୍ଜନ ପରିଡାଙ୍କ ସମେତ ଜିଲ୍ଲା ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ବିଧାୟକ ପବିତ୍ର ସାଉଁନ୍ତାଙ୍କ ଉଦ୍ୟମରେ ଲକ୍ଷ୍ମୀପୁର ଡିଗ୍ରୀ କଲେଜ ପାଇଁ ୪.୫୫ କୋଟିର ବଡ ଅନୁଦାନ

ଲକ୍ଷ୍ମୀପୁର,(ମହାଭାରତ) :କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ଉଚ୍ଚ ଶିକ୍ଷା କ୍ଷେତ୍ରରେ ଏକ ବଡ ସଫଳତା ଆଣିଛନ୍ତି ଲକ୍ଷ୍ମୀପୁର ବିଧାୟକ ଶ୍ରୀ ପବିତ୍ର ସାଉଁନ୍ତା । ତାଙ୍କର ଦୃଢ ଇଚ୍ଛାଶକ୍ତି, ନିରନ୍ତର ପ୍ରୟାସ ଓ ଉଚ୍ଚ ଶିକ୍ଷା ବିଭାଗ ନିକଟରେ ଲଗାତାର ଦାବି ଉଠାଇବାର ପରିଣାମ ସ୍ୱରୂପ ଲକ୍ଷ୍ମୀପୁର ଡିଗ୍ରୀ କଲେଜର ଭିତ୍ତିଭୂମି ଉନ୍ନୟନ ପାଇଁ ମୋଟ ୪,୫୫,୬୮,୫୯୨/- ଟଙ୍କା ମଞ୍ଜୁର ହୋଇଛି । ଏହି ଖବର ପ୍ରକାଶ ପାଇବା ପରେ ସମଗ୍ର ଅଞ୍ଚଳରେ ଖୁସିର ମାହୋଲ ସୃଷ୍ଟି ହୋଇଛି । ଦୀର୍ଘ ଦିନ ଧରି କଲେଜରେ ଆବଶ୍ୟକ ଭିତ୍ତିଭୂମିର ଅଭାବ ରହିଥିବା ବେଳେ, ବିଧାୟକ ଶ୍ରୀ ପବିତ୍ର ସାଉଁନ୍ତା ଏହି ସମସ୍ୟାକୁ ଗୁରୁତ୍ୱର ସହ ନେଇ ମାନ୍ୟବର ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କୁ ଚିଠି ମାଧ୍ୟମରେ ଦାବି ଜଣାଇଥିଲେ । ତାଙ୍କର ସକ୍ରିୟ ହସ୍ତକ୍ଷେପ ଓ ନିରନ୍ତର ଅନୁସରଣ ଫଳରେ ଏତେ ବଡ ଅନୁଦାନ ମଞ୍ଜୁର ହେବାକୁ ସମ୍ଭବ ହୋଇଛି ବୋଲି ସ୍ଥାନୀୟ ମହଲରେ ଚର୍ଚ୍ଚା ହେଉଛି ।ଏହି ଅନୁଦାନରେ କଲେଜ ପାଇଁ ୩ଟି ଅତିରିକ୍ତ ଶ୍ରେଣୀଗୃହ, ଛାତ୍ରୀମାନଙ୍କ ପାଇଁ ପୃଥକ ପାଇଖାନା, ମହିଳା ଅଧ୍ୟାପିକାଙ୍କ ପାଇଁ ପାଇଖାନା, ଛାତ୍ରୀ ବାସ ଓ ଭିନ୍ନକ୍ଷମଙ୍କ ପାଇଁ ଅନୁକୂଳ ଶୌଚାଳୟ ନିର୍ମାଣ କାର୍ଯ୍ୟ କରାଯିବ । ଏହା କାର୍ଯ୍ୟକାରୀ ହେଲେ କଲେଜର ଶିକ୍ଷା ପରିବେଶ ଆଧୁନିକ ଓ ସୁବିଧାଜନକ ହେବା ସହ ଗ୍ରାମା□ଳର ଛାତ୍ରଛାତ୍ରୀ ମାନେ ବହୁତ ଉପକୃତ ହେବେ । ବିଶେଷ କରି ଛାତ୍ରୀମାନଙ୍କ ସୁରକ୍ଷା, ରହିବା ସୁବିଧା ଓ ମହିଳାମୁଖୀ ଭିତ୍ତିଭୂମି ଉପରେ ବିଧାୟକଙ୍କ ଗୁରୁତ୍ୱ ଦେବାକୁ ଅଞ୍ଚଳବାସୀ ଭୁୟସୀ ପ୍ରଶଂସା କରୁଛନ୍ତି । ଶିକ୍ଷା କ୍ଷେତ୍ରରେ ଲକ୍ଷ୍ମୀପୁରକୁ ଆଗକୁ ନେବା ପାଇଁ ବିଧାୟକ ଶ୍ରୀ ପବିତ୍ର ସାଉଁନ୍ତାଙ୍କ ଏହି ପଦକ୍ଷେପକୁ ଏକ ଐତିହାସିକ ଓ ଦୂରଦର୍ଶୀ ନିଷ୍ପତ୍ତି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଯେଉଁ କାମ ବର୍ଷ ବର୍ଷ ଧରି ଅଟକି ରହିଥିଲା, ତାହାକୁ ଲକ୍ଷ୍ମୀପୁର ବିଧାୟକ ଶ୍ରୀ ଯୁକ୍ତ ସାଉଁନ୍ତା ଅତ୍ୟନ୍ତ ସ୍ୱଳ୍ପ ସମୟ ମଧ୍ୟରେ ସଫଳ କରି ଦେଖାଇଛନ୍ତି । ଏହାକୁ ନେଇ ଛାତ୍ରଛାତ୍ରୀ, ଅଭିଭାବକ ଓ ସାଧାରଣ ଲୋକଙ୍କ ମଧ୍ୟରେ ବିଧାୟକଙ୍କ ପ୍ରତି କୃତଜ୍ଞତା ଓ ଆସ୍ଥା ଆହୁରି ବଢ଼ିଥିବା ଦେଖିବାକୁ ମିଳୁଛି ।

## ଶ୍ରୀ ମକାତୋଟା ମୂର୍ତ୍ୟ୍ୟଲ୍ୟୁ ମାଆଙ୍କ ଠାକୁରାଣୀ ଯାତ୍ରା ଅନୁଷ୍ଠିତ



ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ତେଲୁଗୁ ଶୁଣ୍ଡି ସାହିରେ ଥିବା ଶ୍ରୀ ମକା ତୋଟା ମୂର୍ତ୍ୟାଲ୍ୟୁ ମାଆ ଙ୍କ ଠାକୁରାଣୀ ଯାତ୍ରା ଅନୁଷ୍ଠିତ ।ଏହି ଯାତ୍ରା ପ୍ରାୟ ୧୨୫ ବର୍ଷ ହେଲା ଅନୁଷ୍ଠିତ ହେଉଅଛି ।ଦୁଇ ବର୍ଷକୁ ଥରେ ଏହି ଠାକୁରାଣୀଙ୍କ ଯାତ୍ରା ହୁଏ। ୧୭ ତାରିଖ ଠାରୁ ଆରମ୍ଭ ହୋଇ ୧୯ ତାରିଖ ରେ ଉଦଯାପିତ ହେବ। ପ୍ରତିଦିନ ବିଭିନ୍ନ ବାଦ୍ୟ ବଜ୍ ଣା ବଜାଇ ମାଆ ଙ୍କର ଘଟ ସହର ପରିକ୍ରମା କରାଯିବ ।ଏହି କାର୍ଯ୍ୟକ୍ରମ ପୁଜା କମିଟି ଓ ସାହି ବାସିନ୍ଦା ଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ହେଉଅଛି।

## ଶ୍ରୀ ଭେଙ୍କଟେଶ୍ୱର ସ୍ନାତକ ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀଙ୍କ କୃତିତ୍ୱ

କାଶୀନଗର(ମହହାଭାରତ): କାଶୀନଗର ସ୍ଥିତ ଶ୍ରୀ ଭେଙ୍କଟେଶ୍ୱର ସ୍ନାତକ ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନେ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ ଦ୍ୱାରା ଆୟୋଜିତ ପରୀକ୍ଷା ରେ କୃତିତ୍ୱ ହାସଲ କରି ଶ୍ରେଷ୍ଠ ୧୦ ଟି ସ୍ଥାନ ରେ ରହି କଲେଜ ତଥା କାଶୀନଗର ବ୍ଲକ ପାଇଁ ଗୌରବ ଆଣି ଥିବା ଜଣା ଯାଇଛି। ଭୂଗୋଳ ବିଭାଗ ରୁ ଅନେଶ୍ୱର ନାଇକା ଓ  ବିଭାଗ ରୁ ସ. ଭବାନୀ,ତୁଳସୀ ରାମ ନାୟକ,ତୁଷାର କାନ୍ତ ପଣ୍ଡା,ମହାପାତ୍ର ଶ୍ରୀଧର,ସନ୍ତୋଷ କୁମାର ଗୌଡ, ଜିଶିରିଲ ଶବର ପ୍ରମୁଖ କୃତିତ୍ୱ ହାସଲ କରିଛନ୍ତି। ଛାତ୍ର ଛାତ୍ରୀ ଙ୍କ ସଫଳତା ପଛରେ କଲେଜ ଅଧକ୍ଷ ଶ୍ରୀଯୁକ୍ତ ଦୀପ୍ତି ରଞ୍ଜନ ପଟନାୟକ ଙ୍କ ସହ ଓଞ୍ଚ ଅଧ୍ୟାପକ ରୋକମ୍ ରାଜେଶ କୁମାର ଓ ଭୂଗୋଳ ଅଧ୍ୟାପକ ଗୋପାଳ ଶବର ଙ୍କ ବିଶେଷ ଅବଦାନ ରହି ଥିବା କଲେଜ ପକ୍ଷ ରୁ ପ୍ରକାଶ କରା ଯାଇଛି।

## ଗଣିଆରେ କାଳବୈଶାଖୀ ବିଭୀଷିକା
## ବଜ୍ରପାତରେ ନାବାଳିକା ମୃତ, ମା’ ଓ ଶିଶୁ କନ୍ୟା ଆହତ

ଗଣିଆ, (ମହାଭାରତ):ଗଣିଆ ବ୍ଲକ ବଡ଼ମୂଳ ଗ୍ରାମରେ ରବିବାର ଅପରାହ୍ନରେ କାଳବୈଶାଖୀ ଜନିତ ବଜ୍ରପାତରେ ଜଣେ ୧୭ ବର୍ଷୀୟା ନାବାଳିକାଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ମା’ ଓ ଅନ୍ୟ ଜଣେ ୮ ବର୍ଷର ଶିଶୁ କନ୍ୟା ଗୁରୁତର ଆହତ ହୋଇଛନ୍ତି। ମୃତ ନାବାଳିକା ଜଣକ ହେଲେ ବଡ଼ମୂଳ ଗ୍ରାମର ସୁରେଶ ସାହୁଙ୍କ ଝିଅ ସୁଭଦ୍ରା ସାହୁ (୧୭)। ସୂଚନା ମୁତାବକ,ରବିବାର ଅପରାହ୍ନରେ ହଠାତ ପାଗ ପରିବର୍ତ୍ତନ ହେବା ସହ କାଳବୈଶାଖୀ ଝଡ଼ତୋଫାନ ଆରମ୍ଭ ହୋଇଥିଲା। ଏହି ସମୟରେ ସୁଭଦ୍ରା ଓ ତାଙ୍କ ମା’ ସୁଲୋଚନା ସାହୁ ଘର ବାଡ଼ିରେ ଥିବା ଆମ୍ବ ଗଛ ମୂଳରୁ ଆମ୍ବ ଗୋଟାଉଥିଲେ। ତେବେ ହଠାତ ପ୍ରବଳ ଘଡ଼ଘଡ଼ି ସହ ବଜ୍ରପାତ ହୋଇଥିଲା।ବଜ୍ରପାତର ତୀବ୍ର ଝଟକାରେ ସୁଭଦ୍ରାଙ୍କର ସେଠାରେ ହିଁ ପ୍ରାଣବାୟୁ ଉଡ଼ିଯାଇଥିଲା। ଏଥିସହିତ ତାଙ୍କ ମା’ ସୁଲୋଚନା ଏବଂ ନିକଟରେ ଥିବା ବିଶ୍ୱନାଥ ସାହୁଙ୍କ ୮ ବର୍ଷର ଝିଅ ଶ୍ରଦ୍ଧାଞ୍ଜଳି ସାହୁ ମଧ୍ୟ ବଜ୍ରଘାତରେ ଗୁରୁତର ଭାବେ ଆହତ ହୋଇ ସେଠାରେ ପଡ଼ି ରହିଥିଲେ। ଘଟଣା ପରେ ସ୍ଥାନୀୟ ଲୋକେ ଆହତମାନଙ୍କୁ ତୁରନ୍ତ ଡାକ୍ତରଖାନା ସ୍ଥାନାନ୍ତର କରିବା ପାଇଁ ଜରୁରୀକାଳୀନ ଆମ୍ବୁଲାନ୍ସ ସେବାକୁ ଯୋଗାଯୋଗ କରିଥିଲେ ମଧ୍ୟ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚି ପାରି ନଥିଲା। ଲକ୍ଷ୍ମୀ ବସ ର ମହାନତା ହେତୁ ଲକ୍ଷ୍ମୀ ବସ ରେ ଆହତ ମାନଙ୍କୁ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆଣିଥିଲେ । ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲା ଗ୍ରାମବାସୀମାନେ ସେହି ରୁଟ୍ରେ ଚାଲୁଥିବା ଏକ ସରକାରୀ ବସ ସାହାଯ୍ୟରେ ହିଁ ମୃତ ସୁଭଦ୍ରା, ମା’ ସୁଲୋଚନା ଓ ଶିଶୁ କନ୍ୟା ଶ୍ରଦ୍ଧାଞ୍ଜଳିଙ୍କୁ ତୁରନ୍ତ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ସୁଭଦ୍ରାଙ୍କୁ ‘ମୃତ’ ଘୋଷଣା କରିଥିବା ବେଳେ ଗୁରୁତର ଥିବା ମା’ ଓ ଶିଶୁ କନ୍ୟାଙ୍କର ଚିକିତ୍ସା ଜାରି ରହିଛି। ଏ ନେଇ ତହସିଲଦାର ଙ୍କୁ ଯୋଗାଯୋଗ କରିଥିଲେ ହେଁ ଫୋନ୍ ଉଠାଇ ନଥିଲେ।

## ଚରିପିଢ଼ ଭୂୟାଁ ମହାସମାଜର ସମ୍ମିଳନୀ
## ଯୁବ ସମାଜ ନିଶାରୁ ଦୂରେଇ ରହିବାକୁ ଆହ୍ୱାନ

ଯୋଡା, (ମହାଭାରତ) ଯୋଡା ବ୍ଲକ୍ ଅନ୍ତର୍ଗତ ପଳସା ପଞ୍ଚାୟତ ଉଚ୍ଚବାଲି ଠାରେ ରବିବାର ଚରିପିଢ଼ ଭୂୟାଁ ମହାସମାଜ ଓ ବାମେବାରୀ ପାଞ୍ଚନାୟିକା ଭୂୟାଁପିଢ଼ ପକ୍ଷରୁ ତୃତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସଭା ପୂର୍ବରୁ ବିପ୍ଳବୀ ଧରଣୀଧରଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଅତିଥି ମାନଙ୍କୁ ସ୍ୱାଗତ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଚରିପିଢ଼ ଭୂୟାଁ ମହାସମାଜର ସଭାପତି ତଥା ଯୋଡା ବ୍ଲକ୍ ଅଧ୍ୟକ୍ଷ କବୀନ୍ଦ୍ର ନାଏକ, ଚରିପିଢ଼ ଭୂୟାଁ ମହାସମାଜ ସମ୍ପାଦକ ମଧୁସୂଦନ ନାଏକ,ମୁଖ୍ୟବକ୍ତା ଭାବେ ଚରିପିଢ଼ ଭୂୟାଁ ସମାଜ ଉପଦେଷ୍ଟା ତଥା ଯୋଡା ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ଗିରିଧାରୀ ନାଏକ, ଚରିପିଢ଼ ଭୂୟାଁ ସମାଜ ଉପଦେଷ୍ଟା ପ୍ରଫୁଲ୍ଲ ନାଏକ, ଶୁକଦେବ ନାଏକ, କୋଷାଧ୍ୟକ୍ଷ ତ୍ରିବିକ୍ରମ ନାଏକ,ଭୂୟାଁ ସାଂସ୍କୃତିକ ସଂଗଠନ ସମ୍ପାଦକ ରାମ ନାଏକ,୨୭ ନମ୍ବର ଜିଲ୍ଲା ପରିଷଦ ସୁକୁମାରୀ ଦେହୁରୀ,ସମ୍ମାନିତ ଅତିଥି ଭାବେ ବିଧାଧର ନାଏକ, କାଳକୂଳ ପିଢ଼ ସମ୍ପାଦକ ଭାସ୍କର ନାଏକ, ସଭାପତି ଭରତ ନାଏକ, ଗୁଆଲୀ ସମିତି ସଭ୍ୟା ବିମଳା ନାଏକ, ଚମକପୁର ପୂର୍ବତନ ସରପ□ ପ୍ରଭାକର ନାଏକ, ବାଂଶପାଳ ବ୍ଲକ୍ ଅଧ୍ୟକ୍ଷ ମାନସ କୁମାର ଦେହୁରୀ, ଭୂୟାଁ ସାଂସ୍କୃତିକ ସଂଗଠନ ସମ୍ପାଦକ ଶ୍ୟାମ ସୁନ୍ଦର ନାଏକ, ଅବସରପ୍ରାପ୍ତ ଶିକ୍ଷକ ଗୋପୀନାଥ ନାଏକ, ଯୋଡ଼ା ବ୍ଲକ୍ ୨୮ ନମ୍ବର ପୂର୍ବତନ ଜିଲ୍ଲାପରିଷଦ ବୀର ନାଏକ, ପୂର୍ବତନ ଜିଲ୍ଲା ପରିଷଦ ବାସୁଦେବ ନାଏକ,ଓଡ଼ିଶା ଭୂୟାଁ ମହାସମାଜ କାର୍ଯ୍ୟକାରୀ ସଭାପତି ସଞ୍ଜୟ ଶେଖର ଗିରି, ଭୂୟାଁ ସାଂସ୍କୃତିକ ସଂଗଠନ ସଭାପତି ହରି ଶଙ୍କର ନାଏକ, ପାଞ୍ଚଶହ ଖଣ୍ଡା ସୁନ୍ଦରଗଡ ସଭାପତି ଭାରତ ଚନ୍ଦ୍ର ନାଏକ, ଝୁମ୍ପୁରା ବ୍ଲକ ଗୁମୁରା ଗ୍ରାମ ପଞ୍ଚାୟତ ସରପଞ୍ଚ ତପନ କୁମାର ନାଏକ, ପାଞ୍ଚ ନାୟିକା ପିଢ଼ ସଭାପତି ସୁକଦେବ ନାଏକ, କାଳକୂଳ ସଭାପତି ମନୋଜ କୁମାର ମହାପାତ୍ର, ଚରିଦେହୁରୀ ପିଢ଼ ସଭାପତି ବଳରାମ ନାଏକ,ଚରିଦେହୁରୀ ପିଢ଼ ସମ୍ପାଦକ ପଦ୍ମଚରଣ ନାଏକ, ଭୂୟାଁ ସମାଜ ସଚେତକ କୈଳାସ ଚନ୍ଦ୍ର ନାଏକ, ନୟାଗଡ଼ ଦଣ୍ଡପାଟ ପାଞ୍ଚମଡ଼ା ସମ୍ପାଦକ ଉଗ୍ରସେନ ନାଏକ, ବଳଦା ସରପଞ୍ଚ ବରୁଣ ନାଏକ, ପୂର୍ବତନ ସରପ□ ରବୀନ୍ଦ୍ର ନାଏକ, ଜଜାଙ୍ଗ ପୂର୍ବତନ ସରପ□ ରୁକ୍ମଣି ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ‌ୟ ବିପ୍ଳବୀ ଧରଣୀଧର ଭୂୟାଁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭୂୟାଁ ସମାଜର ଉନ୍ନତି ସହିତ ଜିଲ୍ଲାର ସବୁ ବର୍ଗର ଲୋକଙ୍କ ଉନ୍ନତି ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ କେନ୍ଦୁଝର ଯାଦବ ମହାସଭା ସମିତି ପକ୍ଷରୁ ଯୋଡା ବ୍ଲକ ଅଧ୍ୟକ୍ଷ ତଥା ଚରିପିଢ଼ ଭୂୟାଁ ମହା ସମାଜର ସଭାପତି କବୀନ୍ଦ୍ର ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ସମିତି ପକ୍ଷରୁ ପ୍ରଫୁଲ୍ଲ ପ୍ରଧାନ, ଅକ୍ଷୟ ଦାସ, ପ୍ରସନ୍ନ ଦାସ, ମାର୍କଣ୍ଡ ଗିରି ଉପସ୍ଥିତ ରହି ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ କବୀନ୍ଦ୍ର ନାଏକ କହିଥିଲେ ଯେ,ଭୂୟାଁ ଜାତି ଏକ ଲଢୁଆ ଜାତି । କେନ୍ଦୁଝର ଜିଲ୍ଲାରେ ସ୍ୱାଧୀନତା ପୂର୍ବରୁ ଏହି ଜାତିର ଦାୟଦ ଭାବରେ ବିପ୍ଳବୀ ଧରଣୀଧର ନାଏକ ଓ ରତନା ନାଏକ ଅନ୍ୟାୟ ବିରୋଧରେ ଲଢ଼େଇ କରି ଏ ଜାତି ପାଇଁ ଗୌରବ ରଖିଛନ୍ତି। ତାଙ୍କର ଦାୟଦ ଭାବେ ଭୂୟାଁ ସମାଜ ସମସ୍ତେ ସଂଗଠିତ ହୋଇ ସମାଜର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ରାଜନୀତି, ଅର୍ଥନୀତି କ୍ଷେତ୍ରରେ ବିକାଶ କରିବା ପାଇଁ ସମସ୍ତେ ଆଗେଇ ଆସିବାୟ ପରିବାରର ବାପା ମା ମାନେ ନିଜର ପିଲା ମାନଙ୍କୁ କିପରି ଉଚ୍ଚ ଶିକ୍ଷିତ କରାଇ ପିଲା ମାନଙ୍କର ଭବିଷ୍ୟତ ଗଠନ କରିବା ଦିଗରେ ଏକ ନୂତନ ଜାଗରଣ ସୃଷ୍ଟି କରିବା ଏଥିପାଇଁ ସମସ୍ତଙ୍କର ଇଚ୍ଛାଶକ୍ତି , ଆଗ୍ରହ ଓ ସଚେତନତା ।

## ନେତାଜୀ ସୁବାଷ ବୋଷ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ
## ଗଣଧାରଣାରେ ବସିଲେ ଛାତ୍ରଛାତ୍ରୀ ଓ ଅଭିଭାବକ

ଦଶପଲ୍ଲା,(ମହାଭାରତ): ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ବାଣିଗୋଛା ନେତାଜୀ ସୁବାଷ ବୋଷ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଓ ଅଧ୍ୟକ୍ଷଙ୍କ ମନମୁଖୀ କାର୍ଯ୍ୟକଳାପକୁ ବିରୋଧ କରି ସ୍ଥାନୀୟ ଜନସାଧାରଣ, ଛାତ୍ରଛାତ୍ରୀ ଏବଂ ଅଭିଭାବକମାନେ ଗଣଧାରଣାରେ ବସି ତୀବ୍ର ପ୍ରତିବାଦ କରିଛନ୍ତି ।ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ତୀବ୍ର ରୂପ ଧାରଣ କରିଛି। ପ୍ରତିବାଦକାରୀମାନଙ୍କ ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟରେ ପାଠପଢ଼ା ବ୍ୟବସ୍ଥା ଧ୍ୱସ୍ତ ହୋଇପଡ଼ିଥିବା ବେଳେ ଶିକ୍ଷକ ଅଭାବ, ଅନିୟମିତ ପରିଚାଳନା ଏବଂ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପ୍ରତି ଚରମ ଅବହେଳା କରାଯାଉଛି। ଏହାସହ ପରିଚାଳନା କମିଟିର ସଭାପତି ଓ ଅଧ୍ୟକ୍ଷଙ୍କ ଅସୌଜନ୍ୟମୂଳକ ବ୍ୟବହାରକୁ ନେଇ ମଧ୍ୟ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘ ଦିନ ଧରି ଏହି ଅନିୟମିତତା ଚାଲିଆସୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ଦୃଢ଼ ପଦକ୍ଷେପ ନିଆଯାଇ ନଥିବାରୁ ଏବେ ଏହା ଗଣଆନ୍ଦୋଳନର ରୂପ ନେଇଛି ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି। ଗଣଧାରଣା ସମୟରେ ଆନ୍ଦୋଳନକାରୀମାନେ ଏକ ସ୍ପଷ୍ଟ ଚେତାବନୀ ଦେଇଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ଯେପର୍ଯ୍ୟନ୍ତ ଏହି ଗୁରୁତର ସମସ୍ୟାର ସ୍ଥାୟୀ ସମାଧାନ ହୋଇନାହିଁ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ରାଜନୈତିକ ଚର୍ଚ୍ଚା ମଧ୍ୟ ଜୋର ଧରିଛି। ଏହି ବିକ୍ଷୋଭ ସମୟରେ ଏକ ପ୍ରତିବାଦ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନ୍ଦୋଳନକାରୀ ଓ ଅଭିଭାବକମାନଙ୍କ ସହ ଆଲୋଚନା କରିଥିଲେ। ସେ ସମସ୍ୟାର ଗମ୍ଭୀରତାକୁ ବୁଝିବା ସହ ଏହାର ଶୀଘ୍ର ସମାଧାନ ପାଇଁ ଉଚିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ।ଶିକ୍ଷା ବ୍ୟବସ୍ଥାରେ ସୁଧାର ନଆସିଲେ ଏବଂ ଅଭିଯୋଗ ଉପରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ, ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ ଓ ତୀବ୍ର କରାଯିବ ବୋଲି ପ୍ରତିବାଦକାରୀମାନେ ପ୍ରଶାସନକୁ ଚେତାବନୀ ଦେଇଛନ୍ତି।




## ହିନ୍ଦୋଳ ପୋଲିସର ଅତର୍କିତ ଚଢ଼ାଉ
## ୭ପେଟିରୁ ଉର୍ଦ୍ଧ ବିଦେଶୀ ମଦ ଜବତ

ହିନ୍ଦୋଳ(ମହାଭାରତ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଥାନା ବଳସର ଗାଁ ରେ ଆଜି ସନ୍ଧ୍ୟାରେ ହିନ୍ଦୋଳ ପୋଲିସ ର ଏକ ଟିମ ବିଶେଷ ସୂତ୍ରରୁ ଖବର ପାଇ ଅତର୍କିତ ଚଢ଼ାଉ କରିଥିଲା। ହିନ୍ଦୋଳ ଥାନା ଅଧିକାରିଣୀ ମମତା ସାମନ୍ତରାୟ ଙ୍କ ନେତୃତ୍ୱ ରେ ଏହି ଚଢ଼ାଉ ହୋଇଥିବା ବେଳେ ବଳସର ଗାଁ ର ଟୁଟୁ ସାମଲଙ୍କ ତେଜରାତି ଦୋକାନରୁ ୭ପେଟି ରୁ ଉର୍ଦ୍ଧ ବିଦେଶୀ ମଦ ଜବତ କରିବାସହ ଅଭିଯୁକ୍ତ ଟୁଟୁ ସାମଲକୁ ଗିରଫ କରି ଅଧିକ ପଚରାଉଚରା ଜାରି ରଖିଛି ହିନ୍ଦୋଳ ପୋଲିସ। ଦୀର୍ଘ ଦିନ ହେବ ଟୁଟୁ ବେଆଇନ ବିଦେଶୀ ମଦ କାରବାରରେ ଲିପ୍ତ ରହିଥିବା ପୋଲିସ ଖବର ପାଇଥିଲା। ହିନ୍ଦୋଳ ଅଞ୍ଚଳରେ ବେଆଇନ ଚୋରା ମଦ କାରବାର ଚାଲୁଥିବାବେଳେ ସ୍ଥାନୀୟ ଅବକାରୀ ବିଭାଗ ସ୍ଥାଣୁ ପାଲଟିଥିବା ବେଳେ ହିନ୍ଦୋଳ ପୋଲିସ ର ଏହି ଚଢ଼ାଉ ଆଗାମୀ ଦିନରେ ଜୋରଦାର ହେବ ବୋଲି  କହିଛନ୍ତି ଥାନା ଅଧିକାରିଣୀ ମମତା ସାମନ୍ତରାୟ।

## ଡାଗୱେଲରେ ବିଶାଳ ଜଙ୍ଗଲୀ ଭାଲୁ



କପ୍ତିପଦା(ମହାଭାରତ) :ଡାଗୱେଲରେ ପଡିଛି ବିଶାଳକାୟ ଭାଲୁ। କପ୍ତିପଦା ବନାଞ୍ଚଳ ଦିନାସାହି ଗ୍ରାମରେ ଜଣେ ବ୍ୟକ୍ତିଙ୍କ ବାଡ଼ିରେ ଥିବା ଡାଗୱେଲରେ ପଡିଛି ଜଙ୍ଗଲୀ ଭାଲୁ। ଭାଲୁଟି ଜଙ୍ଗଲ ରୁ ଆସି ପ୍ରଥମେ ଏକ ଛୋଟ କୂଅ ଭିତରେ ପଶିବା ପରେ ସେଠାରୁ ନିଜେ ବାହାରି ମହୁ ଖାଇଥିଲା। ଏବଂ ମହୁ ଖାଇ ଗ୍ରାମ ଆଡକୁ ଯିବା ସମୟରେ ଜଣେ ବ୍ୟକ୍ତିଙ୍କ ବାଡ଼ିରେ ଥିବା ଏକ ଡାଗୱେଲ ଭିତରେ ଭାଲୁଟି ଗଳି ପଡିଛି। ଭାଲୁଟି ପଡ଼ିଥିବା ଡାଗୱେଲଟି ଶୁଖିଲା ଥିବା ବେଳେ ବାହାରିବା ପାଇଁ ଭାଲୁଟି ଉଦ୍ୟମ କରିବା ସହିତ ହୁଙ୍କାର ମାରୁଛି। ଖବର ପାଇ ବନ ବିଭାଗ ଘଟଣାସ୍ଥଳରେ ପହଂଚିଥିବା ବେଳେ ଭାଲୁ ନିକଟକୁ ଲୋକଙ୍କୁ ଯିବାକୁ ବାରଣ କରିଛି। ପ୍ରାୟ ୧୫ ଫୁଟ ତଳେ ଭାଲୁ ଟି ରହିଥିବା ବେଳେ ତାକୁ ଉଦ୍ଧାର କରିବା ପାଇଁ ରାପିଡ଼ୁ ରେସପନ୍ସ ଟିମ ର ସହାୟତା ଲୋଡ଼ିଛି ବନ ବିଭାଗ। ଭାଲୁ ଦେଖିବା ପାଇଁ ଗ୍ରାମବାସୀ ସେଠାରେ ଭିଡ଼ ଜମାଇ ଥା ଦେଖିବାକୁ ମିଳିଛି।

## ଆହତ ହରିଣକୁ ଉଦ୍ଧାର କଲା ବନବିଭାଗ



କପ୍ତିପଦା(ମହାଭାରତ) :ହରିଣ ଗୁରୁତରୟ କେହି ହରିଣ କୁ ଧକ୍କା ଦେବା ଫଳରେ ହରିଣ ଟି ଗୁରୁତର ଅବସ୍ଥାରେ ପଡ଼ିଥିବା ବେଳେ ବନ ବିଭାଗ ତାକୁ ଉଦ୍ଧାର କରିଛି। ଉଦଳା ବନାଞ୍ଚଳ ଚୁଳିଆପୋଷି ଗ୍ରାମ ନିକଟରେ ଘଟିଛି ଏଭଳି ଘଟଣା। ଜଙ୍ଗଲ ରୁ ଖସି ଆସି ଜନବସତି ରେ ଗୋଟିଏ ହରିଣ ପଶିଥିବା ବେଳେ କେହି ବାଇକ ଆରୋହୀ ହରିଣ କୁ ଧକ୍କା ଦେଇଥିବା ଅନୁମାନ କରାଯାଉଛି। ଯାହା ଫଳରେ ହରିଣ ର ଗୋଡ଼ରେ ଗଭୀର ଆଘାତ ଲାଗିଥିବାରୁ ହରିଣ ଟି ରାସ୍ତା କଡ଼ରେ ପଡି ରହିଥିଲା। ସ୍ଥାନୀୟ ଲୋକେ ଆଜି ସକାଳେ ହରିଣ କୁ ଦେଖି ବନ ବିଭାଗ କୁ ଖବର ଦେଇଥିଲେ। ଖବର ପାଇ ଉଦଳା ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ହରିଣ କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଭେଟନାରୀ ନେଇଛି। ଚିକିତ୍ସା ପରେ ତାକୁ ଶିମିଳିପାଳରେ ଛାଡି ଦିଆଯିବ ବୋଲି କହିଛି ବନ ବିଭାଗ।

## ଜଗନ୍ନାଥ ଟ୍ରକ ମାଲିକ ସଙ୍ଘ ନିର୍ବାଚନ
### ଗୌତମ ସଭାପତି ଓ ବିଶ୍ୱରଞ୍ଜନ ସମ୍ପାଦକ ଭାବେ ନିର୍ବାଚିତ

ପାରାଦୀପ (ମହାଭାରତ)ପାରାଦୀପ  ଜଗନ୍ନାଥ ଟ୍ରକ ମାଲିକ ସଂଘ ର ନିର୍ବାଚନ ରବିବାର ଦିନ ସଙ୍ଘ କାର୍ଯ୍ୟାଳୟ ଠାରେ ଶାନ୍ତିପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଯାଇଛି । ଏଠାରେ ପ୍ରାର୍ଥୀ ଙ୍କ ମଧ୍ୟରେ କଡା ପ୍ରତିଦ୍ୱନ୍ଦିତା ଦେଖିବାକୁ ମିଳିଥିଲା । ଏହି ନିର୍ବାଚନରେ ସଭାପତି ଭାବେ ଗୌତମ କୁମାର ନାୟକ ୨୭୭ ଖଣ୍ଡ ଭୋଟ ପାଇ ଜୟଯୁକ୍ତ ହୋଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ସୁଧୀର କୁମାର ଜେନା ୨୬୦ ଖଣ୍ଡ ଭୋଟ ପାଇ ମାତ୍ର ୧୭ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ ହୋଇଥିଲେ । ସେହିପରି କାର୍ଯ୍ୟକାରୀ ସଭାପତି ଭାବେ ସରୋଜ ମହାପାତ୍ର ୨୮୨ ଭୋଟ, ଉପସଭାପତି ଭାବେ ଭଗବାନ ସ୍ୱାଇଁ ୨୮୭, ସମ୍ପାଦକ ଭାବେ ବିଶ୍ୱରଞ୍ଜନ ପଲାଇ ୨୮୮, ସହ-ସମ୍ପାଦକ ମନୋଜ କୁମାର ବିଶ୍ୱାଳ ୨୭୨, କୋଷାଧ୍ୟକ୍ଷ ଭାବେ ବଳରାମ ଦାସ ୨୬୯ ଖଣ୍ଡ ଭୋଟ ପାଇ ଜୟଯୁକ୍ତ ହୋଇଛନ୍ତି । ତେବେ ଦୀର୍ଘଦିନ ଧରି ସଂଘରେ ବିବାଦ ଲାଗି ରହିଥିବା ବେଳେ ଏଥର ନିର୍ବାଚନରେ ଉଭୟ ପ୍ୟାନେଲ ର ମିଶ୍ରିତ ଫଳାଫଳ ଦେଖିବାକୁ ମିଳିଛି ।

## ପୌର ପରିଷଦ ହରାଉଛି ଟିକସ
## ସହରର ବିଭିନ୍ନ ଜାଗାରେ  ଛକରେ  ମାଳ ମାଳ ବିଜ୍ଞାପନ ହୋଡିଂ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପରଲାଖିମୁଣ୍ଡି ପୌର ପରିଷଦ ଦୀର୍ଘ ଦିନ ହେଲା ଟିକସ ହରାଉଛି। ଏଥି ପ୍ରତି  ପୌର ପରିଷଦ ର ନିଘା ନାହିଁ କି ପଘା ନାହିଁ । ସହର ର ବିଭିନ୍ନ ପ୍ରମୁଖ  ଛକ ଗୁଡିକରେ  ବଡ ବଡ ହୋଡିଂ ରେ ବିଜ୍ଞାପନ ଲେଖା ଯାଉଛି ପ୍ରଚାର ପ୍ରସାର ସକାଶେ  କିନ୍ତୁ ବିନ  ଟିକସ ରେ ତାଙ୍କର ପ୍ରଚାର ପ୍ରସାର ହଉଅଛି । ଯାହା ଫଳରେ ଟିକସ ହରାଉଛି। ଏହି ବିଷୟରେ  ପୌର ପରିଷଦ କାର୍ଯ୍ୟ ନିର୍ବାହି ଙ୍କୁ ପଚାରିବାରୁ  ପୌର ପରିଷଦ ବୈଠକରେ  ଏହି ବିଷୟରେ  ଆଲୋଚନା ହୋଇ ଟିକସ ଧାର୍ଯ୍ୟ କରାଯିବ ବୋଲି  ପ୍ରକାଶ କରିଥିଲେ। ପାରଳାଖେମୁଣ୍ଡି ର ରାଜରାସ୍ତା ପାଲଟିଛି ଗାଇ ଗୁହାଳ ।ଗଜପତି ଜିଲ୍ଲା  ସଦର ମହକୁମା ପାରଳାଖେମୁଣ୍ଡି ର ରାଜ ରାସ୍ତା ପାଲଟିଛି  ଗାଇ ଗୁହାଳ ସବୁ ଜାଣି ପୌରପରିଷଦ ନିଦା ବିଷ୍ଣୁ ପାଲଟିଛି। ଯାହା ଦ୍ୱାରା ଟ୍ରାଫିକ ସମସ୍ୟା ସାଙ୍ଗକୁ  ଦୁର୍ଘଟଣା ଘଟୁଛି ।ସହର ରେ ଦିନକୁ ଦିନ  ବୁଲ। ଗାଇ ଗୋରୁ ,ଷଣ୍ଢ, କୁକୁର ଘୁଷୁରୀଙ୍କ ଉପଦ୍ରବ  ବଢ଼ିବାରେ ଲାଗିଛି, ସବୁ ଜାଣି ପୌରପରିସଦ କୌଣସି ପଦକ୍ଷେପ ନନେୟ ସମସ୍ତଙ୍କୁ ଚକିତ କରିଛି। ଏ ନେଇ ବରିଷ୍ଠ ନାଗରିକମାନେ ପୌର ପରିଷଦ କୁ ଅବଗତ କରାଇ ଥିଲେ  ମଧ୍ୟ କିଛି ପଦକ୍ଷେପ ନେଇ ନଥିବ। ଅଭିଯୋଗ ହେଉଛି।  ଗୃହ ପାଳିତ ପଶୁ ମାନଙ୍କ ର ମାଲିକ  ମାନେ ସବୁ ଜାଣି ନଜାଣିଲା ଭଳି ଚୁପ ରହିଥାନ୍ତି। କି ପୌର ପରିଷଦ କାଞ୍ଜିଆହୁଦାର ବ୍ୟବସ୍ଥା ନାହିଁ ଗାଇଗୋରୁ ଙ୍କ ସକାଶେ  ଯାହା ଫଳରେ ଶହରରେ ଟ୍ରାଫିକ ସମସ୍ୟା ଓ ଦୁର୍ଘଟଣା ଘଟୁଛି । ଓଡ଼ିଶାର ଦ୍ୱିତୀୟ ସର୍ବ ପୁରାତନ ପୌର ପରିଷଦ ର ବ୍ୟବସ୍ଥା ଏପରି ସମସ୍ତଙ୍କୁ ଚକିତ କରିଛି । ପାରଳାଖେମୁଣ୍ଡି ସହରରେ ଦିନକୁ ଦିନ  ମାଛ ମାଂସ ଦୋକାନ ଛତୁ ଫୁଟିଲା ଭଳି ଗଢି ଉଠିଛି,ପାରଳା ପୌର ପରିଷଦ ଟିକସ ଆଦାୟରେ ବାଉଳା, ଲଗାମ ଛଡ଼। କରିଛି ପୌର,ପରିସଦ ଅଙ୍କୁଶ ଲାଗିବ କେବେ ?ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ ଦିନକୁ ଦିନ ମାଛ ମାଂସ ଦୋକାନ ଛତୁ ଫୁଟିଲା ଭଳି  ଗଢି ଉଠିଛି ।ଏଥି ପ୍ରତି ପୌର ପରିଷଦର ଅଙ୍କୁଶ ନାହିଁ କେବଳ ଟିକସ ଆଦାୟ କରିବାରେ ବାଉଳୟ ସହରର ବିଭିନ୍ନ ଛକ ସାହି ଗଳି ରାସ୍ତା କଡରେ ଖୋଲା ଏହି ସବୁ ମାଛ ମାଂସ ବିକ୍ରି ଦୋକାନ। ଯାହା ଫଳରେ ଅପରିଷ୍କାର ଦୂଷିତ ହେବା ସାଙ୍ଗକୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ବଜାର ମଧ୍ୟରେ  ମାଛ ମାଂସ ଦୋକାନ  ଥାଇ ମଧ୍ୟ ରାସ୍ତା କଡରେ ଛତୁ ଫୁଟିଲା ଭଳି ମାଛ ମାଂସ ଦୋକାନ ଗଢି ଉଠିଛି ଏହା ଦ୍ୱାରା  ରାସ୍ତରେ ଯାଉ ଥିବା କୋମଳ ମତି ଶିଶୁଙ୍କ ଉପରେ ବା କୋମଳ ମତି ଛାତ୍ରଛାତ୍ରୀଙ୍କ ଉପରେ ଓ ସମାଜରେ ଏହାର କଣ ପ୍ରଭାବ ପଡ଼ିବ ପୌର ପରିଷଦ ଚିନ୍ତା କରିବା କଥା  ପୋର ପରିଷଦ କେବଳ ଟିକସ  ଆଦାୟ କରିବାରେ  ବଉଳା ଗଜପତି ଷ୍ଟାଡିୟମ ଠାରୁ ଆରମ୍ଭ କରି ସହରର ବିଭିନ୍ନ ଛକ ସାହିରେ ଦିନକୁ ଦିନ ଗଡି ଉଠୁଛି ।ସହରର ଗୋଟିଏ ସ୍ଥାନରେ ମାଛ ମାଂସ ବିକ୍ରୀ ବଟାକରିଲେ ଟ୍ରାଫିକ ସମସ୍ୟା ଦୂର ହେବା ସହ ମାଂସ କୁ ବିଭାଗ ଦ୍ୟାରୟ ପରୀକ୍ଷ କରୀ ବିକ୍ରୀ କରି ପାରିଲେ ଜନ ସାଧରଣ  ଉପକୃତ ହୋପାରିବେ ସହର ପରିବେଶ ପରିଷ୍କାର ପରିଚ୍ଛିନ୍ନତା ରହି ପାରିଥାନ୍ତୟ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି ।

## ଡାଲି କଟ୍‌ଲେଟ୍



**ଆବଶ୍ୟକ ସାମଗ୍ରୀ:**
ପାଣିରେ ଭିଜା ହୋଇରହିଥିବା ମସୁର ଡାଲି, ସିଝା ଆଳୁ, ବ୍ରେଡ୍ କ୍ରମ୍ସ, କଟା ଧନିଆପତ୍ର, କଟା ଅଦା, କଟା କଞ୍ଚାଲଙ୍କା, ଧନିଆ ପାଉଡର, ଗରମ ମସଲା, ହେଙ୍ଗୁ, ଲଙ୍କା ଗୁଣ୍ଡ, ଲୁଣ ଓ ତେଲ।

**ପ୍ରସ୍ତୁତି ପ୍ରଣାଳୀ:**
ପ୍ରଥମେ ଏକ ପାତ୍ରରେ ସିଝା ଆଳୁ, ଭିଜା ମସୁର ଡାଲି, ଲଙ୍କା ଗୁଣ୍ଡ, ଲୁଣ, ଗରମ ମସଲା, କଟା ଅଦା, କଟା ଧନିଆ ପତ୍ର, ଧନିଆ ପାଉଡର, ହେଙ୍ଗୁ ଓ କଟା କଞ୍ଚା ଲଙ୍କାକୁ ନେଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ବର୍ତ୍ତମାନ ଏହି ମିଶ୍ରଣକୁ ମନ ପସନ୍ଦର ଆକୃତି ଦେଇ ବ୍ରେଡ୍ କ୍ରମ ଲଗାଇ ରଖି ଦିଅନ୍ତୁ।
ଏବେ କଡ଼େଇରେ ତେଲ ଗରମ କରି ସେଗୁଡ଼ିକୁ ଛାଣିଦିଅନ୍ତୁ। ହାଲକା ଲାଲ୍ ହୋଇଗଲେ ସେଗୁଡ଼ିକୁ ଏକ ପ୍ଲେଟକୁ କାଢ଼ି ଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ମସୁର ଡାଲି କଟଲେଟ୍'। ଏହାକୁ ପୋଦିନା ଚଟଣୀ କିମ୍ବା ଟମାଟୋ ଓ ଚିଲି ସସ୍ ସହିତ ପରଷନ୍ତୁ।

### ····· ଖବର ······

## କୁମୁଡା ପାହାଡ଼ରେ ବିରାଜିତ ବାବା ଧବଳେଶ୍ୱର



ଟିଟିଲାଗଡ଼ ସହରର ଦକ୍ଷିଣ ଦିଗରେ ରହିଛି ଐତିହାସିକ କୁମୁଡା ପାହାଡ଼ । ଜନଶ୍ରୁତି ଅନୁସାରେ ଏହି କୁମୁଡା ପାହାଡ଼ ବଲାଙ୍ଗୀର ବା ପାଟଣା ରାଜ୍ୟର ଦୁର୍ଗ ଭଳି କାମ କରୁଥିଲା । ପ୍ରାୟ ଦୁଇଶହ ବର୍ଷ ପୂର୍ବେ ବଲାଙ୍ଗୀର ଓ କଳାହାଣ୍ଡି ସୀମାରେ ଥିବା ଏହି ପାହାଡ଼ ଅଞ୍ଚଳରେ କନ୍ଧ ଆଦିବାସୀମାନେ ଦେବୀପୂଜା କରି ବଳି ଦେଉଥିଲେ । ଏହି ବଳି ଯାତ୍ରା ଦେଖିବାକୁ ଆସିଥିବା ଅନ୍ତରାମ ପାଢ଼ୀ ନାମରେ ଜଣେ ବ୍ରାହ୍ମଣ ପାହାଡ଼ର ଗୁମ୍ଫାରେ ଶିବଲିଙ୍ଗକୁ ଆବିଷ୍କାର କରିଥିଲେ । ସେହି ଦିନ ଠାରୁ ତାଙ୍କ ବଂଶଧରମାନେ ଏହି ଶିବଲିଙ୍ଗକୁ ପୂଜା କରି ଆସୁଛନ୍ତି ।ଯିଏ ବାବା ଧବଳେଶ୍ୱର ଭାବେ ବିରାଜିତ। ଧବଳେଶ୍ୱର ମନ୍ଦିରକୁ ଯାଇ ପୂଜା କରିବା ଶ୍ରଦ୍ଧାଳୁଙ୍କ ପାଇଁ ସେତେ ସହଜ ନ ଥିଲା । ଗୁମ୍ଫା ଭିତରକୁ ଗୁରୁଣ୍ଡି ଗୁରୁଣ୍ଡି ଯିବାକୁ ପଡୁଥିଲା । ପରେ ଜଣେ ଶିଳ୍ପପତି ପାହାଡ଼କୁ ଖୋଦେଇ କରି ଛିଡା ହୋଇ ଯିବା ଆସିବା ପାଇଁ ସୁବିଧା କରିଥିଲେ ।ଆଜି ବି ମନ୍ଦିର ଭିତରେ ଅନେକ ଅନାବିସ୍କୃତ ଗୁମ୍ଫା ଦେଖିବାକୁ ମିଳେ । ବର୍ତ୍ତମାନ କିନ୍ତୁ ମନ୍ଦିରର ଅନେକ ପରିବର୍ତ୍ତନ ଆସିଲାଣି । ପ୍ରତ□ ବିଭାଗ ମଧ୍ୟ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ହାତକୁ ନେଇଛି । ବାବାଙ୍କ ପୀଠରେ ମହା ଶିବରାତ୍ରି ମେଳା ବେଶ ପ୍ରସିଦ୍ଧ ।୮ ଦିନ ଧରି ଚାଲୁଥିବା ଏହି ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଲୋକଙ୍କ ଭିଡ଼ ଜମେ ।ଶ୍ରାବଣ ସୋମବାରରେ ମଧ୍ୟ କାଉଡିଆ ଓ ଶ୍ରଦ୍ଧାଳୁମାନଙ୍କ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳେ ଯ ବାବାଙ୍କୁ ଭସ୍ମ ଆରତୀ ମଧ୍ୟ କରାଯାଉଛି । ଯାହା ଦେଖିଲେ ଆଖି ଲାଖିଯାଏ

## ଅନିତ୍ୟ ଜଗତରେ ଭଗବାନ ହିଁ ନିତ୍ୟ

ଆମ ଦେଶର ପ୍ରାଚୀନ ଋଷିଗଣ ଭଗବାନଲାଭକୁ ହିଁ ଜୀବନର ଲକ୍ଷ୍ୟ ବୋଲି କହି ଯାଇଛନ୍ତି। ଦୁଃଖ-କଷ୍ଟର ଅବସାନ ପାଇଁ ନିଜର ସ୍ୱରୂପ ଉପଲବ୍ଧି କରି ଶାନ୍ତି ଲାଭ କରିବା ପାଇଁ ସେମାନେ ଏହି ଆଦର୍ଶକୁ ଆମମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିଛନ୍ତି। ଏହି ଆଦର୍ଶ ଏତେ ପ୍ରାଣସ୍ପର୍ଶୀ ଯେ, ଏ ଦେଶର ଅସଂଖ୍ୟ ଉଚ୍ଚସ୍ତରର ମନୁଷ୍ୟ, ଏପରିକି ଅନେକ ରାଜା, ରାଜକୁମାର ଏବଂ ଜୀବନର ବିଭିନ୍ନ କ୍ଷେତ୍ରରେ ଅତି ଉନ୍ନତ ବ୍ୟକ୍ତିମାନଙ୍କ ହୃଦୟରେ ମଧ୍ୟ ତାହା ରେଖାପାତ କରିଛି। ସେମାନେ ସମସ୍ତେ ଭଗବାନଲାଭ ପାଇଁ ସର୍ବସ୍ୱ ତ୍ୟାଗ କରିଛନ୍ତି। ସେମାନେ ବୁଝିଥିଲେ, ଜଗତରେ କୌଣସି ବସ୍ତୁ ଚିରସ୍ଥାୟୀ ନୁହେଁ, ସମସ୍ତ ହିଁ ପରିବର୍ତ୍ତନଶୀଳ ଏବଂ ଏକମାତ୍ର ଭଗବାନ ହିଁ ନିତ୍ୟ ସତ୍ୟ। ଶ୍ରୀରାମକୃଷ୍ଣ କହୁଥିଲେ, 'ଯଦି ଜାଣନ୍ତି ଯେ ଜଗତଟା ନିତ୍ୟ, ତା'ହେଲେ କାମାରପୁକୁରକୁ ସୁନାରେ ଛାଉଣି କରିଦେଇ ଯାଆନ୍ତି। କିନ୍ତୁ ଦେଖୁଛି, ଜଗତଟା ଅନିତ୍ୟ।'

ରୂପ ଗୋସ୍ୱାମୀ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ଜନୈକ ବିଶିଷ୍ଟ ଶିଷ୍ୟ, ବୃନ୍ଦାବନରେ ବାସ କରୁଥିଲେ; ତାଙ୍କ ଭାଇ ବଙ୍ଗଳା ନବାବଙ୍କର ମନ୍ତ୍ରୀ ଥିଲେ ଏବଂ ବିଷୟ ସମ୍ପତ୍ତିରେ ବିଶେଷ ଭାବେ ଜଡ଼ିତ ହୋଇପଡ଼ିଥିଲେ। ତାଙ୍କ ପ୍ରତି ସ୍ନେହ ପରବଶ ହୋଇ ସେ ତାଙ୍କୁ ଗୋଟିଏ ଶ୍ଲୋକ ଲେଖି ପଠାଇଲେ, ଯାହାର ଅର୍ଥ ହେଲା; ଭାବିଦେଖ, ସେ ଅଯୋଧ୍ୟାପୁରୀ ବା କେଉଁଠି, ସେ ଦ୍ୱାରିକାପୁରୀ ବା କେଉଁଠି ? ପ୍ରକୃତରେ ଜାଣିବ ଏକମାତ୍ର ଭଗବାନଙ୍କ ବ୍ୟତୀତ ଜଗତରେ ଅନ୍ୟ ସବୁ ଅନିତ୍ୟ। ଏଥିରେ ତାଙ୍କ ଭାଇଙ୍କର ଆଖି ଖୋଲିଗଲା; ସେ ବଙ୍ଗଳାର ମନ୍ତ୍ରୀତ୍ୱ ଛାଡ଼ି ବୃନ୍ଦାବନକୁ ଚାଲିଗଲେ ଏବଂ ଭଗବାନଙ୍କୁ ପ୍ରତ୍ୟକ୍ଷ କରିବା ପାଇଁ ସାଧନାରେ ମଗ୍ନ ହେଲେ। ଏହି ଆଦର୍ଶ ଚିରଦିନ ଭାରତବାସୀଙ୍କ ମନରେ ରେଖାପାତ କରିଆସୁଛି। ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି, 'ଅନିତ୍ୟମସୁଖଂ ଲୋକମିମଂ ପ୍ରାପ୍ୟ ଭଜସ୍ୱ ମାମ୍।' 'ଯେଉଁ ଜଗତକୁ ଆସିଛ ତାହା ଅନିତ୍ୟ, ଆନନ୍ଦହୀନ, ମୋର ଭଜନ କର।' ପ୍ରକୃତରେ ଦେଖାଯାଉଛି, ଆମର ଶାସ୍ତ୍ର, ଋଷି, ଅବତାର ଓ ଆଚାର୍ଯ୍ୟଗଣ ସମସ୍ତେ ହିଁ କହିଛନ୍ତି - ବୈଷୟିକ ଜୀବନରେ ଶାନ୍ତିର ଆଶା କରନାହିଁ। ତା'ଠାରୁ ଅଲଗା ରହି ଆତ୍ମସ୍ୱରୂପ ଉପଲବ୍ଧି କରିବାକୁ ଏବଂ ଶାନ୍ତି ଲାଭ କରିବାକୁ ଚେଷ୍ଟା କର। ବିଷୟାବଦ୍ଧ ଜୀବନରେ କେବେ ହେଲେ ଶାନ୍ତି ଲାଭ ହୋଇପାରେ ନାହିଁ।

## ଶୋଇବାର ୩୦ ମିନିଟ ପୂର୍ବରୁ ଫୋନରୁ ଦୂରେଇ ରୁହନ୍ତୁ

ଗତ କିଛି ବର୍ଷର ସ୍ଥିତିକୁ ଅନୁଧ୍ୟାନ କଲେ ଜଣାପଡ଼ିଥାଏ, ପୂର୍ବେ ଲୋକ ଗପ ବହି, ପତ୍ରିକା ପଢ଼ି ଶୋଉଥିଲେ। ଏକବିଂଶ ଶତାବ୍ଦୀରେ କିନ୍ତୁ ୭୭%ରୁ ଅଧିକ ଲୋକ ସ୍ମାର୍ଟଫୋନ୍ ଦେଖିଦେଖି ଶୋଇଥାନ୍ତି। କେହି ସୋସିଆଲ୍ ସାଇଟରେ ଅନ୍-ଲାଇନ୍ ରହିବାବେଳେ ଅନ୍ୟ କେହି ସେଥିରେ ସିନେମା ଦେଖିଥାନ୍ତି। ବିଶେଷଜ୍ଞଙ୍କ ମତରେ ଏଭଳି କରୁଥିବା ବ୍ୟକ୍ତିମାନେ ଏବେଠାରୁ ସଚେତନ ହେବା ଜରୁରୀ। ନଚେତ ଆଗାମୀ ଦିନରେ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଅବନତି ହେବାର ଆଶଙ୍କା ଅଧିକ। ଶୋଇବାର ୩୦ ମିନିଟ୍ ପୂର୍ବରୁ ସ୍ମାର୍ଟଫୋନକୁ ଟେବୁଲ୍ ଉପରେ କିମ୍ବା ଶୋଇବା ଘର ଥାକରେ ରଖିବା ହିଁ ବୁଦ୍ଧିମାନର ପରିଚୟ।



● ୨୦୧୭ରେ ଇସ୍ରାଏଲର ଗବେଷକଙ୍କ ଅନୁଧ୍ୟାନରୁ ସ୍ପଷ୍ଟ ହୋଇଥିଲା ରାତିବେଳା ସ୍ମାର୍ଟଫୋନ୍ ଅଧିକ ସମୟ ଦେଖିଲେ ତାହା କାରଣରୁ ଆମେ ଅନିଦ୍ରା ହୋଇଥାଉ। ଏଥିରୁ ବାହାରୁଥିବା ଏକ ପ୍ରକାରର 'ସ୍ଲିପ୍ ହରମୋନ୍' ଆମ ନିଦ୍ରାରେ ବାଧା ସୃଷ୍ଟି କଲାବେଳେ ଆଖି ଲାଲ ହୋଇଥାଏ। ଏପରିକି ରାତିରେ ଅଧିକ ସମୟ ସ୍ମାର୍ଟଫୋନ୍ ଦେଖିଲେ, ସକାଳୁ ଆମକୁ ଥକ୍କା ମଧ୍ୟ ଲାଗେ।

● ଅନ୍ତଃରାଷ୍ଟ୍ରୀୟ କ୍ୟାନ୍ସର ରିସର୍ଚ୍ଚ ଏଜେନ୍ସିର ପରୀକ୍ଷଣ ଅନୁସାରେ, ସ୍ମାର୍ଟଫୋନରୁ ବାହାରୁଥିବା ରଶ୍ମି ଆମ ମସ୍ତିଷ୍କ ଓ କାନ ନିମନ୍ତେ କ୍ଷତିକାରକ। ଅଧିକ ସମୟ କଥାବାର୍ତ୍ତା ହେଲେ କିମ୍ବା ଦେଖିଲେ, ପରବର୍ତ୍ତୀ ସମୟରେ ମସ୍ତିଷ୍କ ଓ କାନରେ ଟ୍ୟୁମର୍ ହେବାର ଆଶଙ୍କା ବଢ଼େ। ସ୍ମାର୍ଟଫୋନରେ ଦିନକୁ ୨ ଘଣ୍ଟାରୁ ଅଧିକ ସମୟ ବାର୍ତ୍ତାଳାପ କରୁଥିବା ଲୋକଙ୍କ ଶ୍ରବଣ ଶକ୍ତି ମଧ୍ୟ କ୍ରମଶଃ ହ୍ରାସ ପାଉଥିବାର ଅନୁଧ୍ୟାନରୁ ସ୍ପଷ୍ଟ ହୋଇଛି।

● ୨୦୧୪ ଜୁଲାଇ ଆମେରିକାର ଡାଲାସରେ ଜଣେ ୧୩ ବର୍ଷୀୟ ବାଳକ ନିଜ ତକିଆତଳେ ମୋବାଇଲ୍ ରଖି ଶୋଇପଡ଼ିଥିଲେ। ହଠାତ୍ କୌଣସି କାରଣରୁ ମୋବାଇଲରେ ନିଆଁ ଲାଗିଯାଇଥିଲା।

● ୨୦୧୫ ମେରେ ସେହିପରି ଏକ ଦୁର୍ଘଟଣା ଆମେରିକାର ଏକ ସହରରେ ଘଟିଥିଲା। ଜଣେ ଯୁବକ ନିଜ ସ୍ମାର୍ଟଫୋନ୍ ଖଟ ଉପରେ ରଖି ଚାର୍ଜିଂ କରୁଥିବାବେଳେ ନିଆଁ ଲାଗି କକ୍ଷଟି ଭସ୍ମୀଭୂତ ହୋଇଗଲା।

## ଧନ ଓ ସୌଭାଗ୍ୟର ଦେବୀ

ଶାସ୍ତ୍ରରେ ମାତା ଲକ୍ଷ୍ମୀଙ୍କୁ ଧନ ଓ ସୌଭାଗ୍ୟର ଦେବୀ ବୋଲି କୁହାଯାଏ। । ଯେଉଁ ବ୍ୟକ୍ତିଙ୍କ ଉପରେ ମାତା ଲକ୍ଷ୍ମୀ ପ୍ରସନ୍ନ ହୋଇଥାନ୍ତି, ସେ ଧନବାନ ହୋଇଥାନ୍ତି। ଆଉ ଯେଉଁ ବ୍ୟକ୍ତିଙ୍କ ଉପରେ ମାତା ପ୍ରସନ୍ନ ନଥାନ୍ତି, ସେମାନେ ଯେତେ ଚେଷ୍ଟା କଲେ ମଧ୍ୟ ଧନବାନ ହୋଇପାରନ୍ତି ନାହିଁ । ଯେକୌଣସି ଦେବଦେବୀଙ୍କୁ ଆପଣ ପୂଜା କରନ୍ତୁ ସେହି ପୂଜାରେ କିଛି ନିୟମ ରହିଥାଏ। ଯାହାକୁ ମାନି ପୂଜା କରିବା ଦ୍ୱାରା ଭଗବାନ ଶୀଘ୍ର ପ୍ରସନ୍ନ ହୋଇଥାନ୍ତି। ଏମିତିରେ ଆମେ ସମସ୍ତ ଦେବଦେବୀଙ୍କ ସ୍ୱରୂପକୁ ମୂର୍ତ୍ତି ଆକାରରେ ଦେଖିଛେ। ସମସ୍ତଙ୍କ ଘରେ ପୂଜା ଘର ଅଛି। ଯେଉଁଠି ଆମେ ସମସ୍ତ ଦେବଦେବୀଙ୍କ ମୂର୍ତ୍ତି ସ୍ଥାପନା କରି ପୂଜା କରିଥାଉ। କିଛି ଦେବତାଙ୍କ ମୂର୍ତ୍ତିକୁ ଘରେ ରଖି ପୂଜା କରିବା ମନା କରାଯାଇଛି। ଯେପରି କି ଶନିଦେବ। ତେବେ ଅନ୍ୟ ଦେବଦେବୀଙ୍କ ମୂର୍ତ୍ତି ଘରେ ରଖି ପୂଜା କଲେ ମଧ୍ୟ ସମସ୍ତଙ୍କୁ ନେଇ କିଛି ନିୟମ ରହିଛି। ଆମେ ମନ ଇଚ୍ଛା କିଛି ବି ମୂର୍ତ୍ତି ଆଣି ଭଗବାନଙ୍କ ପୂଜା କରିବା



ଆଦୌ ଉଚିତ ନୁହେଁ। କାରଣ ଶାସ୍ତ୍ରରେ ତାହାକୁ ବାରଣ କରାଯାଇଛି। କିଛି ଜଣ ଅଛନ୍ତି ଯେଉଁମାନଙ୍କୁ ଏହା ସମ୍ପର୍କରେ ଜଣାନଥାଏ। ବଜାରରେ ଭଗବାନଙ୍କର ବିଭିନ୍ନ ପ୍ରକାରର ମୂର୍ତ୍ତି ଭିନ୍ନ ଭିନ୍ନ ଢଙ୍ଗରେ ତିଆରି ହୋଇ ବିକ୍ରି ହେଉଛି। ତେବେ ଭଗବାନଙ୍କର ଏମିତି କିଛି ରହିବା ସ୍ଥିତି ରହିଛି ଯାହାକୁ ନେଇ ଆମେ ପୂଜା କରିବା ଉଚିତ। ଆଜି ଜାଣିବା ମାତା ଲକ୍ଷ୍ମୀଙ୍କ କେଉଁ ମୂର୍ତ୍ତି ଘରେ ପୂଜା କରିବା ଉଚିତ।

ଲୋକମାନେ ମା' ଲକ୍ଷ୍ମୀଙ୍କର କୃପା ପାଇବା ପାଇଁ ବିଭିନ୍ନ ଉପାୟରେ ତାଙ୍କୁ ପ୍ରସନ୍ନ କରିବା ପାଇଁ ଚେଷ୍ଟା କରିଥାନ୍ତି। ଏହାପାଇଁ ଲୋକମାନେ ପୂଜା ଘରେ ମାତା ଲକ୍ଷ୍ମୀଙ୍କୁ ରଖି ପୂଜା କରିଥାନ୍ତି କିନ୍ତୁ ଦେବୀ ମୂର୍ତ୍ତି ରଖିବାର କ୍ଷତି ମଧ୍ୟ ହୋଇପାରେ ଯଦି ଆପଣ ତାହାକୁ ଠିକ୍ ଭାବରେ ନ ରଖନ୍ତି। ଆସନ୍ତୁ ଜାଣିବା ମାତା ଲକ୍ଷ୍ମୀଙ୍କ ମୂର୍ତ୍ତିକୁ ରଖିବାର ଠିକ୍ ଉପାୟ।

-ପୂଜା ଘରେ ମାତା ଲକ୍ଷ୍ମୀଙ୍କ ମୂର୍ତ୍ତି ନିଶ୍ଚିତ ଥାଏ। କିନ୍ତୁ ଅନେକ ଥର ଭୁଲବଶତଃ ଦେବୀ ଲକ୍ଷ୍ମୀଙ୍କର ଛିଡ଼ାଥିବା ଅବସ୍ଥାରେ ପ୍ରତିମା ରଖି ଦେଇଥାନ୍ତି, ଯାହାକୁ ରଖିବା ଉଚିତ ନୁହେଁ। ମାତାଙ୍କର ଏହି ରୂପରେ କରାଯାଉଥିବା ପୂଜା କୌଣସି ଫଳ ପ୍ରାପ୍ତି କରିନଥାଏ।

-ପୁରାଣ ଅନୁଯାୟୀ ଦେବୀ ଲକ୍ଷ୍ମୀ ଚଞ୍ଚଳ ଥାନ୍ତି ଏଥିପାଇଁ କେବେ ବି ତାଙ୍କର ଛିଡା ହୋଇଥିବା ଅବସ୍ଥାର ମୂର୍ତ୍ତି ରଖିବା ଉଚିତ ନୁହେଁ କାରଣ ସେ ସେହି ସ୍ଥାନରେ ଅଧିକ ସମୟ ଯାଏଁ ରହିପାରନ୍ତି ନାହିଁ। ସବୁବେଳେ ଘରେ ମାତା ଲକ୍ଷ୍ମୀଙ୍କର ବସିଥିବା ମୂର୍ତ୍ତି ରଖିବା ଉଚିତ।

-ମାତା ଲକ୍ଷ୍ମୀଙ୍କର ବାହନ ପେଚା ଏବଂ ସେ ମଧ୍ୟ ଚଞ୍ଚଳ ସ୍ୱଭାବର ହୋଇଥାଏ। ଏଥିପାଇଁ ଦେବୀ ଲକ୍ଷ୍ମୀଙ୍କ ମୂର୍ତ୍ତି କେବେବି ପେଚା ଉପରେ ବସିଥିବାର ରଖିବା ନାହିଁ।

-ଅଧିକାଂଶ ଘରେ ମାତା ଲକ୍ଷ୍ମୀଙ୍କ ମୂର୍ତ୍ତି ସହିତ ଭଗବାନ ଗଣେଶଙ୍କ ସହିତ ଦେଖିବାକୁ ମିଳିଥାଏ। ଏହିଭଳି ମୂର୍ତ୍ତି ରଖିବା ଭୁଲ ହୋଇଥାଏ। କାରଣ ମାତା ଲକ୍ଷ୍ମୀ ଭଗବାନ ବିଷ୍ଣୁଙ୍କର ପତ୍ନୀ ଅଟନ୍ତି ଏଥିପାଇଁ ମାତା ଲକ୍ଷ୍ମୀଙ୍କ ମୂର୍ତ୍ତି ସହିତ ବିଷ୍ଣୁଙ୍କ ମୂର୍ତ୍ତି ରଖିବା ଉଚିତ।

-ମାତା ଲକ୍ଷ୍ମୀଙ୍କୁ କେବେବି କାନ୍ଥ ସହିତ ଲାଗିକି ରଖିବା ଉଚିତ ନୁହେଁ। ବାସ୍ତୁରେ ଏହାକୁ ଦେଖଯାଇଥାଏ। ମୂର୍ତ୍ତି ଏବଂ କାନ୍ଥ ମଧ୍ୟରେ ଦୂର ରଖିବା ଉଚିତ।

-ଅନେକ ଲୋକ ନିଜ ପୂଜା ଘରେ ଦେବୀ ଲକ୍ଷ୍ମୀଙ୍କର ଏକରୁ ଅଧିକ ମୂର୍ତ୍ତି ବା ଫଟୋ ରଖିଥାନ୍ତି ଯାହାକୁ ଶାସ୍ତ୍ରରେ ବର୍ଜିତ ବୋଲି କୁହାଯାଏ।

## ସକାଳେ ନିୟମିତ ପିଅନ୍ତୁ ଜୁଆଣି ପାଣି

ଜୁଆଣି ଖାଇବା ପେଟ ପାଇଁ ବହୁତ ଭଲ। ଜୁଆଣି ପାଣି ପିଇବା ଦ୍ୱାରା ଗ୍ୟାସ୍, ବଦହଜମି, ପେଟ ଯନ୍ତ୍ରଣା ଏବଂ କୋଷ୍ଠକାଠିନ୍ୟ ଦୂର ହୋଇଥାଏ। ଜୁଆଣି ଆୟୁର୍ବେଦିକ ଗୁଣରେ ପରିପୂର୍ଣ୍ଣ। ଜୁଆଣି ପାଣି ସେବନ ଦ୍ୱାରା ଓଜନ ମଧ୍ୟ ନିୟନ୍ତ୍ରଣରେ ରହିପାରେ। ଜୁଆଣିରେ ପ୍ରୋଟିନ୍, ଫ୍ୟାଟ୍, ମିନେରାଲ୍ସ, ଫାଇବର ଏବଂ



କାର୍ବୋହାଇଡ୍ରେଟ୍ ରହିଛି। ଏହା ବ୍ୟତୀତ କ୍ୟାଲସିୟମ୍, ଥିଏମାଇନ୍, ରାଇବୋଫ୍ଲାଭିନ, ଫସଫରସ୍, ଆଇରନ୍ ଏବଂ ନିୟାସିନ୍ ମଧ୍ୟ ରହିଛି। ଜୁଆଣି ଖାଇବା ଦ୍ୱାରା ଶରୀରକୁ ଅନେକ ସ୍ୱାସ୍ଥ୍ୟ ସମସ୍ୟାରୁ ରକ୍ଷା ମିଳିଥାଏ। ଜୁଆଣି ପାଣିର କଣ କଣ ଉପକାରିତା ଅଛି ଆସନ୍ତୁ ଜାଣିବା

**କୋଲେଷ୍ଟ୍ରଲକୁ ନିୟନ୍ତ୍ରଣରେ ରଖେ:**
ଜୁଆଣିରେ ଆଣ୍ଟି-ହାଇପରଲିପିଡେମିକ୍ ଉପାଦାନ ରହିଛି। ଜୁଆଣି ପାଣି ପିଇବା ଦ୍ୱାରା ଶରୀରର କୋଲେଷ୍ଟ୍ରଲ, ଏଲଡିଏଲ- କୋଲେଷ୍ଟ୍ରଲ, ଟ୍ରାଇଗ୍ଲେସିରାଇଡ ଏବଂ ମୋଟ ଲିପିଡ କମିଯାଏ। ଏହା ହୃଦୟକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ।

**ମୋଟାପଣ କମ କରିଥାଏ:**
ଶରୀରର ଚର୍ବି ବୃଦ୍ଧି ହେତୁ ମେଦବହୁଳତା ସମସ୍ୟା ଦେଖାଦେଇଥାଏ। ମେଦବହୁଳତା ସମସ୍ୟାକୁ ହ୍ରାସ କରିବା ପାଇଁ ଜୁଆଣି ପାଣି ପିଇପାରିବେ। ସକାଳେ ଖାଲି ପେଟରେ ଜୁଆଣି ପାଣି ପିଇ ଓଜନ ସହଜରେ ନିୟନ୍ତ୍ରଣ କରିପାରିବେ।

**ଗ୍ୟାସ ସମସ୍ୟାରୁ ମୁକ୍ତି:**
ଖରାପ ଜୀବନଶୈଳୀ ଏବଂ ଅସ୍ୱାସ୍ଥ୍ୟକର ଖାଦ୍ୟ ଯୋଗୁଁ ଲୋକଙ୍କ ପେଟରେ ଗ୍ୟାସ ସମସ୍ୟା ଦେଖାଯାଏ। ଯଦି ଆପଣ ମଧ୍ୟ ଗ୍ୟାସ୍ ସମସ୍ୟାରେ ଅସୁବିଧାରେ ପଡ଼ନ୍ତି, ତେବେ ଜୁଆଣି ପାଣି ସେବନ କରିପାରିବେ। ଏହା ଗ୍ୟାସ ଏବଂ ପେଟ ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ।

**ମାସିକ ଋତୁସ୍ରାବ ଯନ୍ତ୍ରଣାରୁ ଆରାମ ଦେଇଥାଏ:**
ଜୁଆଣି ପାଣି ପିଇବା ମହିଳାମାନଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ପ୍ରମାଣିତ ହୋଇଥାଏ। ଏହା ମାସିକ ଋତୁସ୍ରାବ ସମୟରେ ହେଉଥିବା ପେଟ ଯନ୍ତ୍ରଣାରୁ ଆରାମ ଦେଇଥାଏ।

**ରକ୍ତ ସଞ୍ଚାଳନ ଉତ୍ତମ ରଖେ:**
ମହିଳାମାନଙ୍କ ଗର୍ଭଧାରଣ ପରେ ଶରୀରରେ ସମାନ ରକ୍ତ ସଞ୍ଚାଳନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଏ। ଏପରି ପରିସ୍ଥିତିରେ, ଯଦି ଆପଣ ଜୁଆଣି ପାଣି ସେବନ କରନ୍ତି ତେବେ ଏହି ସମସ୍ୟାରୁ ମୁକ୍ତି ପାଇପାରିବେ।

# ରାଜସ୍ଥାନ ରୟାଲ୍ସକୁ ୫ ୱିକେଟ୍‌ରେ ପରାସ୍ତ କଲା ଦିଲ୍ଲୀ କ୍ୟାପିଟାଲ୍ସ

ନୂଆଦିଲ୍ଲୀ: ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ୍)ର ୬୨ତମ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ବିଜୟୀ ହୋଇଛି। ରାଜସ୍ଥାନ ରୟାଲ୍ସକୁ ଦିଲ୍ଲୀ କ୍ୟାପିଟାଲ୍ସ ୫ ୱିକେଟ୍‌ରେ ପରାସ୍ତ କରିଛି। ଦିଲ୍ଲୀ ୧୯.୨ ଓଭରରେ ୫ଟି ୱିକେଟ୍ ହରାଇ ୧୮୭ ରନ୍ ସଂଗ୍ରହ କରିଛି। ଦଳ ପାଇଁ କେଏଲ୍ ରାହୁଲ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୪୨ଟି ବଲ୍ ଖେଳି ଗୋଟିଏ ଚୌକା ଏବଂ ୩ଟି ଛକା ବଳରେ ୫୬ ରନ୍ କରିଥିଲେ। ଅକ୍ଷର ପଟେଲ ଅପରାଜିତ ୩୪ ରନ୍ କରିଥିଲେ। ଦିଲ୍ଲୀ ୧୯୪ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା। ଅଭିଷେକ ପାରୋଲ ଏବଂ କେଏଲ୍ ରାହୁଲ ଶତକୀୟ ଭାଗିଦାରୀ କରିଥିଲେ। ଏଥିରୁ ଅଭିଷେକ କେବଳ ୫୧ ରନ୍ କରିଥିଲେ। ସେ ଆଉଟ୍ ହେବା ପୂର୍ବରୁ ୩୧ଟି ବଲ୍ ଖେଳି ୭ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ। ରାଜସ୍ଥାନର ଦ୍ୱିତୀୟ ଶିକାର ହୋଇଥିଲେ ସାହିଲ ପ୍ରକାଶ, ଯିଏ ମାତ୍ର ୯ ରନ୍ କରି ଆଉଟ୍ ହୋଇଥିଲେ।

ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଟସ୍ ଜିଣି ଦିଲ୍ଲୀ କ୍ୟାପିଟାଲ୍ସ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ରିୟାନ ପରାଗଙ୍କ ନେତୃତ୍ୱରେ ରାଜସ୍ଥାନ ବ୍ୟାଟିଂ କରିଥିଲା। ରିୟାନ ପରାଗ ଏବଂ ଧ୍ରୁବ ଜୁରେଲଙ୍କ ଅର୍ଦ୍ଧଶତକ ବଳରେ ରାଜସ୍ଥାନ ୨୦ ଓଭରରେ ୮ଟି ୱିକେଟ୍ ହରାଇ ୧୯୩ ରନ୍ ସଂଗ୍ରହ କରିଥିଲା।



ରାଜସ୍ଥାନ ପାଇଁ ଯୁବ ବ୍ୟାଟର ଯଶସ୍ୱୀ ଜୟସ୍ୱାଲ ଏବଂ ବୈଭବ ସୂର୍ଯ୍ୟବଂଶୀ ଇନିଂସ ଆରମ୍ଭ କରିଥିଲେ। ଉଭୟ ଖେଳାଳି ପ୍ରଥମ ୱିକେଟ୍ ପାଇଁ ୧୯ ରନ୍‌ର ଭାଗିଦାରୀ କରିଥିଲେ। ଜୟସ୍ୱାଲ ୯ଟି ବଲ୍‌ର ସାମ୍ନା କରି ୩ଟି ଚୌକା ବଳରେ ୧୨ ରନ୍ କରିଥିଲେ। ଧ୍ରୁବ ଜୁରେଲଙ୍କ ସହିତ ବୈଭବ ସୂର୍ଯ୍ୟବଂଶୀ ୭୦ ରନ୍‌ର ଭାଗିଦାରୀ କରିଥିଲେ।

ଦିଲ୍ଲୀର ଦ୍ୱିତୀୟ ଶିକାର ହୋଇଥିଲେ ବିସ୍ଫୋରକ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ। ସେ ଆଉଟ ହେବା ପୂର୍ବରୁ ବ୍ୟକ୍ତିଗତ ଭାବେ ୪୬ ରନ୍ ସଂଗ୍ରହ କରିଥିଲେ। ଏଥି ପାଇଁ ସେ ୨୧ଟି ବଲ୍ ଖେଳିଥିଲେ, ଯେଉଁଥିରେ ୫ଟି ଚୌକା ଏବଂ ୩ଟି ଛକା ସାମିଲ କରିଥିଲେ। ଅଧିନାୟକ ରିୟାନ ପରାଗଙ୍କ ବ୍ୟକ୍ତିଗତ ସ୍କୋର ୫୧ ରନ୍ ଥିଲା। ସେ ୨୬ଟି ବଲ୍ ଖେଳି ୩ଟି ଚୌକା ଏବଂ ୫ଟି ଛକା ମାରିଥିଲେ। ଧ୍ରୁବ ଜୁରେଲ ୪୦ଟି ବଲ୍ ଖେଳି ୫ଟି ଚୌକା ଏବଂ ୨ଟି ଛକା ବଳରେ ୫୩ ରନ୍ ସଂଗ୍ରହ କରିଥିଲେ। ମଧ୍ୟକ୍ରମର ବ୍ୟାଟର ଡୋନୋଭାନ ଫେରେରିଆ ଖାତା ଖୋଲିପାରି ନଥିଲେ। ଶୁଭମ ଦୁବେ ୯ଟି ବଲ୍ ଖେଳି ୫ ରନ୍ ସଂଗ୍ରହ କରିଥିଲେ। ଦିଲ୍ଲୀ ପାଇଁ ମିଚେଲ ଷ୍ଟାର୍କ ଶ୍ରେଷ୍ଠ ବୋଲିଂ କରିବା ସହିତ ୪ଟି ୱିକେଟ୍ ନେଇଥିଲେ। ଷ୍ଟାର୍କଙ୍କ ବ୍ୟତୀତ ଲୁଙ୍ଗି ଏନ୍‌ଗିଡି ଏବଂ ମାଧବ ତିୱାରି ୨ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ।

## ରାଜ୍ୟଗୋଷ୍ଠୀ ଚେସ୍ ସଂଘର ସଭାପତି ପଦ ବଜାୟ ରଖିଲେ ଭରତ ସିଂ

ନୂଆଦିଲ୍ଲୀ: ବରିଷ୍ଠ କ୍ରୀଡ଼ା ପ୍ରଶାସକ ଭରତ ସିଂ ଚୌହାନ ସର୍ବସମ୍ମତିକ୍ରମେ ଆଗାମୀ ୪ ବର୍ଷ ପାଇଁ ରାଜ୍ୟଗୋଷ୍ଠୀ ଚେସ୍ ସଂଘ (ସିସିଏ)ର ସଭାପତି ପୁନଃନିର୍ବାଚିତ ହୋଇଛନ୍ତି। ରବିବାର ଶ୍ରୀଲଙ୍କାର ୱାସାକାଦୁଆଠାରେ ଅନୁଷ୍ଠିତ ସିସିଏର ବାର୍ଷିକ ସାଧାରଣ ଅଧିବେଶନ ପରେ ଅନୁଷ୍ଠିତ ନିର୍ବାଚନରେ ଚୌହାନଙ୍କୁ ମନୋନୀତ କରାଯାଇଥିଲା।



ସେହିପରି ମାଲେସିଆର ଆଖ୍ରାମସ୍ୟା ମୁଆମାର ଉବେଦିସ ସାନୁସି ଉପସଭାପତି ଓ ଶ୍ରୀଲଙ୍କାର ଜି. ଲକ୍ଷ୍ମଣ ୱିଜେସୂର୍ଯ୍ୟା ମହାସଚିବ ନିଯୁକ୍ତ ହୋଇଛନ୍ତି। ଦକ୍ଷିଣ ଆଫ୍ରିକାର ଭିକ୍କି ମାଗୁ କୋଷାଧ୍ୟକ୍ଷ ମନୋନୀତ ହୋଇଛନ୍ତି। ୬୮ ବର୍ଷୀୟ ଚୌହାନ ଏବେ ଅନ୍ତର୍ଜାତୀୟ ଚେସ୍ ମହାସଂଘ( (ଫିଡେ)ର ପରାମର୍ଶଦାତା ବୋର୍ଡର ଅଧ୍ୟକ୍ଷ ଅଛନ୍ତି। ସେ ମଧ୍ୟ ଏସୀୟ ଚେସ୍ ସଂଘର ଉପସଭାପତି ଅଛନ୍ତି।

### ଇଗଲ କପ୍ କ୍ରିକେଟ୍

## ୱିଣ୍ଡ-୨୦୦୦ କଟକ ଚମ୍ପିୟାନ



ଖୋର୍ଦ୍ଧା,୧୮।୫: ସ୍ଥାନୀୟ ଇଗଲ କ୍ଲବ ପଡିଆରେ ଚାଲିଥିବା ୨୧ତମ ରାତ୍ରକାଳୀନ ଏକ ଦିବସୀୟ ଇଗଲ କପ୍ କ୍ରିକେଟ୍ ଟୁର୍ନାମେଂଟ ଉଦଯାପିତ ହୋଇଯାଇଛି । ଏଥିରେ କଟକ, ଭୁବନେଶ୍ୱର ଓ ଖୋର୍ଦ୍ଧାର ୮ଟି ବଛାବଛା ଦଳ ଅଂଶଗ୍ରହଣ କରିଥିଲେ । ତେବେ ସମସ୍ତ ଦଳକୁ ପଛରେ ପକାଇ କଟକର ଦୁଇଟି ଦଳ ମ୍ୟାଜିକ ଏକାଦଶ ଓ ୱିଣ୍ଡ-୨୦୦୦ ଫାଇନାଲକୁ ଉତୀର୍ଣ୍ଣ ହୋଇଥିଲେ । ତେବେ ଚିତାକର୍ଷକ ଫାଇନାଲରେ ମ୍ୟାଜିକ୍ ଏକାଦଶ ଦଳକୁ ହରାଇ ୱିଣ୍ଡ-୨୦୦୦ କଟକ ଦଳ ଚଳିତ ବର୍ଷର ଚମ୍ପିୟାନ ଆଖ୍ୟା ଅର୍ଜନ କରିଥିଲେ । ଟୁର୍ନାମେଂଟର ଉଦଘାଟନ ଭାବେ ପୂର୍ବତନ ପୌରାଧକ୍ଷ ସଂଯୁକ୍ତା ସାହୁ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ତଥା ଆୟୋଜକ କମିଟିର ସଂପାଦକ ଅଭିଶେକ ସିଂହସାମନ୍ତ, କାଉନସିଲର ପ୍ରବୀଣା ଜଗଦେବରାୟ, ଅନିଲ ରାମ ପ୍ରମୁଖ ଯୋଗଦେଇଥିଲେ । ରାତି ବଢିବା ସାଂଗକୁ ଆତାସବାଜି ଓ ଡିଜେ ସାଉଣ୍ଡର ତାଳେତାଳେ ଶତାଧିକ ଦର୍ଶକମାନେ ଖେଳର ବେଶ ମଜା ଉଠାଇଥିଲେ । ରବିବାର ରାତ୍ର ୩ଟାରେ ସମୟରେ ଆରମ୍ଭ ହୋଇଥିଲା ଇଗଲ କପ କ୍ରିକେଟର ୨୧ତମ ସଂସ୍କରଣର ଫାଇନାଲ ମ୍ୟାଚ । ମ୍ୟାଜିକ୍ ଏକଦଶ କଟକ ଦଳ ଟସରେ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତି ନେଇଥିଲେ । ଦଳ ନିର୍ଦ୍ଧାରିତ ୬ ଓଭରରେ ୪ଟି ୱିକେଟ୍ ହରାଇ ୧୪୫ରନ୍ କରିଥିଲେ । ଦଳ ଜବାବରେ ୱିଣ୍ଡ-୨୦୦୦ ଦଳ ୫.୧ ଓଭରରେ ଉଇକେଟ୍ ନହରାଇ ଆବଶ୍ୟକ ୧୪୬ରନ କରି ବିଜୟ ଘୋଷିତ ହୋଇଥିଲେ । ଦଳ ପକ୍ଷରୁ ଅଭିଷେକ ବେହେରା ୨୨ଟି ବଲରେ ଅପରାଜିତ ୧୦୪ରନ କରିଥିଲେ । ଫାଇନାଲ ମ୍ୟାଚକୁ ବିରଞ୍ଚି ନାରାୟଣ ଜେନା ଓ ଦିଗନ୍ତ ରାଉତରାୟ ପରିଚାଳନା କରିଥିବା ବେଳେ, ଟୁର୍ନାମେଂଟକୁ ସଫଳ କରିବାକୁ କ୍ଲବର ସମସ୍ତ ସଦସ୍ୟମାନେ ସହଯୋଗ କରିଥିଲେ । ସେହିପରି ସ୍କର ଲେଖିବାରେ ନୂତନକ୍ରାନ୍ତି ପାଲ ଓ ଭାଷ୍ୟକାର ଭାବରେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ସହାୟତା କରିଥିଲେ। ଉଦଯାପନୀ ଉତ୍ସବରେ ଖୋର୍ଦ୍ଧାର ପୂର୍ବତନ ବିଧାୟକ ତଥା ଇଗଲ କ୍ଲବର ସଭାପତି ରାଜେନ୍ଦ୍ର କୁମାର ସାହୁ, କାଉନସିଲର ଅମୀୟ ମହାନ୍ତି, ନାଗଭୂଷଣ ଜେନା, ଅଭିଶେଷ ସିଂହସାମନ୍ତ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ । ସେହିପରି ଟୁର୍ନାମେଂଟର ଶ୍ରେଷ୍ଠ ଖେଳାଳୀ ଓ ଫାଇନାଲର ଶ୍ରେଷ୍ଠ ଖେଳାଳୀ ଭାବେ ଅଭିଷେକ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା ।

# ଦିଲ୍ଲୀଠାରୁ ପରାସ୍ତ ହେବା ପରେ ନିଜ ଟିମ ସଦସ୍ୟଙ୍କ ଉପରେ ବର୍ଷିଲେ ପରାଗ

ନୂଆଦିଲ୍ଲୀ: ରାଜସ୍ଥାନ ରୟାଲ୍ସ ଅଧିନାୟକ ରିୟାନ ପରାଗଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ପରାଜୟ ପରେ ନିଜ ଦଳ ପ୍ରତି ଅସନ୍ତୋଷ ପ୍ରକାଶ କରିଥିଲେ। ପ୍ଲେଅଫ୍ ଦୌଡ଼ରେ ଏକ ଦୃଢ଼ ସ୍ଥିତିରେ ଥିବା ରାଜସ୍ଥାନ ଦିଲ୍ଲୀ ବିପକ୍ଷରେ ଏତେ ଖରାପ ପ୍ରଦର୍ଶନ କରିଥିଲା ଯେ ଏହା ଅଧିନାୟକଙ୍କୁ ଗଭୀର ନିରାଶ କରିଥିଲା। ମ୍ୟାଚ୍ ପରେ ପରାଗ ସ୍ପଷ୍ଟ ଭାବରେ କହିଥିଲେ ଯେ ଯଦି ଦଳ ଏହିପରି ଖେଳିବାକୁ ଜାରି ରଖେ, ତେବେ ଏହା ଶୀର୍ଷ ଚାରିଟିରେ ସ୍ଥାନ ପାଇବା ପାଇଁ ଯୋଗ୍ୟ ନୁହେଁ। ଦିଲ୍ଲୀ କ୍ୟାପିଟାଲ୍ସ ରାଜସ୍ଥାନ ଦ୍ୱାରା ନିର୍ଦ୍ଧାରିତ ୧୯୪ ରନ୍ ର ଟାର୍ଗେଟକୁ ୧୯.୨ ଓଭରରେ ହାସଲ କରିଥିଲା। ରାଜସ୍ଥାନର ବୋଲିଂ ଏବଂ କ୍ଷେତ୍ରରକ୍ଷଣ ଉଭୟ ଅତ୍ୟନ୍ତ ଦୁର୍ବଳ ଥିଲା, ଯାହା କାରଣରୁ ମ୍ୟାଚ୍ ପରେ ଅଧିନାୟକଙ୍କ କ୍ରୋଧ ସ୍ପଷ୍ଟ ଭାବରେ ଦେଖାଯାଉଥିଲା।

ରିୟାନ ପରାଗ ସ୍ୱୀକାର କରିଥିଲେ ଯେ ମ୍ୟାଚ୍ ରେ ଗୋଟିଏ ସମୟରେ ତାଙ୍କ ଦଳ ଏକ ଦୃଢ଼ ସ୍ଥିତିରେ ଥିଲା। ସେ କହିଛନ୍ତି ଯେ ଦଳ ପ୍ରଥମ ୧୪ ଓଭର ପାଇଁ ଏକ ବଡ଼ ସ୍କୋର ଆଡକୁ ଗତି କରୁଥିଲା, କିନ୍ତୁ ସେ ଆଉଟ୍ ହେବା ପରେ ବ୍ୟାଟିଂ ଗତି ଭୁଶୁଡ଼ି ପଡ଼ିଥିଲା। ପରାଗଙ୍କ ଅନୁଯାୟୀ, ପିଚ୍ ରେ, ରାଜସ୍ଥାନ ଅତି କମରେ ୨୨୦ ରୁ ୨୩୦ ରନ୍ ପର୍ଯ୍ୟନ୍ତ ପହଞ୍ଚିବା ଉଚିତ ଥିଲା। ତଥାପି,



ଦଳ ଶେଷ ଓଭରରେ ସେହି ଗତି ବଜାୟ ରଖିପାରିଲା ନାହିଁ। ଅଧିନାୟକ ସ୍ପଷ୍ଟ ଭାବରେ କହିଥିଲେ ଯେ ବ୍ୟାଟସମ୍ୟାନମାନେ ଭଲ ଆରମ୍ଭକୁ ବଡ଼ ସ୍କୋରରେ ପରିଣତ କରିବାରେ ବିଫଳ ହୋଇଥିଲେ, ଯାହା ଦଳକୁ ମହଙ୍ଗା ପଡ଼ିଥିଲା। ରାଜସ୍ଥାନର ପରାଜୟର ସବୁଠାରୁ ବଡ଼ କାରଣ ଥିଲା ଖରାପ ବୋଲିଂ ଏବଂ ଫିଲ୍ଡିଂ। ଦିଲ୍ଲୀର ବ୍ୟାଟସମ୍ୟାନମାନେ ସହଜରେ ସ୍କୋର କରିଥିଲେ, ଯେତେବେଳେ ରାଜସ୍ଥାନର ବୋଲରମାନେ ଚାପ ସୃଷ୍ଟି କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିଲେ। ମ୍ୟାଚ୍ ପରେ, ରିୟାନ ପରାଗ କହିଥିଲେ ଯେ ଦଳର କ୍ଷେତ୍ରରକ୍ଷଣ ପ୍ରଦର୍ଶନ ଅତ୍ୟନ୍ତ ଖରାପ ଥିଲା, ଏବଂ ଏପରି ପ୍ରଦର୍ଶନ ସହିତ ଆଇପିଏଲ ଭଳି ଏକ ପ୍ରମୁଖ ଲିଗରେ ଟ୍ରଫି ଜିତିବା ଅସମ୍ଭବ। ସେ ସ୍ୱୀକାର କରିଥିଲେ ଯେ ଗତ କିଛି ମ୍ୟାଚ୍ ରେ ଦଳର ପ୍ରଦର୍ଶନ ଆଶା ଅନୁଯାୟୀ ହୋଇନାହିଁ।

ମ୍ୟାଚ୍ ସମୟରେ ଡୋନୋଭାନ ଫେରେରାଙ୍କୁ ବଲ୍ ଦେବା ନିଷ୍ପତ୍ତିକୁ ନେଇ ବହୁତ ଆଲୋଚନା କରାଯାଇଥିଲା। ଅନେକ ପ୍ରଶଂସକ ଏବଂ କ୍ରିକେଟ ବିଶେଷଜ୍ଞ ଏହାକୁ ଏକ ବିପଦପୂର୍ଣ୍ଣ ପଦକ୍ଷେପ ବୋଲି କହିଥିଲେ। ତଥାପି, ପରାଗ ତାଙ୍କ ନିଷ୍ପତ୍ତିକୁ ନେଇ କହିଥିଲେ ଯେ ସେତେବେଳେ କ୍ରିଜରେ ଦୁଇଜଣ ବାମହାତୀ ବ୍ୟାଟସମ୍ୟାନ ଥିଲେ ଏବଂ ସେ ଅନୁଭବ କରିଥିଲେ ଯେ ଏହି ବିକଳ୍ପ ଭଲ ହେବ। ସେ ସ୍ୱୀକାର କରିଥିଲେ ଯେ ରଣନୀତି ସଫଳ ହୋଇନଥିଲା, କିନ୍ତୁ ଦଳକୁ ରିସ୍କ ନେବାକୁ ପଡିବ।

## ପ୍ରଭଞ୍ଜନ ଓଡିଶା ମୁଖ୍ୟ କୋଚ୍ ନିଯୁକ୍ତ

ଭୁବନେଶ୍ୱର,୧୮/୦୫: ଓଡିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ଆଗାମୀ ବିସିସିଆଇ ଘରୋଇ କ୍ରିକେଟ୍ ସିଜନ ୨୦୨୬-୨୭ ପାଇଁ ପୂର୍ବତନ କ୍ରିକେଟ୍‌ର ପ୍ରଭଞ୍ଜନ ମଲ୍ଲିକଙ୍କୁ ଓଡିଶା ସିନିୟର ଦଳର ମୁଖ୍ୟ କୋଚ୍ ନିଯୁକ୍ତ କରିଛି । ସେ ପୂର୍ବରୁ ଓଡିଶା ୧୯ବର୍ଷରୁ କମ୍ ଦଳର ମୁଖ୍ୟ କୋଚ୍ ଥିଲେ । ତାଙ୍କ ଅଧିନରେ ଓଡିଶା ଦଳ ଭିନୁ ମଙ୍କଡ ଟ୍ରଫି ୨୦୨୫-୨୬ ସିଜନରେ କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଥିଲା । ପୂର୍ବରୁ ସେ ୫ବର୍ଷ ଧରି ଓଡିଶା ସିନିୟର ଦଳର ଚୟନକର୍ତ୍ତା ଭାବେ କାର୍ଯ୍ୟ କରିଥିଲେ । ସେହିପରି ଶାନ୍ତନୁ ଘୋଷ ଓଡିଶା କ୍ରିକେଟ୍ ଏକାଡେମୀର ବୈଷୟିକ ନିର୍ଦ୍ଦେଶକ ନିଯୁକ୍ତ ହୋଇଛନ୍ତି । ସେ ଏବେ ବିସିସିଆଇର ସେଣ୍ଟର ଅଫ୍ ଏକ୍ସଲେନ୍ସ (ସିଓଇ) ଏଲିଟ୍ ଶିବିର (୧୯ବର୍ଷରୁ କମ୍ ବାଳକ)ରେ ସ୍ପିନ ବୋଲିଂ କୋଚ୍ ଭାବେ କାର୍ଯ୍ୟ କରୁଛନ୍ତି । ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉଭୟ ପ୍ରଭଞ୍ଜନ ଓ ଶାନ୍ତନୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଉମା ହେଲେ ପ୍ରଥମ ଓଡିଆ ମହିଳା 'ଆଇରନମ୍ୟାନ', ରାଜ୍ୟ ପାଇଁ ଆଣିଲେ ଗୌରବ



ଭୁବନେଶ୍ୱର,୧୮/୦୫: ଆମେରିକାର ଜାକସନଭିଲରେ ଆୟୋଜିତ 'ଆଇରନ୍‌ମ୍ୟାନ୍ ' ପ୍ରତିଯୋଗିତାରେ ୩.୮ କି.ମି ସନ୍ତରଣ, ୧୮୦ କି.ମି ସାଇକେଲ ଚାଳନା ଏବଂ ୪୨ କି.ମି ଦୌଡକୁ ୪୦ ବର୍ଷୀୟା ଉମା ହାଜରା ୧୬ ଘଣ୍ଟା ୫୩ ମିନିଟ୍ ୧୬ ସେକଣ୍ଡରେ ସମ୍ପନ୍ନ କରିଥିଲେ । ଏଥିସହ ସେ 'ଆଇରନମ୍ୟାନ' ହେବାର ଗୌରବ ଲାଭ କରିଛନ୍ତି ।ଉମା ଭୁବନେଶ୍ୱରରେ ନିଜର ପ୍ରାରମ୍ଭିକ ଶିକ୍ଷା ପରେ ଆଇଟିଇଆରରୁ ଇଞ୍ଜିନିୟରିଂ ଏବଂ ପରେ ଇନ୍‌ଫୋସିସ୍‌ରେ ସଫ୍ଟୱେର ଇଞ୍ଜିନିୟର କାର୍ଯ୍ୟ ଆରମ୍ଭ କରିଥିଲେ । ସେ ଏବେ ଆମେରିକାରେ ଏକ କମ୍ପାନୀରେ କାର୍ଯ୍ୟ କରୁଛନ୍ତି । ଉମା ଜଣେ ଓଡିଶୀ ନୃତ୍ୟାଙ୍ଗନା ମଧ୍ୟ । ତାଙ୍କ ସ୍ୱାମୀ ବିଶ୍ୱଜିତ୍ ମିଶ୍ର ଏବଂ ୯ ବର୍ଷର ପୁଅ ଏହି ସଫଳତା ପାଇଁ ବେଶ ଖୁସି ପ୍ରକାଶ କରିଛନ୍ତି । ଇନ୍‌ଫୋସିସ୍‌ରେ ବୃତ୍ତିଗତ ଜୀବନ ଆରମ୍ଭ କରି ଏବେ ଆମେରିକାରେ କାର୍ଯ୍ୟରତ ଅଛନ୍ତି। ଉମା ମଧ୍ୟ ଜଣେ ଓଡିଶୀ ନୃତ୍ୟାଙ୍ଗନା ଭାବେ ପରିଚିତା। ତାଙ୍କ ସଫଳତାରେ ସ୍ୱାମୀ ବିଶ୍ୱଜିତ୍ ମିଶ୍ର ଏବଂ ୯ ବର୍ଷୀୟ ପୁଅ ଖୁସି ଜାହିର କରିଛନ୍ତି। ପଶ୍ଚିମବଙ୍ଗର ମୂଳ ବାସିନ୍ଦା ପରିବାରରୁ ଆସିଥିଲେ ମଧ୍ୟ ଉମାଙ୍କ ସଫଳତା ଅନେକ ଓଡିଆ ଝିଅଙ୍କ ପାଇଁ ପ୍ରେରଣା ହେବ ବୋଲି ବିଶ୍ୱାସ କରାଯାଉଛି।

## ଟ୍ୱେଣ୍ଟି-୨୦ ଫର୍ମାଟ୍‌ରେ ଖେଳାଯିବ ଘରୋଇ ୨୩ ବର୍ଷରୁ କମ୍ ପ୍ରତିଯୋଗିତା !

ନୂଆଦିଲ୍ଲୀ: ଆସନ୍ତା ଘରୋଇ ଋତୁ (୨୦୨୬-୨୭)ରେ କେତେକ ପରିବର୍ତ୍ତନ ଆଣିବାକୁ ଯାଉଛି ବିସିସିଆଇ। ସୂଚନା



ଅନୁସାରେ ଜାତୀୟ ୨୩ ବର୍ଷରୁ କମ ୫୦ ଓଭର ବିଶିଷ୍ଟ ପ୍ରତିଯୋଗିତାକୁ ଟ୍ୱେଣ୍ଟି-୨୦ରେ ପରିବର୍ତ୍ତନ କରାଯାଇପାରେ। ଏ ନେଇ ବୋର୍ଡ ବିଭିନ୍ନ ରାଜ୍ୟ ସଂଘ ଓ ଅନ୍ୟ ଅଂଶୀଦାରମାନଙ୍କ ମତ ଲୋଡ଼ିଛି। ସେମାନଙ୍କ ମତାମତ ମିଳିବା ପରେ ଏ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। 'ଷ୍ଟେଟ୍ 'ଏ' ଚାମ୍ପିଅନସିପ୍' ଭାବେ ପରିଚିତ ଏହି ଜାତୀୟ ପ୍ରତିଯୋଗିତା ଏଲିଟ୍ ଓ ପ୍ଲେଟ୍ ଡିଭିଜନ୍‌ରେ ବିଭକ୍ତ ହୋଇଛି। ଗତ ବର୍ଷ ନଭେମ୍ବର-ଡିସେମ୍ବରରେ ଅନୁଷ୍ଠିତ ଏହି ପ୍ରତିଯାଗିତାରେ ତାମିଲନାଡୁ ଏଲିଟ୍ ଡିଭିଜନ୍‌ର ବିଜେତା ଥିବାବେ ମେଘାଳୟ ପ୍ଲେଟ୍ ଡିଭିଜନ୍‌ର ଚାମ୍ପିଅନ ହୋଇଥିଲା। ସେହିପରି ତାମିଲନାଡୁ ମଧ୍ୟ ବହୁଦିବସୀୟ ସିକେ ନାଇଡୁ ଟ୍ରଫିର ଚାମ୍ପିଅନ ରହିଛି।

## ଶ୍ରେୟସ୍‌ଙ୍କ ଉପରେ ରାଗିଗଲେ ପ୍ରୀତି ଜିଣ୍ଟା

ନୂଆଦିଲ୍ଲୀ,୧୮।୫: ରବିବାର ଧର୍ମଶାଳାରେ ପଞ୍ଜାବ କିଙ୍ଗ୍‌ସ ପୁଣି ଥରେ ପରାଜୟ ବରଣ କରିବା ପରେ ଏହାର ସହ-ମାଲିକାଣୀ ଭୀଷଣ ଅସନ୍ତୁଷ୍ଟ ଥିବା ଦେଖାଯାଇଥିଲା । ପଡ଼ିଆ ମଧ୍ୟରେ ହିଁ ସେ ଅଧିନାୟକ ଶ୍ରେୟସ୍ ଆୟରଙ୍କ ସହ ଉଚ୍‌ଚସ୍ୱରରେ କିଛି କହୁଥିବା ଦେଖାଯାଇଥିଲା । କିନ୍ତୁ ସେ କ'ଣ କହିଥିଲେ ତାହା ଜଣାପଡ଼ିନାହିଁ । ଗୋଟିଏ ପଟେ ଏହି ଘଟଣା ଚାଲିଥିବାବେଳେ ଅନ୍ୟପଟେ ଦଳର ମୁଖ୍ୟ ପ୍ରଶିକ୍ଷକ ରିକି ପଣ୍ଟିଂ ଅତ୍ୟନ୍ତ ଉଦାସ ମନରେ ବସିଥିବା ଦେଖାଯାଇଥିଲା । ସେ ଦଳର ପ୍ଲେଅଫ୍ ସମ୍ଭାବନାକୁ ନେଇ ହତାଶ ହୋଇପଡ଼ିଥିବା ଲାଗୁଥିଲା । ତେବେ ଏହି ଘଟଣାଟିର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି । ଲୋକମାନେ ଏହି ଘଟଣାକୁ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସ ମାଲିକ ସଂଜୀବ ଗୋଏଙ୍କା ପଡ଼ିଆ ଭିତରେ ଋଷଭ ପନ୍ତଙ୍କ ସହ କରିଥିବା ଉଚ୍‌ଚବାଚ ପ୍ରକରଣକୁ ମନେ ପକାଇଛନ୍ତି ।

ଚଳିତ ଆଇପିଏଲ୍‌ର ପ୍ରଥମ ପର୍ଯ୍ୟାୟରେ ପଞ୍ଜାବ କିଙ୍ଗ୍‌ସ ଲଗାତାର ସାତଟି ବିଜୟ ସହ ଅପରାଜେୟ ମନେ ହୋଉଥିଲା । କିନ୍ତୁ ଗତ ଛ'ଟି ମ୍ୟାଚ୍‌ରେ ଦଳ ଲଗାତାର ପରାଜୟ ବରଣ କରିଛି । ଏହା ଫଳରେ ଦଳର ପ୍ଲେଅଫ୍ ଆଶା ସୂତାଖିଅରେ ଝୁଲୁଛି । ଗତ ପ୍ରାୟ ଏକ ମାସ ହେଲା ଦଳ ୧୩ ପଏଣ୍ଟରେ ସ୍ଥିର ରହିଯାଇଛି । ଏବେ କିଛି ଚମତ୍କାର ହିଁ ଏହି ଦଳକୁ ପ୍ଲେଅଫ୍‌କୁ ନେଇପାରିବ ।

# ବୈଭବ ସୂର୍ଯ୍ୟବଂଶୀଙ୍କ ବଡ଼ କୀର୍ତ୍ତିମାନ

ନୂଆଦିଲ୍ଲୀ,୧୮।୫: ବୈଭବ ସୂର୍ଯ୍ୟବଂଶୀ ତାଙ୍କର ଛୋଟ ଓଟଖ କ୍ୟାରିୟର ମଧ୍ୟରେ ଅନେକ ରେକର୍ଡ ସ୍ଥାପନ କରିସାରିଛନ୍ତି। ତାଙ୍କ କ୍ୟାରିୟରରେ ସୂର୍ଯ୍ୟବଂଶୀ ଚୌକା ଅପେକ୍ଷା ଅଧିକ ଛକା ମାରିଛନ୍ତି। ବର୍ତ୍ତମାନ ଓଟଖ ୨୦୨୬ରେ, ସେ ଛକା ସମ୍ପର୍କରେ ଏକ ବଡ଼ ରେକର୍ଡ ସ୍ଥାପନ କରିଛନ୍ତି। ଗୋଟିଏ ଓଟଖ ସିଜିନରେ ସର୍ବାଧିକ ଛକା ମାରିଥିବା ଭାରତୀୟ ବ୍ୟାଟସମ୍ୟାନ ହେବାର ରେକର୍ଡ ବର୍ତ୍ତମାନ ବୈଭବ ସୂର୍ଯ୍ୟବଂଶୀଙ୍କ ନାମରେ ଅଛି। ଏବେ ପର୍ଯ୍ୟନ୍ତ ଗୋଟିଏ ଓଟଖ ସିଜିନରେ ଜଣେ ଭାରତୀୟ ବ୍ୟାଟସମ୍ୟାନଙ୍କ ଦ୍ୱାରା ସର୍ବାଧିକ ଛକା ମାରିବାର ରେକର୍ଡ ଅଭିଷେକ ଶର୍ମାଙ୍କ ନାମରେ ଥିଲା। ଅଭିଷେକ ଓଟଖ ୨୦୨୪ରେ ମୋଟ ୪୨ ଛକା ମାରିଥିଲେ। ବୈଭବ ସୂର୍ଯ୍ୟବଂଶୀ ବର୍ତ୍ତମାନ ତାଙ୍କୁ ପଛରେ ପକାଇ ଦେଇଛନ୍ତି, ଆଇପିଏଲ୍୨୦୨୬ରେ ପୂର୍ବରୁ ୪୩ ଛକା ମାରିସାରିଛନ୍ତି।



ଆଇପିଏଲ୍୨୦୨୬ ସିଜିନରେ ସର୍ବାଧିକ ଛକା ମାରିବା କ୍ଷେତ୍ରରେ, ବୈଭବ ସୂର୍ଯ୍ୟବଂଶୀ (୪୩) ଆଗରେ ଅଛନ୍ତି। ଦ୍ୱିତୀୟ ସ୍ଥାନରେ ଅଛନ୍ତି ଅଭିଷେକ, ଯିଏ ଏପର୍ଯ୍ୟନ୍ତ ୩୭ଟି ଛକା ମାରିଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସର ରିଆନ ରିକେଲଟନ ମଧ୍ୟ ଚଳିତ ସିଜିନରେ ୩୭ଟି ଛକା ମାରିଛନ୍ତି ।ଗୋଟିଏ ଆଇପିଏଲ୍‌ସିଜିନରେ ସର୍ବାଧିକ ଛକା ମାରିଥିବା ଭାରତୀୟ। ୪୩ଟି ଛକା – ବୈଭବ ସୂର୍ଯ୍ୟବଂଶୀ (ଆଇପିଏଲ୍୨୦୨୬)

୪୨ଟି ଛକା – ଅଭିଷେକ ଶର୍ମା (ଆଇପିଏଲ୍୨୦୨୪)

୩୯ଟି ଛକା – ଶ୍ରେୟସ ଆୟର (ଆଇପିଏଲ୍୨୦୨୫)

୩୮ଟି ଛକା – ବିରାଟ କୋହଲି (ଆଇପିଏଲ୍୨୦୧୬)

୩୮ଟି ଛକା – ବିରାଟ କୋହଲି (ଆଇପିଏଲ୍୨୦୨୪)

ବୈଭବ ସୂର୍ଯ୍ୟବଂଶୀଙ୍କ ଛୋଟ ଓଟଖ କ୍ୟାରିୟରରେ ଏପର୍ଯ୍ୟନ୍ତ ୧୯ଟି ମ୍ୟାଚରେ ୭୩୮ ରନ କରିଛନ୍ତି, ତାଙ୍କର ପ୍ରଭାବଶାଳୀ ହାର ୩୮.୮୪ ରହିଛି। ୧୫ ବର୍ଷୀୟ ବୈଭବଙ୍କ ନାମରେ ତିନୋଟି ଅର୍ଦ୍ଧଶତକ ଏବଂ ଦୁଇଟି ଶତକ ମଧ୍ୟ ଅଛି। ମାତ୍ର ୧୯ ମ୍ୟାଚ ବିଶିଷ୍ଟ କ୍ୟାରିୟର ମଧ୍ୟରେ ସେ ୬୭ଟି ଛକା ଏବଂ ୬୧ଟି ଚୌକା ମାରିଛନ୍ତି। ଏପର୍ଯ୍ୟନ୍ତ ଖେଳାଯାଇଥିବା ଦୁଇଟି ସିଜିନରେ ସେ ଗୋଟିଏ ଶତକ ହାସଲ କରିଛନ୍ତି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL iµû\K: iêeRòZþ Kêcûe ]k